R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୫
ତିଥି : ଚତୁର୍ଥୀ
୧୧ ମେ' ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 215
11 May 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore


## ଆମ ଲକ୍ଷ୍ୟ ଓଡ଼ିଶା ନଂ 1



ବିଜୁ ଜନତା ଦଳ

## ଲୋକଙ୍କ ଘୋଷଣାପତ୍ର - ୨୦୨୪



### ଯୁବବର୍ଗ

- ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବାରେ ଓଡ଼ିଶା ହେବ ପ୍ରଥମ ରାଜ୍ୟ।
- ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ୧ ହଜାର କୋଟି ବଜେଟ୍ ଉପରେ ନିଜ ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।



### ସହରୀକରଣ

- ଚାରୋଟି ମେଗା ଅର୍ବାନ କ୍ଲଷ୍ଟର ଏବଂ ୨୦ଟି ଅତିରିକ୍ତ ସହରର ବିକାଶ କରାଯିବ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ରୂପେ ବିକଶିତ କରାଯିବ।
- ଭୁବନେଶ୍ୱର-କଟକ ମେଟ୍ରୋ ପ୍ରୋଜେକ୍ଟରେ ପୁରୀ ଏବଂ ଖୋର୍ଦ୍ଧାକୁ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ସମସ୍ତ ପ୍ରମୁଖ ସହରମାନଙ୍କୁ ଯୋଡ଼ିବ ଲକ୍ଷ୍ମୀ ବସ୍।
- ୨୦ଟି ସହରକୁ ବିମାନ ସେବା ଦ୍ୱାରା ସଂଯୋଗ କରାଯିବ।



### ନିବେଶ ଏବଂ ଅର୍ଥନୈତିକ ବିକାଶ

- ନୂତନ ଟେକ୍ନୋଲୋଜି ଏବଂ ଅର୍ଥନୀତି ସହ ସେମିକଣ୍ଡକ୍ଟର ହବ୍, ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଉପରେ ବିଶେଷ ଧ୍ୟାନ ଦିଆଯିବ।
- ରାଜ୍ୟରେ ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବାର ପ୍ରକ୍ରିୟା ଆହୁରି ସୁଦୃଢ଼ କରାଯିବ।
- ନୂତନ ଟେକ୍ନିକାଲ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହେବ।
- ୧୦୦ଟି ପରିବେଶ ଅନୁକୂଳ(eco-friendly) ପର୍ଯ୍ୟଟନ ସ୍ଥଳର ବିକାଶ କରାଯିବ।



### ଶକ୍ତି ନିରାପତ୍ତା

- ପ୍ରତି ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିନା ମୂଲ୍ୟରେ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ପ୍ରାୟ ୯୦% ପରିବାର ହେବେ ଉପକୃତ।



### ମଧ୍ୟବିତ୍ତ

- ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଯୋଗ୍ୟ ସହରାଞ୍ଚଳ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ସୁଧ ଉପରେ ରିହାତି ମିଳିବ।
- ସହରାଞ୍ଚଳକୁ ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତଙ୍କ ପାଇଁ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।



### ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ସାମାଜିକ ସୁରକ୍ଷା ପେନସନ।
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।
- BSKYର ପରିସରକୁ ବୃଦ୍ଧି କରାଯାଇ ତୃଣମୂଳସ୍ତରର ମହିଳା କର୍ମଚାରୀଙ୍କୁ ସାମିଲ୍ କରାଯିବ।



### ସାମାଜିକ ନିରାପତ୍ତା

- ୧ ଲକ୍ଷ ଯୋଗ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧,୦୦,୦୦୦ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ଯୋଗାଇ ଦିଆଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ।



### ଚାଷୀ

- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ବିରତି ସମୟରେ ମତ୍ସ୍ୟଜୀବୀମାନଙ୍କୁ ୧୫,୦୦୦ ଟଙ୍କାର ସହାୟତା ମିଳିବ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।



### ଭାଷା, ଐତିହ୍ୟ ଓ ସଂସ୍କୃତି

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ ପାଣ୍ଠି କରାଯିବ।

5T ନବୀନ ଗ୍ୟାରେଣ୍ଟି

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ** ଲୋକସଭା ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

# ଛୁଆମାନଙ୍କ ପାଇଁ ଡାଏଟ୍



ଜଣେ ମା' ପାଇଁ ସବୁଠାରୁ କଷ୍ଟ କାମ ହୋଇଥାଏ ତାର ଛୁଆକୁ ଖାଇବାକୁ ଦେବା । ଖାଇବା ସମୟରେ ପିଲାମାନେ ଅନେକ ହଇରାଣ କରନ୍ତି । ଏହି କାରଣରୁ ଅନେକ ସମୟରେ ସେମାନଙ୍କ ପ୍ରୋଟିନ ଅଧୁରା ରହିଯାଏ । ସେମାନଙ୍କୁ ଉପଯୁକ୍ତ ପୋଷଣ ମିଳିପାରି ନଥାଏ । ତେଣୁ ବିଭିନ୍ନ ସମୟରେ ସେମାନେ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରିଥାଆନ୍ତି । ତେବେ ଏହି ସମୟରେ କେତେକ ଟ୍ରିକ ରହିଛି, ଯାହାକୁ ଫଲୋ କରି ଆପଣ ଆପଣଙ୍କ ଶିଶୁକୁ ଏକ ଭଲ ହେଲ୍‌ଦି ଲାଇଫଷ୍ଟାଇଲ୍ ଦେଇପାରିବେ ।

**ବାଲାନ୍ସ ଡାଏଟ୍–** ନିଜ ପିଲାଙ୍କୁ ସବୁବେଳେ ଚେଷ୍ଟା କରନ୍ତୁ ଏକ ବାଲାନ୍ସ ଡାଏଟ୍ ଦେବା ପାଇଁ । ଏଥିରେ ଗ୍ରେନ୍, ପରିବା, ଫଳ, ଆଦି ସାମିଲ କରନ୍ତୁ । ଯେପରି ପିଲାଙ୍କୁ ଉଚିତ୍ ମାତ୍ରାରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଆଇରନ୍, କ୍ୟାଲସିଅମ, ହେଲ୍‌ଦି ଫ୍ୟାଟ୍ ମିଳିପାରିବ ।

**ହାଇଡ୍ରେଟ ରଖନ୍ତୁ–** ସବୁବେଳେ ପିଲାଙ୍କୁ ପାଣି ପିଇବା ପାଇଁ ସଚେତନ କରନ୍ତୁ । ସେମାନେ କିଭଳି ଅଧିକ ପାଣି ପିଇବେ ସେ ନେଇ ଧ୍ୟାନ ଦିଅନ୍ତୁ । ପାଣି ଛଡା ସେମାନଙ୍କୁ ଜୁସ, ପଇଡ ପାଣି, ପାଣି ଜାତୀୟ ଫଳ ଖାଇବାକୁ ଦିଅନ୍ତୁ ।

**ଜଙ୍କ ଫୁଡ ଠାରୁ ଦୂରେଇ ରଖନ୍ତୁ–** ସବୁବେଳେ ସେମାନଙ୍କୁ ଜଙ୍କ ଫୁଡଠାରୁ ଦୂରରେ ରଖନ୍ତୁ । କିଭଳି ସେମାନେ ଏହି କ୍ରେଭିଂରୁ ଦୂରରେ ରହିବେ ସେ ନେଇ ଧ୍ୟାନ ଦିଅନ୍ତୁ । ସେମାନଙ୍କୁ ବାହାରେ ପରିବର୍ତ୍ତେ ଘରେ ଖାଦ୍ୟ ଖାଇବାର ଅଭ୍ୟାସରେ ପକାନ୍ତୁ ।

**ଦିଅନ୍ତୁ ସବୁ ପୋଷଣ–** ପିଲାଙ୍କୁ ସବୁବେଳେ ଖାଦ୍ୟରେ କିଭଳି ସମସ୍ତ ପୋଷଣ ଦେବେ ସେନେଇ ଚିନ୍ତା କରନ୍ତୁ । ସେମାନଙ୍କ ଖାଦ୍ୟରେ ପ୍ରୋଟିନ୍ ଓ ଭିଟାମିନସର ମାତ୍ରାକୁ ସଠିକ ମାତ୍ରାରେ ରଖନ୍ତୁ । ଯେପରି ପିଲାଙ୍କୁ ପୂର୍ଣ୍ଣ ପୋଷଣ ମିଳିବ ।

# ଖରାବେଳେ ଶୋଇବା ଭଲ

ସାଧାରଣତଃ ଖାଇ ସାରିବା ପରେ ଆମକୁ ଅଳସୁଆ ଲାଗିଥାଏ । ତେଣୁ ଖାଇ ସାରିବା ପରେ ଅଳ୍ପ ସମୟ ଶୋଇବାକୁ ଇଚ୍ଛା ହୋଇଥାଏ । ତେବେ ଏହି ଶୋଇବାର ଆମ ସ୍ୱାସ୍ଥ୍ୟ ଉପରେ ମଧ ଭଲ ପ୍ରଭାବ ରହିଛି । ଆସନ୍ତୁ ଜାଣିବା କଣ ଏହି ପ୍ରଭାବ ।

**ଷ୍ଟ୍ରେସ କମ ହୋଇଥାଏ–** ଖାଇବା ପରେ ଶୋଇବା ଫଳରେ ଆମର ଷ୍ଟ୍ରେସ କମ ହୋଇଥାଏ । ଏହା ଆମ ମାନସିକ ସ୍ୱାସ୍ଥ୍ୟ ଉପରେ ଖୁବ ଭଲ ପ୍ରଭାବ ପକାଇଥାଏ । ଏହା ଆମର ମୁଡକୁ ଠିକ୍ କରିବାରେ ବିଶେଷଭାବେ ସହାୟକ ହୋଇଥାଏ । ଏହା ଦ୍ୱାରା ଚିଡଚିଡାପଣ ଦୂର ହୋଇଥାଏ ଏବଂ ମନ ଭଲ ରହିଥାଏ ।

**ବ୍ରେନ୍ ହେଲ୍‌ଥ–** ବ୍ରେନ୍ ହେଲଥ ପାଇଁ ଏହା ବିଶେଷଭାବେ ସହାୟକ ହୋଇଥାଏ । ଅଳ୍ପ ସମୟ ଶୋଇବା ଦ୍ୱାରା ବ୍ରେନ୍‌ର ଫଙ୍କସନ୍ ଏନ୍‌ହାନ୍ସ ହୋଇଥାଏ । ସ୍ମରଣ ଶକ୍ତି ବଢିଥାଏ । ବିଭିନ୍ନ ସମସ୍ୟା ସମାଧାନ କରିବାରେ ସହାୟକ ହୋଇଥାଏ ।




# ଆଖିରେ ଦେଖିଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ

ଖୁବ କମ ଲୋକ ଏବେ ଅଛନ୍ତି ଯେଉଁମାନେ ଆଖିରେ ବିଶ୍ୱଯୁଦ୍ଧ ଦେଖିଛନ୍ତି । ସେହିଭଳି ଜଣେ ବ୍ୟକ୍ତି ହେଲେ ଆମେରିକାର ମହିଳା ହେଲେନ୍ ମାରିଆ ହୋର୍‌ଭାତ୍ । ତାଙ୍କର ୧୦୨ ତମ ଜନ୍ମ ଦିନରେ ତାଙ୍କୁ ଆମେରିକା ଏୟାର ଲାଇନ୍ ପକ୍ଷରୁ ଟ୍ରିବ୍ୟୁଟ୍ ପ୍ରଦାନ କରାଯାଇଛି । ବୃଦ୍ଧାଙ୍କର ୧୦୨ ତମ ଜନ୍ମଦିନ ଅବସରରେ ଏୟାର ଲାଇନ୍ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି । ତାଙ୍କୁ ବେଲୁନ୍ ସହିତ ଆମେରିକୀୟ ପତାକା ଓ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଏହାକୁ ସୋସିଆଲ ମିଡିଆରେ ମଧ ପୋଷ୍ଟ କରାଯାଇଛି, ଯାହା ଖୁବ ଅଧିକମାତ୍ରାରେ ଲାଇକ୍ ସେୟାର ହେବାରେ ଲାଗିଛି । ହେଲେନ୍ ମଧ ଏଭଳି ସରପ୍ରାଇଜ୍ ପାଇଁ ଖୁବ ଖୁସି ବ୍ୟକ୍ତ କରିଛନ୍ତି । ସେ ୧୯୪୩ରେ ଆମେରିକାର ଓ୍ୱିମେନ୍ ଆର୍ମି ଅକ୍ସିଲାରୀରେ ଯୋଗ ଦେଇଥିଲେ । ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜଣେ ନର୍ସ ଭାବେ ଲୋକଙ୍କର ସେବା କରିଥିଲେ । ତାଙ୍କୁ ସେତେବେଳେ ମାତ୍ର ୨୧ ବର୍ଷ ବୟସ ହୋଇଥିଲା । ତାଙ୍କର ଏହି ମହତ କାମ ପାଇଁ ୟୁଏସ୍ ଏୟାର ଲାଇନ୍ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛି ।




## ସୋସିଆଲ କୋଟ୍ସ



କ୍ୟାରିୟରରେ ଅନେକ ସଂଘର୍ଷ କରିଛି । ପାଖରେ ପଇସା ନଥିଲା ଘର ଭଡା ଦେବାକୁ । ଯାହା ଫଳରେ ରୁମ୍ ମେଟ୍ ମୋତେ ଘରୁ ବାହାର ମଧ କରିଦେଇଥିଲା ।

**ଅନୁଜ ଶର୍ମା, ଅଭିନେତା**



ମୁଁ ଅଭିନୟ ପାଇଁ ଅନେକ କଷ୍ଟ କରିଛି । ପ୍ରଥମ ପ୍ରଥମରୁ ପାଖାପାଖି ୭୦ କିମି ଯିବା ଆସିବା କରୁଥିଲି । ସେହିଭଳି ଏଭଳି ଏକ ସମୟ ଆସିଲା ଯେତେବେଳେ ମୋ ପାଖରେ ୧୮ ଟଙ୍କା ଥିଲା ଆକାଉଣ୍ଟରେ ।

**ରାଜକୁମାର ରାଓ, ଅଭିନେତା**



ବର୍ତ୍ତମାନ ବଲିଉଡ୍‌ରେ ଫ୍ଲପ ଫିଲ୍ମର ସଂଖ୍ୟା ବଢି ଚାଲିଛି । ଯେଉଁ କାରଣରୁ ପୂରା ଇଣ୍ଡଷ୍ଟ୍ରୀ ଚିନ୍ତାରେ ଅଛି । କୌଣସି ଷ୍ଟାର ନିଜ କ୍ୟାରିୟରକୁ ନେଇ ପଜେଟିଭ ନାହାନ୍ତି ।

**ତନିଷା ମୁଖାର୍ଜୀ, ଅଭିନେତ୍ରୀ**

## ଇତିହାସ

୧୯୧୨– ସାହିତ୍ୟିକ ସଆଦତ ହସନ ମଣ୍ଟୋଙ୍କ ଜନ୍ମ ।
୧୯୨୨– ରେଡ଼ିଓ ଷ୍ଟେସନ କେଜିୟୁର ପ୍ରସାରଣ ଆରମ୍ଭ ।
୧୯୨୫– ଭୟଙ୍କର ଘୂର୍ଣ୍ଣିବାତ୍ୟା ଯୋଗଁ ବାଂଲାଦେଶରେ ୧୭୦୦୦ ଲୋକଙ୍କ ମୃତ୍ୟୁ ।
୧୯୫୦– ବଲିଉଡ୍ ଅଭିନେତା ସଦାଶିବ ଓମରାପୁରକରଙ୍କ ଜନ୍ମ ।
୧୯୫୧– ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ ।
୧୯୫୫– ଇଜରାଏଲର ଗାଜା ଆକ୍ରମଣ ।
୧୯୬୦– ବଜାରକୁ ଆସିଲା ପ୍ରଥମ ଗର୍ଭନିରୋଧକ ବଟିକା ।
୧୯୯୮– ରାଜସ୍ଥାନର ପୋଖରନରେ ୩ ପରମାଣୁ ପରୀକ୍ଷଣ ।
୧୯୯୮– ୟୁରୋପରେ ୟୁରୋ (ମୁଦ୍ରା)ର ପ୍ରଥମ ପ୍ରଚଳନ ।
୨୦୦୦ – ଜନସଂଖ୍ୟା ଘଡ଼ି ଅନୁସାରେ ଭାରତ ଜନସଂଖ୍ୟା ୧ ଆରବ ପାର୍ ।

# ସୁଟିଂ ସମୟରେ ଥିଲେ ଡିପ୍ରେସନରେ



ହୀରାମଣ୍ଡି ୱେବସିରିଜକୁ ନେଇ ବର୍ତ୍ତମାନ ଅନେକ ଚର୍ଚ୍ଚା ହେଉଛି । ଏଥିରେ ଅଭିନୟ କରିଥିବା ଷ୍ଟାରକାଷ୍ଟମାନେ ସିରିଜ୍‌କୁ ନେଇ ନିଜର ଅନୁଭୂତି ବର୍ଣ୍ଣନା କରିବାରେ ଲାଗିଛନ୍ତି । ନିକଟରେ ମନୀଷା କୋଇରାଲା ହୀରାମଣ୍ଡିର ସେଟ୍ କଥା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ହୀରାମଣ୍ଡି ସୁଟିଂ ସମୟରେ ସେ ଡିପ୍ରେସନରେ ଥିବା ଏହି ସାକ୍ଷାତକାର ପ୍ରକାଶ କରିଛନ୍ତି । ତାଙ୍କର ଏହି ସମୟରେ ଅଧିକ ପରିମାଣରେ ମୁଡ ସୁଇଂ ହେଉଥିବା ସେ କହିଛନ୍ତି । ହେଲେ ସେ ଏହି ସିରିଜ୍‌ରେ ଅଭିନୟ କରିବାକୁ ବେଶ୍ ଉତ୍ସୁକଥିଲେ ତେଣୁ ଏହି ସବୁ ହେଲ୍‌ଥ ଇସୁ ତାଙ୍କୁ କୌଣସି ସମସ୍ୟାରେ ପକାଇ ନଥିବା ମନୀଷା କହିଛନ୍ତି । ସେ ଏହି ସିରିଜ୍ ଅଭିନୟ କରି ଖୁବ ଖୁସି ଥିବାବେଳେ ଅନେକ କିଛି ଶିଖିଛନ୍ତି ମଧ ।

# ଟ୍ରାନ୍ସଜେନିକ୍ ସୋୟାବିନ୍

ବର୍ତ୍ତମାନ ଲାବ୍‌ଗ୍ରୋନ୍ ମିଟ୍‌ର କ୍ରେଜ୍ ଧୀରେଧୀରେ ବଢିବାରେ ଲାଗିଛି । ଯେଉଁଥି ପାଇଁ ଅନେକ ସମୟରେ ଏହାକୁ ନେଇ ବିଭିନ୍ନ ଏକ୍ସପେରିମେଣ୍ଟ କରାଯାଉଛି । ତେବେ ଲାବ୍‌ଗ୍ରୋନ୍ ମିଟ୍‌ର ଦାମ ଏହାକୁ କିଣିବାକୁ ଚାହୁଁଥିବା ଲୋକଙ୍କ ପାଇଁ ବାଧକ ସାଜୁଛି । ଏକ ବ୍ରିଟିଶ ଷ୍ଟାର୍ଟଅପ କମ୍ପାନୀ ଏହାର ଅଲଟର୍‌ନେଟିଭ୍ ଭାବେ ଟ୍ରାନ୍ସଜେନିକ୍ ସୋୟାବିନ୍ ଉଦ୍ଭାବନ କରିଛନ୍ତି । ଏହାର ଦାମ ଖୁବ କମ ରହିଛି, ଯାହାକୁ ସମସ୍ତେ କିଣି ପାରିବେ । ସେମାନେ ସୋୟାବିନ୍ ଗଛରେ ଘୁଷୁରୀର ଜିନ୍‌କୁ ଇନ୍‌ସଟ କରିଥିଲେ । ଏହି ପରୀକ୍ଷଣକୁ କମ୍ପାନୀର ଗ୍ରୀନ ହାଉସ୍‌ରେ କରାଯାଇଥିଲା । ଏଥିର ପ୍ରସ୍ତୁତ ସୋୟାବିନ୍‌ରେ ୨୬ ପ୍ରତିଶତ ପିଗି ସୋୟା ନାମକ ଏକ ଆନିମଲ ପ୍ରୋଟିନ ରହୁଛି । ଏହି ଗଛ ଗୁଡିକୁ ସହଜରେ କୃଷକଙ୍କ ସହାୟତାରେ ବଡ କରିହେବ ବୋଲି କମ୍ପାନୀ ପ୍ରକାଶ କରିଛି । ଏହି ସୋୟାବିନ୍ ଯେଉଁମାନେ ମାଂସ ଖାଇବାକୁ ଭଲ ପାଉଛନ୍ତି ହେଲେ ଖାଉ ପାରୁନାହାନ୍ତି ସେମାନଙ୍କ ପାଇଁ ଖୁବ ଭଲ ଅପସନ୍ ହେବ ।



# ବିଚକ୍ଷଣ ବୁଦ୍ଧିମାନ

ବିଭିନ୍ନ ରେକର୍ଡ ବିଷୟରେ ସୋସିଆଲ ମିଡିଆରେ ସବୁବେଳେ ଚର୍ଚ୍ଚା ହୋଇଥାଏ । ସେହିଭଳି ଏକ ରେକର୍ଡକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । ୟୁକେର ଜଣେ ୧୬ ବର୍ଷୀୟ ବାଳକ ଏଡାନ୍ ଗ୍ରିଞ୍ଜର ବିଶ୍ୱ ପରିଚିତ ମେଗାମିଁକ୍ସ ୟୁରୋପିଆନ ରେକର୍ଡକୁ ନିଜ ନାମରେ କରିଛନ୍ତି । ମେଗାମିଁକ୍ସ ହେଉଛି ଏକ ୨ ଟିକିଆ ପଜଲ୍, ଯାହାକୁ ବାଳକ ଜଣଙ୍କ ମାତ୍ର ୩୧ ସେକେଣ୍ଡ୍‌ରେ ସଲ୍‌ଭ କରିଛନ୍ତି । ଯାହା ତାଙ୍କୁ ଏହି ରେକର୍ଡର ଅଧିକାରୀ କରିଛି । ଆଗକୁ ସେ ଏହି ପଜଲ ସଲ୍‌ଭ କରିବାରେ ବିଶ୍ୱ ରେକର୍ଡ କରିବାକୁ ଯୋଜନା ରଖିଛନ୍ତି । ତାଙ୍କର ଏଭଳି ବିଚକ୍ଷଣ ବୁଦ୍ଧିକୁ ସୋସିଆଲ ମିଡିଆରେ ଲୋକମାନେ ଖୁବ ପ୍ରଶଂସା କରିଛନ୍ତି । ଏହି ପ୍ରତିଯୋଗିତାରେ ପାଖାପାଖି ୨ଲକ୍ଷରୁ ଅଧିକ ଲୋକ ଭାଗନେଇଥିଲେ । ସମସ୍ତଙ୍କୁ ପଛରେ ପକାଇ ଏଡେନ୍ ରେକର୍ଡ କରିଛନ୍ତି । ପୂର୍ବରୁ ଆର୍ଜେଣ୍ଟିନାର ଲିଣ୍ଡ୍ରୋ ମାର୍ଟିନ୍ ଲୋପେଜ୍ ୨୪ ସେକେଣ୍ଡ୍‌ରେ ଏହି ପଜଲ ସଲ୍‌ଭ କରିଥିଲେ ।



# କ୍ଲୋଭ ଟି'

ଚା' ପିଇବାକୁ ସମସ୍ତେ ଭଲ ପାଆନ୍ତି । ଏହାକୁ କେବଳ ରିଫ୍ରେସ୍‌ମେଣ୍ଟ ନୁହେଁ ବରଂ ଔଷଧୀୟ ଗୁଣ ପାଇଁ ମଧ ପିଇଥାଆନ୍ତି । ଏହି ତାଲିକାରେ ଅନେକ ପ୍ରକାର ଟି ସାମିଲ ଅଛି, ଯେପରି ଗ୍ରୀନ୍ ଟି, ଲେମନ୍ ଟି, ବ୍ଲାକ୍ ଟି ଆଦି । ସେହିଭଳି ଏକ ଚା ହେଲା କ୍ଲୋଭ ଟି ବା ଲବଙ୍ଗ ଚା' । ଏହା ଆମର ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ଏହାର ସ୍ୱାଦ ଯେପରି ନିଆରା ଏହା ସ୍ୱାସ୍ଥ୍ୟ ପାଇଁ ମଧ ଖୁବ ଉପକାରୀ । ଏହାକୁ ଆପଣ ବିଶେଷକରି ହେଭି ଖାଦ୍ୟ ଖାଇବା ପରେ ପିଅନ୍ତୁ, ଖୁବ ଆରାମ ମିଳିଥାଏ । ଏହା ପ୍ରାକୃତିକ ଉପାୟରେ ଆମ ପାଚନତନ୍ତ୍ରକୁ ସୁଧାରିବାରେ ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଭରି ହୋଇ ରହିଥାଏ, ଯାହା ଆମ ପାଟିର ବିଭିନ୍ନ ସମସ୍ୟାକୁ ଦୂର କରିଥାଏ । ଏହା ଆମ ଦାନ୍ତକୁ ଶକ୍ତି କରିବା ସହିତ ପାଟିର ଦୁର୍ଗନ୍ଧକୁ କମାଇଥାଏ । ସେହିଭଳି ଏହା ଷ୍ଟ୍ରେସ୍ ରିଲିଭର ଭାବେ ମଧ କାମ କରିଥାଏ । ଏହା ବ୍ଲଡ୍ ସୁଗାର ଲେବଲକୁ ମ୍ୟାନେଜ୍ କରିବାରେ ମଧ ସହାୟକ ହୋଇଥାଏ । ଏହାର ବାସ୍ନା ଖୁବ ସୁନ୍ଦର ହୋଇଥାଏ, ଯାହାଫଳରେ ଏହା ଆମର ମନକୁ ମଧ ଶାନ୍ତ କରିଥାଏ । ଏହି ଚା'ରେ ଭିଟାମିନ୍ ସି ଭରି ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ହୋଇଥାଏ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୫
ତିଥି : ଚତୁର୍ଥୀ
୧୧ ମେ’ ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 215
11 May 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore


### ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ବିଜେପି କାର୍ଯ୍ୟାଳୟରୁ ବାଣୀବିହାର ଯାଏ ରୋଡ୍ ଶୋ’



### ଓଡ଼ିଶା ଲୋକଙ୍କ ସହ ହୃଦୟ ଯୋଡି ହୋଇଛି : ମୋଦି

### ୨୦୦ରୁ ଉର୍ଦ୍ଧ୍ୱ ମହିଳା ସମ୍ବଲପୁରୀ ଶାଢ଼ି ପିନ୍ଧି ଚାଲିଲେ

### ୧୦ରୁ ଉର୍ଦ୍ଧ୍ୱ ଷ୍ଟେଜରେ କଳା, ସଂସ୍କୃତି ପ୍ରଦର୍ଶିତ

### ବିଜେପି ପାର୍ଟି ଅଫିସରୁ ବାଣୀବିହାର ଲୋକାରଣ୍ୟ

### ସୁସଜିତ ସ୍ୱତନ୍ତ୍ର କାରରେ ରୋଡ ଶୋ’ କଲେ ମୋଦି

ଭୁବନେଶ୍ୱର, ୧୦।୫ (ସବ୍ୟ) : ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସନ୍ଧ୍ୟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ବିଜେପି କର୍ମକର୍ତ୍ତାମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହାପରେ ସିଧାସଳଖ ପ୍ରଧାନମନ୍ତ୍ରୀ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସେଠାରୁ ବାଣୀବିହାର ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ’ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଲୋକଙ୍କ ସହ ହୃଦୟ ଯୋଡି ହୋଇଛି । ଓଡ଼ିଶା ମାଟିର ବାସ୍ନା ଓ ସଂସ୍କୃତିରେ ଏ ସରକାର ନାହିଁ । ବିଜେପି ଉପରେ ଲୋକଙ୍କ ଅଦ୍ଭୁତ ବିଶ୍ୱାସ ରହିଛି । ଦେଶର ଅନ୍ୟ ଅଞ୍ଚଳରେ ଏ ଭଲପାଇବା ପରିବେଶ ନାହିଁ । ବିଜେଡି ଓ ବିଜେପି ସମ୍ପୂର୍ଣ୍ଣ ଅଲଗା । ଆମେ ଦୁଇଟି ଅଲଗା ଦଳ । ସଂସଦରେ ପ୍ରସଙ୍ଗଭିତ୍ତିରେ ମିଳିମିଶି କାର୍ଯ୍ୟ କରିଛୁ । ଓଡ଼ିଶାରେ ଏଥର ପଦ୍ମ ଫୁଟିବ । ଏକ ବଡ ଟର୍ଣ୍ଣିଂ ପଏଣ୍ଟ ଆସିବାକୁ ଯାଉଛି । ବିଧାନସଭାରେ ଲଢ଼େଇ ଜାରି ରଖିବୁ । ଓଡ଼ିଆ ଅସ୍ମିତା ଏବେ ବିପଦରେ ପଡିଛି ।

ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରୁ ବାଣୀବିହାର ଲୋକାରଣ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରିଥିଲେ ଲକ୍ଷାଧିକ ପ୍ରଶଂସକ । ଯୁବ ପିଢ଼ିଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ବ୍ୟକ୍ତି ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ‘ମୋଦି... ମୋଦି...’ ନାରାରେ କମ୍ପାଇଥିଲେ ରାଜଧାନୀ । ମୋଦି ତାଙ୍କ ରୋଡ୍ ଶୋ’ରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଛନ୍ତି । ଆସନ୍ତାକାଲି (ଶନିବାର) ନିର୍ବାଚନ ପ୍ରଚାର ଲାଗି କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଜନସଭାରେ ଯୋଗଦେବେ ଶ୍ରୀ ମୋଦି ।

ରାତି ୮ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ବାୟୁସେନା ବିମାନରେ ଆସି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ । ବିମାନବନ୍ଦରରୁ କାର୍କେଡ ବାହାରି ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ । କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କୁ ସ୍ୱାଗତ କରିଥିଲେ ରାଜ୍ୟ ବିଜେପି ନେତା ଓ କର୍ମକର୍ତ୍ତା । ତାଙ୍କ ରୋଡ ଶୋ’ ପାଇଁ ସ୍ୱତନ୍ତ୍ର ଭାବେ ସୁସଜ୍ଜିତ ହୋଇ ରହିଥିଲା ଏକ ଖୋଲା କାର । ସେହି କାରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି, ରାଜ୍ୟ ସଭାପତି ମନମୋହନ ସାମଲ ଓ ଭୁବନେଶ୍ୱର ସାଂସଦ ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ ହାତରେ ଏଲଇଡି ଲାଇଟ ପଦ୍ମ ଫୁଲ ଧରି ବିରାଟ ପଟୁଆରରେ ରୋଡ ଶୋ’ରେ ବାହାରିଥିଲେ । ମୋଦୀଙ୍କ ରୋଡ ଶୋ’ରେ ପ୍ରମୁଖ ଆର୍କଷଣ ସାଜିଥିଲେ ୨୦୦ ମହିଳା । ଯେଉଁମାନେ ସମ୍ବଲପୁରୀ ଶାଢୀ ପିନ୍ଧି ଏହି ଶୋଭାଯାତ୍ରାରେ ମୋଦୀଙ୍କ ଆଗେ ଆଗେ ଚାଲିଥିଲେ ।

ବିଜେପି ରାଜ୍ୟ କାର୍ଯ୍ୟାଳୟର ଦୁଇପାର୍ଶ୍ୱରେ ଲକ୍ଷାଧିକ ଜନତାଙ୍କ ଭିଡ଼ ଦେଖିବାକ ମିଳିଥିଲା । କେବଳ ସେତିକି ନୁହେଁ ରାସ୍ତାର କେତେକ ସ୍ଥାନରେ ବଡ଼ବଡ଼ ଷ୍ଟେଜମାନ ନର୍ମାଣ କରାଯାଇଥିଲା । ସେଠାରେ ଓଡିଶାର କଳା ସଂସ୍କୃତି ସହିତ ଦେଶର ମଧ୍ୟ କେତେକ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଓଡ଼ିଶୀ ନୃତ୍ୟରୁ ଆରମ୍ଭ କରି ଜାମ୍ମୁ-କାଶ୍ମୀରର ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଜମ୍ମୁ-କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ଥିମ୍‌ରେ ଏକ ମଞ୍ଚ ହୋଟେଲ ଲାଇଫ୍ ନିକଟରେ ନିର୍ମାଣ କରାଯାଇଥିଲା । ସେଠାରେ କାଶ୍ମୀର ଗ୍ରୁପ୍ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ସଂଗୀତ ପରିବେଷଣ ହୋଇଥିଲା । ଏହାବ୍ୟତିତ ସମବାୟ ଭବନ ପାଖରେ ଆନ୍ତର୍ଜାତୀୟ (୯ ପୃଷ୍ଠାରେ)






# ୫୦ ଦିନ ପରେ ଜେଲ୍‌ରୁ ମୁକୁଳିଲେ କେଜରିୱାଲ



### ସୁପ୍ରିମ୍‌କୋର୍ଟରୁ ଜୁନ୍ ୧ ଯାଏ ଅନ୍ତରୀଣ ଜାମିନ

### ସଚିବାଳୟ ଯାଇ କାର୍ଯ୍ୟ କରିବେ ନାହିଁ

### ମୁଁ ଫେରି ଆସିଲି : ଅରବିନ୍ଦ

ନୂଆଦିଲ୍ଲୀ, ୧୦।୫ : ଦୀର୍ଘ ୫୦ ଦିନ ତିହାର ଜେଲ୍‌ରେ ରହିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସୁପ୍ରିମ୍‌କୋର୍ଟ ଜାମିନ ଦେଇଛନ୍ତି । ତାଙ୍କୁ ଦିଆଯାଇଥିବା ଅନ୍ତରୀଣ ଜାମିନରେ ଅନେକ ସର୍ତ୍ତ ରଖାଯାଇଛି । ସେ ଲୋକସଭା ନିର୍ବାଚନରେ ପ୍ରଚାର ପାଇଁ ଜାମିନ ପାଇଛନ୍ତି । ଜୁନ୍ ୧ ପର୍ଯ୍ୟନ୍ତ ଏହି ଅନ୍ତରୀଣ ଜାମିନ ବଳବତ୍ତର ରହିବ । ଜେଲ୍‌ରୁ ଏକ ବିଶାଳ ଶୋଭାଯାତ୍ରାରେ କେଜରିୱାଲଙ୍କ ସମର୍ଥକମାନେ ତାଙ୍କୁ ପାଛୋଟି ନେଇଛନ୍ତି । ତାଙ୍କ ବାସଭବନରେ ଏକଜୁଟ ହୋଇଥିବା ସମର୍ଥକଙ୍କୁ କେଜରିୱାଲ କହିଛନ୍ତି ଯେ ମୋତେ ଅତ୍ୟନ୍ତ ଭଲ ଲାଗୁଛି, ମୁଁ ଆପଣମାନଙ୍କ ସମ୍ମୁଖରେ ଠିଆ ହୋଇଛି । ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି । ଆପଣଙ୍କର ମୋ ଉପରେ ଆଶୀର୍ବାଦ ରହିଛି । ସୁପ୍ରିମ୍‌କୋର୍ଟ ଜଜ୍ ମାନଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି । ଦେଶରେ ଚାଲିଥିବା ଏକଛତ୍ରବାଦ ବିରୋଧରେ ଆମେ ଲଢ଼େଇ କରିବା । ୧୪୦ କୋଟି ଲୋକ ଏହି ଲଢ଼େଇରେ ସାମିଲ (୯ ପୃଷ୍ଠାରେ)

### ଝାରସୁଗୁଡ଼ା, ବ୍ରଜରାଜନଗରରେ ପାଣ୍ଡିଆନଙ୍କ ଧୂଆଁଧାର ପ୍ରଚାର

# ବ୍ରଜରାଜନଗରରେ ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନଙ୍କ ଖୋଲା ଆହ୍ୱାନ



ଭୁବନେଶ୍ୱର, ୧୦।୫ (ସବ୍ୟ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ଧୂଆଁଧାର ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର ଏବଂ ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଦୀପାଳି ଦାସ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥୀ ଅଳକା ମହାନ୍ତିଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେଇ ଜିତେଇବାକୁ ଅନୁରୋଧ କରିଛନ୍ତି ।

ବ୍ରଜରାଜନଗରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଚ୍ୟାଲେଞ୍ଜ କରି ଶ୍ରୀ ପାଣ୍ଡିଆନ କହିଥିଲେ ଯେ କେନ୍ଦ୍ରମନ୍ତ୍ରୀ ବହୁତ ବଡ଼ ବଡ଼ କଥା କହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି । ସାମାନ୍ୟ ଜାତୀୟ ରାଜପଥକୁ ୧୦ ବର୍ଷରେ ଠିକ୍ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ ତାଙ୍କର ସାହସ ଆସିଲା କୋଉଠୁ ? ମୋତେ ଚାମ୍ଚା, ଗୁମାସ୍ତା ବୋଲି କହୁଛନ୍ତି । ମୋତେ ଯାହାବି କହିଲେ କିଛି ଅସୁବିଧା ନାହିଁ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କଲେ ମୁଁ ସହିବି ନାହିଁ ।

ସେମାନେ କହୁଛନ୍ତି ଯେ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଛି । ମୁଁ ତାଙ୍କୁ ଆଜି ଚ୍ୟାଲେଞ୍ଜ କରୁଛି ଯଦି ନବୀନ ପଟ୍ଟନାୟକ ତିନି-ଚତୁର୍ଥାଂଶ ବହୁମତରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନ ନିଅନ୍ତି, ତା’ହେଲେ ମୁଁ ସନ୍ୟାସ ନେବେ କି ? କେନ୍ଦ୍ରମନ୍ତ୍ରୀ ପ୍ରଥମେ ଢେଙ୍କାନାଳରୁ ପ୍ରାର୍ଥୀ ହେବା ପାଇଁ ୧୦ ବର୍ଷ କାଳ ଉଦ୍ୟମ କଲେ କିନ୍ତୁ ନାମାଙ୍କନ ବେଳକୁ ଡର ପଶିଲା, ସେ ସମ୍ବଲପୁରରୁ ଆସି ଛିଡ଼ା ହେଲେ ।

ସେ କହିଲେ ଯେ ନିର୍ବାଚନ ଆସିଲା, ତେଣୁ ବିରୋଧୀ ନେତାମାନେ ଆସି ମିଛକଥା କହିବା

### ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ନହେଲେ ରାଜନୀତିରୁ ସନ୍ୟାସ ନେବି : କାର୍ତ୍ତିକ

### ବିଜେପି ସରକାର ନହେଲେ ଧର୍ମେନ୍ଦ୍ର ରାଜନୀତିରୁ ସନ୍ୟାସ ନେବେ କି ?

ରାଜନୀତିରୁ ସନ୍ୟାସ ନେବି ।

ସେ ପୁଣି କହିଲେ ଯେ କେନ୍ଦ୍ରମନ୍ତ୍ରୀ ଏମିତି ଚ୍ୟାଲେଞ୍ଜ ଦେଇପାରିବେ କି ? ତାଙ୍କ ଦଳ ସରକାର ନ କଲେ ସେ ରାଜନୀତିରୁ ଆରମ୍ଭ କଲେଣି । ଆପଣଙ୍କ ଭୋଟ ନେଇଯିବେ, ତା’ପରେ ଖୋଜିଲେ ମିଳିବେନି । ସେମାନେ କେବେ ଆପଣମାନଙ୍କୁ ହିସାବ ଦେବେନାହିଁ । ପୂର୍ବ ନିର୍ବାଚନରେ (୯ ପୃଷ୍ଠାରେ)

# ଏନ୍‌କାଉଣ୍ଟରରେ ୧୨ ମାଓବାଦୀ ନିହତ

ଭୁବନେଶ୍ୱର, ୧୦।୫ (ସବ୍ୟ) : ଛତିଶଗଡରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ଭିତରେ ଏକ ବଡ ଧରଣର ଗୁଳି ବିନିମୟ ହୋଇଛି । ଏହି ଗୁଳି ବିନିମୟରେ ୧୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ମିଜାପୁର ଜିଲ୍ଲା ଗାଙ୍ଗାଲୁର ଥାନା ପଡିଆ ନିକଟରେ ଏହି ଗୁଳି ବିନିମୟ ହୋଇଥିବା ଜଣାପଡିଛି ।

ସୂଚନା ଅନୁଯାୟୀ ଏଠାରେ ଥିବା ଜଙ୍ଗଲରେ ମାଓବାଦୀମାନେ ରହିଥିବାର ସୂଚନା ଗୁଇନ୍ଦା ସୂତ୍ରରୁ ମିଳିଥିଲା । ସୁକୁମା, ବିଜାପୁର ଓ ଦାନ୍ତେୱାଡା ଜିଲ୍ଲାର ପୋଲିସକୁ ନେଇ ଡିଆଇଜି, ଏସ୍‌ଟିଏଫ୍, କୋବ୍ରା, ସିଆର୍‌ପିଏଫ୍‌ର ୧୨୦୦ ଯବାନ ଉକ୍ତ ଜଙ୍ଗଲକୁ ଯାଇଥିଲେ । ବ୍ୟାପକ ଯବାନମାନଙ୍କୁ ଦେଖି ମାଓବାଦୀମାନେ ଗିଳି ଚଳାଇଥିଲେ । ହେଲେ ସୁରକ୍ଷାକର୍ମୀମାନଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ଟିକ୍ଷି ପାରିନଥିଲେ । ଘଟଣାସ୍ଥଳରୁ ବହୁ ଅତ୍ୟାଧୁନିକ ବନ୍ଧୁକ ଓ ମାରଣାସ୍ତ୍ର ଜବତ ହୋଇଛି । ଦୀର୍ଘ ୧୧ ଘଣ୍ଟା ଧରି ଏହି ଏନ୍‌କାଉଣ୍ଟର ଜାରି ରହିଛି । ସୂଚନାଯୋଗ୍ୟ ଗତମାସ ୧୬ ତାରିଖରେ ଛତିଶଗଡରେ ନିର୍ବାଚନ ଭଣ୍ଡୁର ପାଇଁ ଯୋଜନା କରିଥିବା ମାଓବାଦୀଙ୍କ ଉପରେ ସୁରକ୍ଷାବାହିନୀ ପକ୍ଷରୁ ଆକ୍ରମଣ ହୋଇଥିଲା । ଏହି ଏନ୍‌କାଉଣ୍ଟରରେ ହାପାଟୋଲା ଜଙ୍ଗଲରେ ୨୯ ମାଓବାଦୀ ନିହତ ହୋଇଥିଲେ ।

### ରାହୁଲଙ୍କ ଦମ୍ଭୋକ୍ତି

# ନିର୍ବାଚନ ପରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ



ନୂଆଦିଲ୍ଲୀ, ୧୦।୫ : ବିଜେପି ଓ ନରେନ୍ଦ୍ର ମୋଦିଙ୍କ ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ଜୋରଦାର ଆକ୍ଷେପ କରିଛନ୍ତି । ୨୦୨୪ ଲୋକସଭା ନିର୍ବାଚନ ପରେ ନରେନ୍ଦ୍ର ମୋଦି ଆଉ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ନିର୍ବାଚନ ସରିଲେ ନରେନ୍ଦ୍ର ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେବେନାହିଁ ବୋଲି ସେ ଗ୍ୟାରେଣ୍ଟି ଦେଉଛନ୍ତି ।

ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ କୌନଜ ଠାରେ ଆୟୋଜିତ ଏକ ସମାବେଶରେ ରାହୁଲ ଉଦ୍‌ବୋଧନ ଦେଇଛନ୍ତି । ଏହି ମିଳିତ ସମାବେଶରେ ଅଖିଳେଶ ଯାଦବ ଓ ଆପ୍‌ର ସଞ୍ଜୟ ସିଂ ମଧ୍ୟ ଉପସ୍ଥିତ ଥିଲେ । ଏସ୍‌ପି ମୁଖ୍ୟ ଅଖିଳେଶ ଏହି କୌନଜ ଆସନରୁ ଲଢୁଛନ୍ତି । ରାହୁଲ କହିଥିଲେ ଯେ ସେ ଏବଂ ଅଖିଳେଶ ଯାଦବ ଓ ଇଣ୍ଡିଆ ମେଣ୍ଟ ଗତ ଦୁଇବର୍ଷ ହେଲାଣି ତାଙ୍କ କାର୍ଯ୍ୟ କରିଛନ୍ତି । ଭାରତଯୋଡ ଯାତ୍ରା ଘୃଣାର ବଜାରରେ ପ୍ରେମର ଦୋକାନ, ନ୍ୟାୟ ଯାତ୍ରା ଓ ସଭାସମିତି ଇଣ୍ଡିଆ (୯ ପୃଷ୍ଠାରେ)

### କୌନଜରେ ଅଖିଳେଶଙ୍କ ସହ ରାହୁଲଙ୍କ ରଣହୁଙ୍କାର

# ଅକ୍ଷୟ ତୃତୀୟାରେ ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ



ପୁରୀ, ୧୦।୫ (ସବ୍ୟ) : ବୈଶାଖ ମାସ ଶୁକ୍ଳ ପକ୍ଷ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁଙ୍କ ତିନି ରଥ ନିର୍ମାଣ ପାଇଁ ରଥ କାଠ ଅନୁକୁଳ ହୋଇଛି । ଏଥିସହ ପ୍ରଚଣ୍ଡ ରୌଦ୍ରତାପରୁ ଶୀତଳ ହେବା ପାଇଁ ମହାପ୍ରଭୁଙ୍କର ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇ ଥିଲା । ନୀତି ନିର୍ଘଣ୍ଟ ଅନୁସାରେ ରଥ କାଠ ଅନୂକୁଳ ହୋଇଛି ।

ମଧ୍ୟାହ୍ନ ଧୂପ ପରେ ଶ୍ରୀମନ୍ଦିରରୁ ଚନ୍ଦନ ଯାତ୍ରା (୯ ପୃଷ୍ଠାରେ)

# ରାଜଧାନୀରେ ମୋଦି...ମୋଦି...









## ଝଲସିଲା ଓଡ଼ିଶାର କଳା, ସଂସ୍କୃତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ' ପାଇଁ ରାସ୍ତାର ଦୁଇ ପାର୍ଶ୍ୱ ଝଲସିଥିଲା ଓଡ଼ିଶାର କଳା ଓ ସଂସ୍କୃତିରେ । ବାଣୀବିହାର ମଧ୍ୟରେ ୧୦ଟି ସ୍ଥାନରେ ୧୦ଟି ଆଇକନ୍ ସ୍ଥାପନ କରାଯାଇଛି । ବିଜେପି ଅଫିସ୍ ପରିସରରେ ହୁଳହୁଳି ଓ ଝାଞ୍ଜ ମୃଦଙ୍ଗ ସହ ସାହିଯାତ ପରମ୍ପରା ଦେଖିବାକୁ ମିଳିଛି । ତା' ସହ କୋଣାର୍କ ସୂର୍ଯ୍ୟମନ୍ଦିରର ଚକ ଓ ଶ୍ରୀଜୀଉଙ୍କ ରଥର ଉପରପାର୍ଶ୍ୱକୁ ନେଇ ତିଆରି ହୋଇଛି ବିରାଟ୍ ଷ୍ଟେଜ୍ ବ୍ୟାକଡ୍ରପ ।

## ଆକର୍ଷଣ ହେଲା କାଶ୍ମିରୀ ନୃତ୍ୟ, ସଂଗୀତ

ହୋଟେଲ୍ ଲାଇଫ୍ ପାଖରେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଥିମରେ ଏକ ମଞ୍ଚ ତିଆରି କରାଯାଇଥିଲା । ଯେଉଁଠି କାଶ୍ମିରୀ ଗ୍ରୁପ୍ ପରିବେଷଣ କରିଥିଲା ଆକର୍ଷଣୀୟ ନୃତ୍ୟ ସଂଗୀତ । ବଲିଉଡ୍ କଣ୍ଠଶିଳ୍ପୀ ଅରିଜିତ ସିଂଙ୍କ ଦ୍ୱାରା ମଧ୍ୟ 'ଏ ୱତନ୍ ୱତନ୍ ମେରେ ଆବାଦ ରହେ ତୁ' ଗୀତ ପରିବେଷିତ ହୋଇଥିଲା ।

## ରାମମନ୍ଦିରରେ ପୂଜକଙ୍କ ଆଳତୀ

ରାମମନ୍ଦିର ପରିସରରେ ୨୦ ଜଣ ପୂଜକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଆଳତୀ ଦୃଶ୍ୟ ବେଶ୍ ମନ୍ତ୍ରମୁଗ୍ଧ କରୁଥିବା ବେଳେ ରାମମନ୍ଦିରର ଡାହାଣ କଡ଼ରେ ରାମଲାଲାଙ୍କ ବିରାଟ୍ କଟଆଉଟ୍ ଦେଖିବାକୁ ମିଳିଛି । ବାନରସେନାଙ୍କ ଦ୍ୱାରା ଜୟଶ୍ରୀ ରାମ ଧ୍ୱନୀରେ ପ୍ରକମ୍ପିତ ହେଉଛି ସାରା ଅଞ୍ଚଳ ।

## ବିଭିନ୍ନ ଦେଶର ପତାକା, ପାରମ୍ପାରିକ ସଂଗୀତ, ନୃତ୍ୟ ପ୍ରଦର୍ଶିତ

ମହର୍ଷି କଲେଜ ଛକରେ ବିଭିନ୍ନ ଦେଶର ଜାତୀୟ ପତାକା ସହ ମୋଦିଙ୍କୁ ବିଶ୍ୱଗୁରୁ ଦର୍ଶାଇ ନିର୍ମାଣ କରାଯାଇଥିଲା ଏକ ବଡ଼ ପ୍ରତିକୃତୀ । ଏହାବ୍ୟତୀତ ସମବାୟ ଭବନ ପାଖରେ ଅନ୍ତର୍ଜାତୀୟ ଯୋଗ ଦିବସ, ଇଡ଼କୋ ଟାୱାର ପାଖରେ ବନ୍ଦେ ଭାରତ ଏକ୍ସପ୍ରେସ ଫ୍ଲେକ୍ସ, ହର୍ ଘର୍ ଜଲ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଏବଂ ଜନଧନ ଯୋଜନାର କଟଆଉଟ୍, ରମାଦେବୀ ବିଶ୍ୱବିଦ୍ୟାଳୟ ପାଖରେ ଆଦିବାସୀ ମହିଳାଙ୍କ ଦ୍ୱାରା ପାରମ୍ପାରିକ ଗୀତସଂଗୀତ ସହ ନୃତ୍ୟ ପ୍ରଦର୍ଶନ, ବାଣୀବିହାର ଛକରେ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଛି ।

## ସମ୍ବଲପୁରୀ ଶାଢୀ ପିନ୍ଧି ଚାଲିଲେ ୨୦୦ ମହିଳା

ମୋଦୀମୟ ହୋଇଛି ରାଜଧାନୀ । ମୋଦୀଙ୍କ ରୋଡ ଶୋରେ ପ୍ରମୁଖ ଆର୍କଷଣ ସାଜିଥିଲେ ୨୦୦ ମହିଳା । ଯେଉଁମାନେ ସମ୍ବଲପୁରୀ ଶାଢୀ ପିନ୍ଧି ଏହି ଶୋଭାଯାତ୍ରାରେ ମୋଦୀଙ୍କ ଆଗେ ଆଗେ ଚାଲିଥିଲେ । ଏହାସହିତ କାନ୍ଧରେ ଗେରୁଆ ମୁକୁଟ ଏବଂ ହାତରେ ପଦ୍ମ ଧରି ବିଜେପି କାର୍ଯ୍ୟାଳୟରୁ ବାଣୀବିହାର ପର୍ଯ୍ୟନ୍ତ ଚାଲିଥିଲେ ମହିଳା ।

## ଅକ୍ଷିମୁଠି ଅନୁକୂଳ କଲେ ପ୍ରଣବ

ସମ୍ବଲପୁର , (ସବ୍ୟୁ) : ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ଥିତ ଢୋରୋପାଣି ଠାରେ ପ୍ରଣବ ପ୍ରକାଶ ଦାସ ଚାଷୀଭାଇଙ୍କ ମଙ୍ଗଳ କାମନା କରି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଚାଷଜମିରେ ପୂଜାର୍ଚ୍ଚନା କରିଥିଲେ । ପରେ ଜମିକୁ ଲଙ୍ଗଳ କରି ଧାନ ବୁଣିଥିଲେ ଛ ଏହି ଅବସରରେ ସେ କହିଥିଲେ ଯେ, ଚାଷୀ ଭାଇଟିଏ ସାରା ଦୁନିଆକୁ ଆହାର ଯୋଗାଉଛି ।ତେଣୁକରି ଚାଷୀଭାଇଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର



ସଦା ତତ୍ପର ରହିଛନ୍ତି। ସମ୍ବଲପୁର ସଂସଦୀୟ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ଚାଷୀଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଏଠାକୁ ପଠାଇଛନ୍ତି ।ଛ ଯେଉଁମାନଙ୍କୁ ଆପଣ ଭୋଟ ଦେଇ ବାଛିଥିଲେ ଛ ଭାଜପା ଦଳର ସେହି ନେତାମାନେ ଚାଷୀଙ୍କ ସ୍ୱାର୍ଥ ପାଇଁ କିଛି କରିନାହାନ୍ତି । ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଜଳସେଚନ ପ୍ରକଳ୍ପ କରିଛନ୍ତ। କାଳିଆ ଯୋଜନାରେ ରାଜ୍ୟର ଅନେକ ଚାଷୀ ଉପକୃତ ହେଉଛନ୍ତି ଛ ସେହିଭଳି ମୁଖ୍ୟମନ୍ତ୍ରୀ ତାଙ୍କର ନିର୍ବାଚନୀ ଇସ୍ତାହାର କୃଷି ଉଦ୍ଦେଶ୍ୟରେ ମାଗଣା ବିଦ୍ୟୁତ ପ୍ରଦାନ କରିବାକୁ ଉଲ୍ଲେଖ କରିଛନ୍ତି । ଆଗାମୀ ଦିନରେ ଚାଷୀଙ୍କ ପାଇଁ ଆହୁରି ଉନ୍ନୟନମୂଳକ ଯୋଜନା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ଯାହା ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସହିତ ସେମାନଙ୍କର ଆର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ କରିବ ।

## ତିନି ବ୍ରାଉନସୁଗର ବେପାରୀଙ୍କୁ ୨୦ ବର୍ଷ ଜେଲ

ଭୁବନେଶ୍ୱର, (ସବ୍ୟୁ) : ୩ ଜଣ ବ୍ରାଉନସୁଗର ବେପାରୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି । ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ସ୍ପେଶାଲ ଜଜ୍ ବ୍ରାଉନସୁଗର ମାମଲାର ବିଚାର କରି ୯ ତାରିଖ ଦିନ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଦଣ୍ଡାଦେଶ ପାଇଥିବା ୩ ବେପାରୀ ହେଲେ ଦେବାଶିଷ ବେହେରା ଓରଫ ରିଙ୍କୁ, ପ୍ରବୀର କୁମାର ସିଂହ ଓରଫ ସିଟୁ ଓ ଏସ୍‌କେ କୌସାର ଅଲ୍ଲୀ । ୨୦ ବର୍ଷ ଜେଲ ଦଣ୍ଡାଦେଶ ଓ ୧ଲକ୍ଷ ଜରିମାନା ନିର୍ଦ୍ଦେଶ ହୋଇଛି । ଜରିମାନା ନଦେଲେ ଅଧିକ ୧ବର୍ଷ ଜେଲ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ଏହି ମାମଲାରେ ୧୩ ଜଣ ସାକ୍ଷ ପ୍ରଦାନ କରିବା ସହ ୭୯ ପ୍ରକାର ଡକ୍ୟୁମେଣ୍ଟ ଏସ୍‌ଟିଏଫ୍ ତଦନ୍ତକାରୀ ଟିମ୍ କୋର୍ଟରେ ଦାଖଲ କରିଥିଲା ।

୨୦୨୦ ମସିହା ଜୁନ ୧୯ ତାରିଖ ଦିନ ୩ ଦୋଷୀଙ୍କ ନିକଟରୁ ୪ କିଗ୍ରା ୪୫୮ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ । କୋଲକାତାରୁ ବୋଲେରୋ ଗାଡ଼ିରେ ବ୍ରାଉନସୁଗର ଆଣି ଆସୁଥିବାବେଳେ ରସୁଲଗଡ଼ ଏକ୍ସପ୍ଲାନେଡ୍ ସାମ୍ନାରେ ଏସ୍‌ଟିଏଫ୍ ଟିମ୍ ୩ ଦୋଷୀଙ୍କୁ କାବୁ କରିବା ସହ ତାଙ୍କ ଗାଡ଼ିରୁ ବ୍ରାଉନସୁଗର ଜବତ ହୋଇଥିଲା ।

## 'ଅକ୍ଷୟ ତୃତୀୟା'ରେ ସମ୍ବଲପୁରରେ ଅକ୍ଷିମୁଠି ଅନୁକୂଳ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କୃଷିଭିତ୍ତିକ ପର୍ବ 'ଅକ୍ଷୟ ତୃତୀୟା' ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ହୀରାକୁଦର ସାପଲହରା ଗାଁରେ ଚାଷୀ ଭାଇ ମାନଙ୍କ ସହ ମିଶି ଅକ୍ଷିମୁଠି ଅନୁକୂଳ କରିବା ସହ ଧାନ ବୁଣିଛନ୍ତି । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ଓଡ଼ିଶା ସମେତ ଦେଶର ଚାଷୀମାନଙ୍କୁ 'ଅକ୍ଷୟ ତୃତୀୟା'ର ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଆ ପରମ୍ପରାରେ ଆଜି ଓଡ଼ିଆଙ୍କ ପାଇଁ ଏବଂ ଚାଷୀ ଭାଇଙ୍କ ପାଇଁ ଏକ ଶୁଭ ଦିନ । ଆଜିର ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ତିଆରି କାମ ଆରମ୍ଭ ହେଉଛି । ଶୀତଳଷଷ୍ଠୀର କାର୍ଯ୍ୟକ୍ରମ ମଧ୍ୟ ଆଜି ଠାରୁ ଆରମ୍ଭ ହୋଇଛି । ଆମ ରାଜ୍ୟ ଓଡ଼ିଶା ଏକ କୃଷି ଆଧାରିତ



ରାଜ୍ୟ । ଆଗାମୀ ଦିନ ମାନଙ୍କରେ ଆମ ରାଜ୍ୟ ଓଡ଼ିଶା ଦେଶରେ ଏକ ନମ୍ବର ହେଉ, ପ୍ରଗତି ପଥରେ ଯାଉ । ଚାଷୀ ଭାଇ ମାନଙ୍କର ଜମିରେ ଭଲ ଫସଲ ହେଉ । ଓଡ଼ିଆ ଲୋକଙ୍କ ଜୀବନ ସୁଖମୟ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କ ପାଖରେ ପ୍ରାର୍ଥନା ।

### ଓଡ଼ିଶାବାସୀ ଏବଂ ଚାଷୀ ଭାଇଙ୍କ ପାଇଁ ଆଜି ଏକ ଶୁଭ ଦିନ

ଆମ ଦେଶ ଅର୍ଥନୀତିର ମେରୁଦଣ୍ଡ ତଥା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଗୁରୁ ଦାୟିତ୍ୱ ବହନ କରୁଥିବା ଚାଷୀ ଭାଇ ମାନଙ୍କର କଲ୍ୟାଣ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶରଧାପାଲି ଠାରେ ପଦଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ମାତୃଶକ୍ତି, ଗୁରୁଜନ ଓ ଯୁବବନ୍ଧୁଙ୍କୁ ଭେଟି ଓଡ଼ିଶାରେ ବିଜେପି ସରକାର କରିବା ପାଇଁ ପଦ୍ମଫୁଲରେ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ । ସେହିପରି ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରରେ 'ହରି ଓମ୍ ବାବା ଗୋଶାଳା' ପରିସରରେ ଗୋମାତାଙ୍କ ସେବା କରିବା ସହ ପ୍ରଭୁ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରିଥିଲେ । ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## କନିକା ଛକରେ ପ୍ରକାଶଙ୍କ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ



କଟକ(ସବ୍ୟୁ)- କନିକା ଛକଠାରେ ବିଜେଡିର ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ କାର୍ଯ୍ୟାଳୟ ଆଜି ଉଦଘାଟିତ ହୋଇଛି । ସାଂସଦ ଦେବାଶିଷ ସାମନ୍ତରାୟ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନ ଅବସରରେ ମେୟର ସୁବାସ ସିଂଙ୍କ ସମେତ ବାରବାଟୀ କଟକର ବହୁ କର୍ପୋରେଟର , ଯୁବ ଛାତ୍ର ମହିଳା ମାନେ ଉପସ୍ଥିତ ଥିଲେ ।

## ସେଣ୍ଟର ଫର୍ ଏଣ୍ଟରପ୍ରେନ୍ୟୁୟରସିପ୍ ଆଣ୍ଡ ଇନୋଭେସନ୍ ମ୍ୟାନେଜମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡ୍ରୀ (ଆଇଭିଏସ୍‌ଏଏଚ୍) ରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ କରାଇବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ସେଂଟର ଫର୍ ଏନ୍‌ଟରପ୍ରେନ୍ୟୁୟରସିପ୍ ଆଣ୍ଡ ଇନୋଭେସନ୍ ମ୍ୟାନେଜମେଣ୍ଟ ଶୁକ୍ରବାର ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇ ଶ୍ରୀମତି ଦାସ ଏହି ସେଂଟରକୁ ଉଦ୍‌ଘାଟନ କରି ଏହା ଦ୍ୱାରା ଏଗ୍ରିକଲ୍ଚର ଏବଂ ଭେଟେରିନାରୀ ସାଇନ୍‌ସେସ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ନିଜେ ରୋଜଗାରକ୍ଷମ ହେବା ନିମନ୍ତେ ତାଲିମ୍ ପାଇପାରିବେ ବୋଲି କହିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର କିଭଳି ପ୍ରଚାର ପ୍ରସାର ଓ ବିକ୍ରି ହୋଇପାରିବ ସେ ନେଇ ଏଠାରେ ସେମାନଙ୍କୁ ପ୍ରଶିକ୍ଷିତ କରାଯିବ ବୋଲି ଶ୍ରୀମତି ଦାସ କହିଛନ୍ତି ।

ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ରହି ଏହି ସେଂଟର ବିଷୟରେ ତଥ୍ୟ ପ୍ରଦାନ କରିବା ସହ ବଜାରରେ ସୋଆ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ କିଭଳି ଉପଲବ୍ଧ ହେବ ଏବଂ ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ଏହି ସେଣ୍ଟରର ମୁଖ୍ୟ ପ୍ରଫେସର ସମରେନ୍ଦ୍ର ମହାନ୍ତି ବିସ୍ତୃତ ସୂଚନା ଦେଇ ଆଇଏଏସ୍ ଏବଂ ଆଇଭିଏସ୍‌ଏଏଚ୍‌ର ଛାତ୍ରଛାତ୍ରୀମାନେ ନିଜ ନିଜ ଅନୁଷ୍ଠାନରେ ଉଭୟ ଥିଓରୀ ଓ ପ୍ରାକ୍ଟିକାଲ୍ ପାଠ୍ୟକ୍ରମର ଜ୍ଞାନ ଆହରଣ କରିବା ପରେ ନିଜକୁ କିଭଳି ସ୍ୱାବଲମ୍ବୀ ହୋଇ ଉଦ୍ୟୋଗୀ ହୋଇପାରିବେ, ଅଭିନବ ପ୍ରଚେଷ୍ଟା କରିପାରିବେ ।

## ଭାରତୀୟ ଷ୍ଟେଟ ବ୍ୟାଙ୍କର ଅକ୍ଷିମୁଠି ଅନୁକୂଳ



ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଦ୍ୟାଧରପୁର ଓ ୪୨ ମଉଜା ଶାଖା ଦ୍ୱାରା ମିଳିତ ଆନୁକୁଲ୍ୟରେ କଦମପଡା ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ଶ୍ରୀ ପୋଉମବଲମ ମୁରୁଗନ ଓ ପ୍ରଶାସନିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଶ୍ରୀ ମୁଗୁଗନ ଚାଷୀ ମାନଙ୍କୁ ଉତ୍ସାହିତ କରି ଅକ୍ଷିମୁଠି ଅନୁକୂଳ କରିଥିଲେ ଓ କୃଷି କାର୍ଯ୍ୟକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କୃଷକ ମାନଙ୍କୁ ପ୍ରୋତ୍ସାହନ ପୂର୍ବକ କୃଷିଋଣ ପ୍ରଦାନ କରାଯାଇଥିଲା । ଷ୍ଟେଟ ବ୍ୟାଙ୍କ କଟକ ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଚୌଦ୍ୱାର-କଟକ ବିଜେଡିର ମୁଖ୍ୟ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ



କଟକ, (ସ୍ୱପ୍ର) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ଏକ ମୁଖ୍ୟ ନିର୍ବଚନୀ କାର୍ଯ୍ୟାଳୟ ସ୍ଥାନୀୟ ୪୭ନମ୍ବର ୱାର୍ଡ ମହାନଦୀବିହାର ସ୍ଥିତ ଜଷ୍ଟିସ ଛକ ଠାରେ ମୁଖ୍ୟଅତିଥି ତଥା ବିଜେଡି ସାଂସଦ ପ୍ରାର୍ଥୀ ଡ଼ଃ ସଂତୃପ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ । ପରେ ଏକ ସଭା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରି ଅକ୍ଷୟ ତୃତୀୟା ଓ ଆମ କୃଷି ପରମ୍ପରା ଉପରେ ବକ୍ତବ୍ୟ ରଖିବା ସହ ଆସନ୍ତା ୨୫ ତାରିଖ ନିର୍ବାଚନରେ ଅଧିକ ସଂଖ୍ୟାରେ ମତଦାନ କରି ଦୁଇ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଡ଼ଃ ମିଶ୍ର ଉପସ୍ଥିତ ସମସ୍ତ କର୍ମୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବାକୁ କହିବା ସହ ପବିତ୍ର ଅକ୍ଷୟ ତୃତୀୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ କୃଷକ ମାନେ ହେଲେ ଦେଶର ମେରୁଦଣ୍ଡ । ଆଜି ପବିତ୍ର ଅକ୍ଷୟ ତୃତୀୟାରେ ମୁଁ ସେମାନଙ୍କର ପ୍ରଗତୀ ଓ ଉଥାନ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବହୁ ଭୋଟ୍ ବ୍ୟବଧାନରେ ନିର୍ବାଚିତ କରିବାକୁ ନିବେଦନ ରଖିଥିଲେ । ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶେଷରେ ସିଟି କମିଟି ସମ୍ପାଦକ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରମିଳା ମହାନ୍ତି, ସୌଭାଗିନୀ ଜେନା, ତାପସ ସାମନ୍ତରାୟ, ସମାଜସେବୀ ସଞ୍ଜୟ ଜେନା, ମାନବେଶ ରାୟ, ସରୋଜ ସ୍ୱାଇଁ, ପବିତ୍ର ଭୂୟାଁ, ସତ୍ୟବ୍ରତ ପଟ୍ଟନାୟକ, ଅଜୟ ମହାନ୍ତିଙ୍କ ଶତାଧିକ ସଂଖ୍ୟାରେ ମହିଳା ପୁରୁଷ କର୍ମୀମାନେ ଉପସ୍ଥିତ ଥିଲେ ।

# ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ



ବାରିପଦା, (ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ମୟୂରଭଞ୍ଜ ଆନୁକୁଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା ପରିସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ-୨୦୨୪ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ମୟୂରଭଞ୍ଜ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟର ପ୍ରଥମ ସୋପାନ ଅକ୍ଷିମୁଠି ର ଶୁଭ ଅନୁକୂଳ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଚାଷୀକୁଳଙ୍କ ଶୁଭମନାସି ଏବର୍ଷ ଆମ ଜିଲ୍ଲାର ଚାଷୀମାନେ ଯେମିତି ଅଧିକ ଅମଳ କରନ୍ତୁ ଏବଂ ସେମାନଙ୍କ ଜୀବନଧାରଣ ମାନରେ ଆହୁରି ଉନ୍ନତି ହେଉ ବୋଲି ମାଲକ୍ଷ୍ମୀଙ୍କ ପାଖରେ ପ୍ରାର୍ଥନା କରିବା ସହ ଜିଲ୍ଲାପାଳ କହିଥିଲେ କି ପୂର୍ବ ବର୍ଷ ତୁଳନାରେ ଜିଲ୍ଲାର ଜଳସେଚନ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିଛି ତେଣୁ ଚାଷୀ ମାନଙ୍କ ପାଇଁ ଏହା ନିଶ୍ଚିତ ଅନୁକୁଳ ହେବ ଏବଂ ଯଦି ଚାଷ କାର୍ଯ୍ୟ ସମୟରେ କୌଣସି କ୍ଷେତ୍ରରେ ଚାଷୀମାନେ ଚାଷ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ନିଜ ନିଜ ଅଞ୍ଚଳର କୃଷି କ୍ଷେତ୍ର କର୍ମଚାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରିପାରିବେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା ଓ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ଡାଃ ସଂଘମିତ୍ରା ପଟ୍ଟନାୟକଙ୍କ ପୌରାହିତ୍ୟରେ ଭୂମି ପୂଜା ସମ୍ପାଦନ ହୋଇଥିଲା । ଏହି ଅବସରରେ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୨ ଡାଃ ଦୀପକ କୁମାର ମହାନ୍ତି, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଉପ-ନିର୍ଦ୍ଦେଶକ (ଉଦ୍ୟାନ କୃଷି), ଡିଆରସିଏସ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ୟାମାଖୁଣ୍ଟା, ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମନେ ଯୋଗଦେବା ସହ ଅନ୍ୟାନ୍ୟ କୃଷି ତଥା ଆନୁସଙ୍ଗିକ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟତଃ ଲିସା ପ୍ରିୟଦର୍ଶିନୀ, ଗୋଷ୍ଠୀ କୃଷି ଅଧିକାରୀ, ଶ୍ୟାମାଖୁଣ୍ଟା, କୁମାରୀ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ ସୁଧାଂଶୁ ଶେଖର ପଣ୍ଡା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, ସହକାରୀ କୃଷି ଅଧିକାରୀ ହେମନ୍ତ କୁମାର ବେହେରା, କୃଷି ଅଧିଦର୍ଶକ ତୁଷାର କୁମାର ମହାନ୍ତି, କୃଷି ଅଧିଦର୍ଶକ ପରିଚାଳନା କରିଥିଲେ ଏବଂ ଅନ୍ୟ ସହକର୍ମୀ ବୃନ୍ଦ ସହଯୋଗ କରିଥିଲେ ।

## ବିଶାଳ ବାଇକ୍ ରାଲିରେ ଶିବଶଙ୍କରଙ୍କ ପ୍ରଚାର



ବ୍ରହ୍ମପୁର, (ସବ୍ୟୁ): କେନ୍ଦ୍ରରେ ଥିବା ଦଳ ଓ ରାଜ୍ୟ ସରକାର ବ୍ରହ୍ମପୁରକୁ ଉପଯୁକ୍ତ ପ୍ରାର୍ଥୀ ଦେଇନଥିବା କହି ଆଜି ନିଜ ୪ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ଏକ ବିଶାଳ ମୋଟର ସାଇକେଲ ଯାତ୍ରାରେ ବାହାରିଛନ୍ତି ବ୍ରହ୍ମପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ। ୧୧ ତାରିଖରୁ ପ୍ରଚାର ବନ୍ଦ ହେତୁ ନିଜ ମାଠିଆ ଚିହ୍ନର ପ୍ରଚାର ଆଜି ସହରର ମୁଖ୍ୟ ରାସ୍ତାରେ କରିଛନ୍ତି । ନିଜ ଧର୍ମପତ୍ନୀ ଆଶା କୁମାରୀ ଦାଶଙ୍କ ସହ ଘରୁ ବାପା, ମାଁ ଙ୍କ ଆଶୀର୍ବାଦ ନେଇ ପ୍ରଥମେ ଗୋଷାଣୀନୂଆଁଗାଁ ମୁଖ୍ୟ ରାସ୍ତା, ବିଜିପୁର, ଟାଉନହଲ, ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗିରୀମାର୍କେଟ, କର୍ପୋରେସନ ରୋଡ, ବଡବାଜାର, ଫାଷ୍ଟ ଗେଟ୍, ହରିଡାଖଣ୍ଡି ଛକ, ଆସିକା ରୋଡ, ଗେଟ୍ ବଜାର, ନୂଆଁ ବସ୍ ଷ୍ଟାଣ୍ଡ, ଗୋଇଲୁଣ୍ଡି, କୋର୍ଟପେଟା, ଗଜପତି ନଗର ହୋଇ ନଗର ପରିକ୍ରମା ସହ ନିଜର ମାଠିଆ ଚିହ୍ନର ପ୍ରଚାର କରିଥିଲେ । ଏହି ଅବସରରେ ବିଭିନ୍ନ ଛକ ଗୁଡିକରେ ଶ୍ରୀଯୁକ୍ତ ଦାଶ ଙ୍କୁ ପ୍ରବଳ ଜନ ସମର୍ଥନ ମିଳିବା ସହ ଲୋକେ ପୁଷ୍ପମାଳ ଦେଇ ଏଥର ନିଶ୍ଚୟ ମାଠିଆ ବିଜୟ ନେଇ ସମର୍ଥନ ଜଣାଇଥିଲେ ।


## AFFIDAVIT

I Gandubariki Prasanna, W/o- G. Nageswar Rao, D/o- G. Chiranjeevulu, Flat No. 404-B, Falcon Residency, Patia, Bhubaneswar - 751024, Dist- Khurda, Odisha declare by this Affidavit No.12877, Dated: 04.05.2024 that now onwards I shall be known as G. Prasanna for all future purposes.

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** | pnb punjab national bank (Together for the better) | Oriental | United

ମଣ୍ଡଳ ଶସ୍ତ୍ର କେନ୍ଦ୍ର : ଜେ/୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୫୬୧ (ଅଂଶ), ସା: ଜାଗମରା, ପୋ: ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ ରୁଲ୍ ୩ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩ର ଉପଧାରା ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଦେୟ ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ। **କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଦୃଷ୍ଟି ଆକର୍ଷଣ କରାଯାଉଛି କି ଉପଲବ୍ଧ ସମୟ ପୂର୍ବରୁ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଷ୍ଟେସନ୍ ସ୍କୋୟାର ଶାଖା, ଭୁବନେଶ୍ୱର (୦୫୫୩୦୦)/** **ଋଣଗ୍ରହୀତା: ମେସର୍ସ ଲକ୍ଷ,** ପ୍ଲଟ୍ ନଂ.: ୩, ଆଦର୍ଶ ବିହାର, ପଟିଆ ବିଗ୍ ବଜାର ପଛପାର୍ଶ୍ୱ, କିଟ୍ ସ୍କୋୟାର, ଭୁବନେଶ୍ୱର-୭୫୧୦୨୪, **ଟ୍ରଷ୍ଟି/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ପ୍ରିୟବ୍ରତ କର,** ଫ୍ଲାଟ୍ ନଂ.: ୪୦୩, ଜେ.ଏନ୍. ଟାୱାର, ଶିଶୁ ବିହାର, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **୨) ବିଜୟ କୁମାର ଜେନା,** ପିତା: ଗୌରାଙ୍ଗ ଜେନା, ସା: ଗୋପିନାଥପୁର ନୂଆସାହି ଓରଫ୍ ରାଉତରାପୁର, ପୁରୀ-୭୫୨୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶୁଶାନ୍ତ ମିଶ୍ର,** ପିତା: ଭଗବାନ ମିଶ୍ର, ପ୍ଲଟ୍ ନଂ.: ୪୦୫, ସହୀଦ ନଗର, ଭୁବନେଶ୍ୱର - ୭୫୧୦୦୭ | ୧୩.୦୨.୨୦୨୪ / ୦୭.୦୫.୨୦୨୪ | ୧୨.୦୨.୨୦୨୪ ସୁଦ୍ଧା ଟ.୧,୫୧,୬୭,୩୭୩.୭୪ + ୧୩.୦୨.୨୦୨୪ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | କୋଲାଟେରାଲ ସିକ୍ୟୁରିଟି: ୧) ଶ୍ରୀ ପ୍ରିୟବ୍ରତ କରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୩ (୨ବିଏଚ୍କେ), ଜେ.ଏନ୍. ଟାୱାର, ୪ର୍ଥ ମହଲା, ମୌଜା: ପଟିଆ, ତହସିଲ/ଏସ୍ଆରଓ: ଭୁବନେଶ୍ୱର, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଖାତା ନଂ.: ୨୪୪, ପ୍ଲଟ୍ ନଂ.: ୭୭୫, **୨) ଶ୍ରୀ ଶୁଶାନ୍ତ ମିଶ୍ର,** ପିତା: ଭଗବାନ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୯୧୫/୪୨୩, ପ୍ଲଟ୍ ନଂ.: ୨୭୫୫, ୨୭୫୪ ଏବଂ ୨୭୫୦, କ୍ଷେତ୍ର: ଏକର ୦.୭୫୦ ଡିସିମିଲି, ମୌଜା: କୁରାଙ୍ଗଶାସନ, ତହସିଲ: ବାରଙ୍ଗ (୩୪୭), ଥାନା: କଟକ ସଦର, ଜିଲ୍ଲା: କଟକ |
| **ନିମାପଡା ଶାଖା (୬୬୫୧୦୦)/** **ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧା ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁଦିପ୍ତ ରଞ୍ଜନ ସାମନ୍ତରାୟ,** ପ୍ଲଟ୍ ନଂ.: ୧୨୨୮/୨୬୫୨, କଲେଜ ସ୍କୋୟାର, ଭୋବନୀପୁର, ନିମାପଡା, ଜିଲ୍ଲା: ପୁରୀ - ୭୫୨୧୦୬ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ନିବେଦିତା ସାମନ୍ତରାୟ,** ସ୍ୱାମୀ: ଶ୍ରୀ ସୁଦିପ୍ତ ରଞ୍ଜନ ସାମନ୍ତରାୟ, ଗ୍ରାମ: ଶ୍ୟାମସୁନ୍ଦରପୁର, ପୋ/ଥାନା: ନିମାପଡା, ଜିଲ୍ଲା: ପୁରୀ - ୭୫୨୧୦୬ | ୨୩.୦୧.୨୦୨୪ / ୦୭.୦୫.୨୦୨୪ | ୩୧.୧୨.୨୦୨୩ ସୁଦ୍ଧା ଟ.୨୩,୩୧,୬୪୦.୧୯ + ୦୧.୦୧.୨୦୨୪ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | କୋଲାଟେରାଲ ସିକ୍ୟୁରିଟି: ଶ୍ରୀମତୀ ନିବେଦିତା ସାମନ୍ତରାୟଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଭୋବନୀପୁର, ଥାନା/ତହସିଲ: ନିମାପଡା, ଜିଲ୍ଲା: ପୁରୀ, ଖାତା ନଂ.: ୪୨୬/୬୪୬, ପ୍ଲଟ୍ ନଂ.: ୧୨୨୮/୨୬୫୨, କ୍ଷେତ୍ର: ଏକର ୦.୦୫୩ ଡିସିମିଲି |

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୦.୦୫.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

पंजाब एण्ड सिंध बैंक (भारत सरकार का उपक्रम) | Punjab & Sind Bank (A Govt. of India Undertaking) | Where service is a way of life

## ଇ-ନିଲାମ
(କେବଳ ଇ-ନିଲାମ ମାଧ୍ୟମରେ ବିକ୍ରୟ)

ଆଞ୍ଚଳିକ କାର୍ଯ୍ୟାଳୟ: ହାଉସ୍ ନଂ.: ୫୪-୧୫-୪ସି, ଚତୁର୍ଥ ମହଲା, ଆରକେ ଗ୍ୟାଲେରିଆ, ରିଙ୍ଗ୍ ରୋଡ, ଶ୍ରୀନିବାସନଗର ବ୍ୟାଙ୍କ କଲୋନୀ, ହେଲଥ୍ ୟୁନିଭରସିଟି ନିକଟ, ବିଜୟୱାଡା - ୫୨୦୦୦୮

ତା.୨୯.୦୫.୨୦୨୪ରିଖ (ଅପରାହ୍ନ ୨.୦୦ଘଟିକାରୁ ଅପରାହ୍ନ ୪.୦୦ ଘଟିକା)ରେ ସ୍ଥାବର ସମ୍ପତ୍ତି ଗୁଡିକର ଇ-ନିଲାମ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି

[ ପରିଶିଷ୍ଟ-୪-ଏ ] ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯(୧) ର ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରହିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତିକୁ ଭୌତିକ/ସାଙ୍କେତିକ ଦଖଲ ନିଆଯାଇ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସେଗୁଡିକ 'ଯେଉଁଠାରେ ଯେପରି ଅଛି' "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ।

| | |
|---|---|
| ବନ୍ଧକପ୍ରାପ୍ତ ସମ୍ପତ୍ତିର ତନଖି ତାରିଖ ଏବଂ ସମୟ | ୨୭.୦୫.୨୦୨୪, ପୂର୍ବାହ୍ନ ୧୧:୦୦ ଘଟିକାରୁ ଅପରାହ୍ନ ୪:୦୦ ଘଟିକା ମଧ୍ୟରେ |
| EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ | ୨୮.୦୫.୨୦୨୪, ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ । |
| ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ | ୨୯.୦୫.୨୦୨୪, ଅପରାହ୍ନ ୨:୦୦ ଘଟିକାରୁ ଅପରାହ୍ନ ୪:୦୦ ଘଟିକା ମଧ୍ୟରେ |

### ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ

| କ୍ର. ନଂ.: | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ / ଦଖଲର ପ୍ରକାର | ଡିମାଣ୍ଡ ତାରିଖ/ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମାରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଅଶୋକ ନଗର ଶାଖା, ଭୁବନେଶ୍ୱର /** **ଋଣଗ୍ରହୀତା: ଶ୍ରୀମତୀ ରାଜଲକ୍ଷ୍ମୀ ମହାନ୍ତି,** ସ୍ୱାମୀ: ଶ୍ରୀ ଶେଷ ରଞ୍ଜନ ଧୀର, **ଠିକଣା-୧:** ପ୍ଲଟ୍ ନଂ.: ଏନ୍/୩/୩୮୪, ପ୍ରଥମ ମହଲା, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍ - ୭୫୧୦୧୫, **ଠିକଣା-୨:** ଟ୍ରେଣ୍ଡି ଟଚ୍ପର୍ସ ସିକ୍ୟୁରିଟି ସର୍ଭିସ୍ ପ୍ରା.ଲିଃ., ୧/୨୯୦, ଆଇଆରସି ଭିଲେଜ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, **ଠିକଣା-୩:** ଫ୍ଲାଟ୍ ନଂ.: ୫୦୪, ଟାୱାର -ବି-୦୦୬, ଟାଇପ୍: ଲିଲି, ପଞ୍ଚମ ମହଲା "ଟିଏସ୍ଏଲ ସ୍ପ୍ରିଙ୍ଗ୍ ସିଟି" ମୌଜା: କଣ୍ଟାବାଡ, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା / **ଗ୍ୟାରେଣ୍ଟିଦାତା: ଶ୍ରୀ ଶେଷ ରଞ୍ଜନ ଧୀର,** ପିତା: ଶ୍ରୀ ଘନଶ୍ୟାମ ଧୀର , **ଠିକଣା-୧:** ପ୍ଲଟ୍ ନଂ.: ଏନ୍/୩/୩୮୪, ପ୍ରଥମ ମହଲା, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୫, ଓଡିଶା, **ଠିକଣା-୨:** ଫ୍ଲାଟ୍ ନଂ.: ୫୦୪, ଟାୱାର -ବି-୦୦୬, ଟାଇପ୍: ଲିଲି, ପଞ୍ଚମ ମହଲା "ଟିଏସ୍ଏଲ ସ୍ପ୍ରିଙ୍ଗ୍ ସିଟି" ମୌଜା: କଣ୍ଟାବାଡ, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା | **ଶ୍ରୀ ଶେଷ ରଞ୍ଜନ ଧୀର,** ପିତା: ଶ୍ରୀ ଘନଶ୍ୟାମ ଧୀରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୫୦୪, ଟାୱାର -ବି-୦୦୬, ଟାଇପ୍: ଲିଲି, ପଞ୍ଚମ ମହଲା "ଟିଏସ୍ଏଲ ସ୍ପ୍ରିଙ୍ଗ୍ ସିଟି", ପ୍ଲଟ୍ ନଂ.: ୨୦୪, ଖାତା ନଂ.: ୨୧୫, ହାଲ ମ୍ୟୁଟେସନ୍ ଖାତା ନଂ.: ୨୫୩/୧୪୨, କ୍ଷେତ୍ର: ୧୦୬୫ବର୍ଗଫୁଟ୍, ମୌଜା: କଣ୍ଟାବାଡ, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା / **ସାଙ୍କେତିକ** | ୨୮.୦୪.୨୦୨୩ / ୩୦.୦୪.୨୦୨୪ ସୁଦ୍ଧା ଟ.୨୧,୬୧,୪୦୮.୪୦ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ, ବିଯୁକ୍ତ ପରିଶୋଧ ରାଶି ଯଦି ଏହା ପରେ କିଛିଥାଏ | ଟ.୨୬,୮୪,୦୦୦/- / ଟ.୨,୬୮,୪୦୦/- / ଟ.୧୦,୦୦୦/- |
| ୨. | **ଅଶୋକ ନଗର ଶାଖା /** **କ) ଋଣଗ୍ରହୀତାମାନେ: ୧) ମେସର୍ସ ଓମ୍ ସାଇ ରିଫାଇନେରୀ (ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଆଶୁତୋଷ ସାହୁ),** ସା: ପ୍ଲଟ୍ ନଂ.: ୫୮/୨୬୩, କୋଚିଲା ଗଡିଆ, ପୋ: ବଡଚଣା, ତହସିଲ: ଦର୍ପଣ, ଜିଲ୍ଲା: ଯାଜପୁର - ୭୫୫୦୪୪, **୨) ଶ୍ରୀ ଆଶୁତୋଷ ସାହୁ,** ପିତା: ୰ ବିରଞ୍ଚି ନାରାୟଣ ସାହୁ, **ଠିକଣା - ୧)** ପ୍ଲଟ୍ ନଂ.: ୭୯୧/୨୯୩୮ ଏବଂ ୭୯୧/୨୯୩୯, ସା/ପୋ: ଜହ୍ନ, ତହସିଲ: ବ୍ୟାସନଗର, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର - ୭୫୫୦୧୯, **ଠିକଣା - ୨) ଶ୍ରୀ ଆଶୁତୋଷ ସାହୁ,** ମେସର୍ସ ଓମ୍ ସାଇ ରିଫାଇନେରୀ, ସା: ପ୍ଲଟ୍ ନଂ.: ୫୮/୨୬୩, କୋଚିଲା ଗଡିଆ, ପୋ: ବଡଚଣା, ତହସିଲ: ଦର୍ପଣ, ଜିଲ୍ଲା: ଯାଜପୁର - ୭୫୫୦୪୪ /**ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ପ୍ରୀତି ରଞ୍ଜନ ସାହୁ,** ପିତା: ୰ ରବିନ୍ଦ୍ର କୁମାର ସାହୁ, **୨) ଶ୍ରୀ ମାନସ ରଞ୍ଜନ ସାହୁ,** ପିତା: ୰ ରବିନ୍ଦ୍ର କୁମାର ସାହୁ, ଉଭୟଙ୍କ ଠିକଣା - ସା: ପ୍ଲଟ୍ ନଂ.: ୭୯୧/୨୯୩୮ ଏବଂ ୭୯୧/୨୯୩୯, ସା/ପୋ: ଜହ୍ନ, ତହସିଲ: ବ୍ୟାସନଗର, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର - ୭୫୫୦୧୯ **ଖ) ଋଣଗ୍ରହୀତା: ମେସର୍ସ ମା ନାରାୟଣୀ ଟ୍ରାନ୍ସପୋର୍ଟର୍ସ ଆଣ୍ଡ ଟ୍ରେଡର୍ସ ପ୍ରା.ଲିଃ,** ସା/ପୋ: ଜହ୍ନ, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର - ୭୫୫୦୧୯, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଆଶୁତୋଷ ସାହୁ,** ପିତା: ୰ ବିରଞ୍ଚି ନାରାୟଣ ସାହୁ ଏବଂ **ନିର୍ଦ୍ଦେଶକମାନେ: ୧) ଶ୍ରୀ ପ୍ରୀତି ରଞ୍ଜନ ସାହୁ,** ପିତା: ୰ ରବିନ୍ଦ୍ର କୁମାର ସାହୁ, **୨) ପୁଷ୍ପାଞ୍ଜଳି ସାହୁ,** ସ୍ୱାମୀ: ୰ ରବିନ୍ଦ୍ର କୁମାର ସାହୁ, ସା/ପୋ: ଜହ୍ନ, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର - ୭୫୫୦୧୯ | **୧) ଶ୍ରୀ ଆଶୁତୋଷ ସାହୁ,** ପିତା: ୰ ବିରଞ୍ଚି ନାରାୟଣ ସାହୁ, ବାସସ୍ଥାନ ଠିକଣା: ସା/ପୋ: ଜହ୍ନ, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୧୯ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୪/୫୯, ମୌଜା: କୋଚିଲାଗଡିଆ, ତହସିଲ: ଦର୍ପଣ, ଏସ୍ଆରଓ: ବଡଚଣା, ଥାନା: ବଡଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୧୯, କ) ପ୍ଲଟ୍ ନଂ.: ୫୮/୨୬୩, ପରିମିତ କ୍ଷେତ୍ର: ଏକର ୨.୨୩୦ ଡିସିମିଲି, (ଖ) ପ୍ଲଟ୍ ନଂ.: ୬୦, ପରିମିତ କ୍ଷେତ୍ର: ଏକର ୦.୭୨୦ ଡିସିମିଲି, (ଗ) ପ୍ଲଟ୍ ନଂ.: ୬୬, ପରିମିତ କ୍ଷେତ୍ର: ଏକର ୦.୦୫୦ ଡିସିମିଲି, **ସମୁଦାୟ: କ୍ଷେତ୍ର: ଏକର ୩.୦୦୦ ଡିସିମିଲି** **୨) ଶ୍ରୀ ଆଶୁତୋଷ ସାହୁ,** ପିତା: ୰ ବିରଞ୍ଚି ନାରାୟଣ ସାହୁ, ବାସସ୍ଥାନ ଠିକଣା: ସା/ପୋ: ଜହ୍ନ, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୧୯ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୪/୬୦, ମୌଜା: କୋଚିଲାଗଡିଆ, ତହସିଲ: ଦର୍ପଣ, ଏସ୍ଆରଓ: ବଡଚଣା, ଥାନା: ବଡଚଣା, ଜିଲ୍ଲା: ଯାଜପୁର, କ) ପ୍ଲଟ୍ ନଂ.: ୬୬, ପରିମିତ କ୍ଷେତ୍ର: ଏକର ୦.୦୫୦ ଡିସିମିଲି, (ଖ) ପ୍ଲଟ୍ ନଂ.: ୪୩, ପରିମିତ କ୍ଷେତ୍ର: ଏକର ୦.୦୬୦ ଡିସିମିଲି ଏବଂ (ଗ) ପ୍ଲଟ୍ ନଂ.: ୫୮, ପରିମିତ କ୍ଷେତ୍ର: ଏକର ୨.୦୩୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୨.୧୪୦ ଡିସିମିଲି (ସର୍ବମୋଟ କ୍ଷେତ୍ର: ଏକର ୫.୧୪୦ ଡିସିମିଲି)** | ୦୩.୧୦.୨୦୨୩ ଏବଂ ୦୮.୦୯.୨୦୨୩ / (ଋଣଗ୍ରହୀତା-୧) ୩୦.୦୪.୨୦୨୪ ସୁଦ୍ଧା ଟ.୬୫,୫୫,୨୯୧.୭୬ ଏବଂ (ଋଣଗ୍ରହୀତା-୨) ୩୦.୦୪.୨୦୨୪ ସୁଦ୍ଧା ଟ.୬,୫୬,୯୯୦.୯୪ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ଟ.୧,୩୨,୨୯,୦୦୦/- / ଟ.୧୩,୨୨,୯୦୦/- / ଟ.୧୦,୦୦୦/- |
| ୩. | **ବି.କେ. ରୋଡ୍ ଶାଖା /** **ଋଣଗ୍ରହୀତାମାନେ: ଶ୍ରୀ କ୍ଷୀରୋଦ ପ୍ରସାଦ ଡରାଇ,** ପିତା: ବଂଶୀଧର ଡରାଇ, ପିଆଇଆର୍ ସମ୍ମୁଖରେ, ସେଲୁର ଛକ, ତୁଳସୀପୁର, କଟକ-୭୫୩୦୦୨, **୨) ଶ୍ରୀ ସୁଶାନ୍ତ ବିଶ୍ୱାଳ,** ପିତା: କୈଳାସ ଚନ୍ଦ୍ର ବିଶ୍ୱାଳ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅଞ୍ଜନା ବିଶ୍ୱାଳ,** ସ୍ୱାମୀ: କୈଳାସ ଚନ୍ଦ୍ର ବିଶ୍ୱାଳ, ଡାରୋଟ, ଜଗତପୁର, କଟକ-୭୫୪୦୨୧ | **ଶ୍ରୀ ସୁଶାନ୍ତ ବିଶ୍ୱାଳ ଏବଂ ଶ୍ରୀମତୀ ଅଞ୍ଜନା ବିଶ୍ୱାଳଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୫୦, ଖାତା ନଂ.: ୧୨୦୫/୬୬୧, କ୍ଷେତ୍ର: ଏକର୦.୦୫୫ଡିସିମିଲି, ମୌଜା: କଟକ ଟାଉନ୍ ୟୁନିଟ୍-୩୩, ବିଶିନାବର, ଥାନା: ମଧୁପାଟଣା, କଟକ /**ସାଙ୍କେତିକ** | ୩୧.୦୩.୨୦୨୪ / ୩୦.୦୪.୨୦୨୪ ସୁଦ୍ଧା ଟ.୧୩,୦୮,୯୪୫.୮୫ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ, ବିଯୁକ୍ତ ପରିଶୋଧ ରାଶି ଯଦି ଏହା ପରେ କିଛିଥାଏ | ଟ.୪୩,୧୩,୦୦୦/- / ଟ.୪,୩୧,୩୦୦/- / ଟ.୧୦,୦୦୦/- |
| ୪. | **ବି.କେ. ରୋଡ୍ ଶାଖା, କଟକ /** **ଋଣଗ୍ରହୀତା: ୰ ସଞ୍ଜିତ ସ୍ୱାଇଁ, (ଯେହେତୁ ମୃତକ ତାଙ୍କର ଆଇନଗତ ପ୍ରତିନିଧିମାନେ): କ) ଶ୍ରୀମତୀ ଲକ୍ଷ୍ମୀ ସ୍ୱାଇଁ (ମାତା ଏବଂ ଗ୍ୟାରେଣ୍ଟିଦାତା), ଖ) ଶ୍ରୀ ରଞ୍ଜିତ କୁମାର ସ୍ୱାଇଁ (ଭାଇ), ଗ) ଶ୍ରୀ ହେମନ୍ତ କୁମାର ସ୍ୱାଇଁ (ଭାଇ), ଘ) ଶ୍ରୀ ଜୟରାମ ସ୍ୱାଇଁ (ପିତା),** ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୦୯/୬୯୧, ମୌଜା: କଟକ ସଦର ୟୁନିଟ୍ ନଂ.: ୨୧, ରାଣୀହାଟ, ଥାନା: ମଙ୍ଗଳବାଗ, ନଂ.: ୬, କଟକ-୭୫୩୦୦୧ | **ଶ୍ରୀମତୀ ଲକ୍ଷ୍ମୀ ସ୍ୱାଇଁ,** ସ୍ୱାମୀ: ଜୟରାମ ସ୍ୱାଇଁଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଯାହାର ପ୍ଲଟ୍ ନଂ.: ୩୧୬, ଖାତା ନଂ.: ୩୦୭, କ୍ଷେତ୍ର: ଏକର୦.୦୫୧ଡିସିମିଲି, ମୌଜା: କଟକ ସଦର ୟୁନିଟ୍-୨୧, ରାଣୀହାଟ, ଥାନା: ମଙ୍ଗଳବାଗ ନଂ.: ୬, ତହସିଲ: କଟକ, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୨୨, ପଶ୍ଚିମ: ଗଦାଧର ରାଜ, ଉତ୍ତର: ପ୍ଲଟ୍ ନଂ.: ୩୧୫/୩୧୭ ଏବଂ ରାସ୍ତା ଏବଂ ଦକ୍ଷିଣ: ପ୍ଲଟ୍ ନଂ.: ୩୨୨ ଏବଂ ସାଧାରଣ ସ୍ଥାନ /**ସାଙ୍କେତିକ** | ୧୪.୦୩.୨୦୨୩ / ୩୦.୦୪.୨୦୨୪ ସୁଦ୍ଧା ଟ.୨୬,୮୩,୩୯୩.୪୧ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ, ବିଯୁକ୍ତ ପରିଶୋଧ ରାଶି ଯଦି ଏହା ପରେ କିଛିଥାଏ | ଟ.୫୬,୯୮,୦୦୦/- / ଟ.୫,୬୯,୮୦୦/- / ଟ.୧୦,୦୦୦/- |
| ୫. | **ଚରମ୍ପା, ଭଦ୍ରକ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଉମାକାନ୍ତ ବାରିକ,** ପିତା: ଶ୍ରୀ ଅରୁଣ ବାରିକ, **୨)ଶ୍ରୀ ଅରୁଣ ବାରିକ,** ପିତା: ୰ ପାଣ୍ଡୁ ବାରିକ, ଉଭୟଙ୍କ ଠିକଣା ସା: ଗୋବିନ୍ଦପୁର, ପୋ.: ଗେଲଟୁଆ, ଜିଲ୍ଲା: ଭଦ୍ରକ, ଓଡ଼ିଶା | **ଶ୍ରୀ ଅରୁଣ ବାରିକ,** ପିତା: ୰ ପାଣ୍ଡୁ ବାରିକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଗୋବିନ୍ଦପୁର, ପୋ.: ଗେଲଟୁଆ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ଖାତା ନଂ.: ୨୩୯/୪୪, ପ୍ଲଟ୍ ନଂ.: ୧୯୮/୯୦୧, **କ୍ଷେତ୍ର: ଏକର୦.୦୪ ଡିସିମିଲି** (ବିକ୍ରୟ ଦଲିଲ୍ ନଂ.: ୩୪୬୯, ତା.୨୯.୧୦.୨୦୦୧), ଏହାର ଚାରିପାର୍ଶ୍ୱରେ ଉତ୍ତର: ମଥୁରା ମୋହନ ଦାସ, ଦକ୍ଷିଣ: ବୈରାଗୀ ଦାସ, ପୂର୍ବ: ରାସ୍ତା, ପଶ୍ଚିମ: ବୃନ୍ଦାବନ ନାୟକ / **ସାଙ୍କେତିକ** | ୩୦.୧୦.୨୦୧୮ / ୩୦.୦୪.୨୦୨୪ ସୁଦ୍ଧା ଟ.୧୮,୫୦,୮୯୧.୯୦ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୫,୦୦,୦୦୦/- / ଟ.୫୦,୦୦୦/- / ଟ.୧୦,୦୦୦/- |
| ୬. | **ଚରମ୍ପା, ଭଦ୍ରକ ଶାଖା /** **ଋଣଗ୍ରହୀତା: ଶ୍ରୀ ବିରେନ୍ ରାଉତ,** ପିତା: ଶ୍ରୀ ପୁରୁଷୋତ୍ତମ ରାଉତ, ଗ୍ରାମ: ଏରେଇଁ,ପୋ.: ଚରମ୍ପା, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡ଼ିଶା | **ଶ୍ରୀ ବିରେନ ରାଉତଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ଏରେଇଁ, ପୋ.: ଚରମ୍ପା, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ଖାତା ନଂ.: ୧୩୪୫/୧୪୮୮, ପ୍ଲଟ୍ ନଂ.: ୨୪୪୬/୫୧୮୬, **କ୍ଷେତ୍ର: ଏକର୦.୦୫୩ ଡିସିମିଲି** (ବନ୍ଧକପ୍ରାପ୍ତ ଦଲିଲ୍ ନଂ.: ୧୦୨୩୧୩୦୪୯୨୩, ତା.୨୬.୧୨.୨୦୧୩), ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଝିଲରାଣୀ ନାୟକ, ପୂର୍ବ: ମନମୋହନ ମହାନ୍ତି, ପଶ୍ଚିମ: ଘରୋଇ ରାସ୍ତା / **ସାଙ୍କେତିକ** | ୩୦.୧୦.୨୦୧୮ / ୩୦.୦୪.୨୦୨୪ ସୁଦ୍ଧା ଟ.୨୧,୧୫,୪୬୩.୬୭ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୧୧,୦୦,୦୦୦/- / ଟ.୧,୧୦,୦୦୦/- / ଟ.୧୦,୦୦୦/- |
| ୭. | **ଚରମ୍ପା, ଭଦ୍ରକ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ କରୁଣାକର ନାୟକ,** ପିତା: ଚକ୍ରଧର ନାୟକ, ବାସସ୍ଥାନ ଠିକଣା- ଗ୍ରାମ: ଆଗିରିଆ, ତାଳପଦା, ଥାନା: ତିହିଡି, ଜିଲ୍ଲା: ଭଦ୍ରକ-୭୫୬୧୬୩, **୨) ଚକ୍ରଧର ନାୟକ,** ପିତା: କୃଷ୍ଣ ନାୟକ, ବାସସ୍ଥାନ ଠିକଣା- ଭୁଆଁଶ, ଆଗିରିଆ, ତାଳପଦା, ଥାନା: ତିହିଡି, ଜିଲ୍ଲା: ଭଦ୍ରକ-୭୫୬୧୬୩ | **୧) ଶ୍ରୀ ଚକ୍ରଧର ନାୟକ,** ପିତା: କୃଷ୍ଣ ଚନ୍ଦ୍ର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା: ଆଗିରିଆ, ଥାନା: ତିହିଡି, ଜିଲ୍ଲା: ଭଦ୍ରକ, କ୍ଷେତ୍ର: ଏକର୦.୨୩ଡିସିମିଲ, ପଞ୍ଜିକୃତ ଦଲିଲ୍ ନଂ.: ୧୬୩୨, ତାରିଖ: ୧୪.୧୨.୨୦୧୯, ଖାତା ନଂ.: ୧୫୬/୧୧ ଏବଂ ପ୍ଲଟ୍ ନଂ.: ୯୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କେନାଲ, ପୂର୍ବ: ବିକାଶ କୁମାର ରଥ, ପଶ୍ଚିମ: କେନାଲ / **ସାଙ୍କେତିକ** | ୦୫.୦୪.୨୦୨୧ / ୩୦.୦୪.୨୦୨୪ ସୁଦ୍ଧା ଟ.୧,୫୯,୩୦୩.୦୨ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୫୦,୬୩,୦୦୦/- / ଟ.୫,୦୬,୩୦୦/- / ଟ.୧୦,୦୦୦/- |
| ୮. | **ଚରମ୍ପା, ଭଦ୍ରକ ଶାଖା /** **ଋଣଗ୍ରହୀତା: ମେସର୍ସ ମା କନକାଗୁଣୀ ରୋଷ୍ଟର ଚୁଡା ମିଲ୍, ସ୍ୱତ୍ତ୍ୱାଧିକାରୀ: ପୂର୍ଣ୍ଣ ଚନ୍ଦ୍ର ବାରିକ,** ପିତା: ଗଣେଶ ପ୍ରସାଦ ବାରିକ, ସା: ସୁନ୍ଦରଗଡିଆ, ପୋ: ବଳଭଦ୍ରପୁର, ତୁନିଦା, ଭଦ୍ରକ / **ଗ୍ୟାରେଣ୍ଟିଦାତା: ସ୍ମିସ୍ମରାଣୀ ବାରିକ,** ସ୍ୱାମୀ: ପୂର୍ଣ୍ଣ ଚନ୍ଦ୍ର ବାରିକ, ସୁନ୍ଦରଗଡିଆ, ବଳଭଦ୍ରପୁର, ଭଦ୍ରକ-୭୫୬୧୧୬ | **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବାରିକ,** ପିତା: ଗଣେଶ ପ୍ରସାଦ ବାରିକଙ୍କନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୯୫ ଏବଂ ୧୩୯୨, ଖାତା ନଂ.: ୪୩୫/୧୫୨, ମୌଜା: ତୁନିଦା, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ, ପରିମି କ୍ଷେତ୍ର: ଏକର୦.୦୮୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭାଗବତ ବହାରଣା, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୩୯୩, ପୂର୍ବ: ରମେଶ ଚନ୍ଦ୍ର ବାରିକ, ପଶ୍ଚିମ: ପ୍ଲଟ୍ ନଂ.: ୧୩୯୦ / **ସାଙ୍କେତିକ** | ୦୫.୦୪.୨୦୨୧ / ୩୦.୦୪.୨୦୨୪ ସୁଦ୍ଧା ଟ.୨୬,୪୧,୬୦୭/- + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୭,୭୪,୦୦୦/- / ଟ.୨,୭୭,୪୦୦/- / ଟ.୧୦,୦୦୦/- |
| ୯. | **ଚଣ୍ଡିଖୋଲ ଶାଖା/** **ଋଣଗ୍ରହୀତା: ଶ୍ରୀ ଅନନ୍ତ କୁମାର ଦାସ,** ପିତା: ଶ୍ରୀ ନରହରି ଦାସ, ପ୍ଲଟ୍ ନଂ.: ୧୫୯୨, ଖାତା ନଂ.: ୪୨୪, ବରଠା ରେଭିନ୍ୟୁ ମୌଜା, ଥାନା/ତହସିଲ/ଏସ୍ଆରଓ: ମାହାଙ୍ଗା, ଜିଲ୍ଲା: କଟକ, ପିନ୍ - ୭୫୪୨୯୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ଦିପକ ଦାସ,** ପିତା: ଧନୁ ଦାସ, ସା/ପୋ: କଉଡୁକୋଲା, ଅଳିନଗର, ଥାନା: ବାସୁଦେବପୁର, ଜିଲ୍ଲା: କଟକ, ପିନ୍ - ୭୫୪୨୨୧ | **ଶ୍ରୀ ଅନନ୍ତ କୁମାର ଦାସ,** ପିତା: ଶ୍ରୀ ନରହରି ଦାସ, **ବଟକୃଷ୍ଣ ଦାସ, ନଟବର ଦାସ, ଜଗବନ୍ଧୁ ଦାସଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୫୯୨, ଖାତା ନଂ.: ୪୨୪, କିସମ: ଘରବାରୀ, କ୍ଷେତ୍ର: ୧.୦୭ ଏକର, ମୌଜା: ବରଠା, ଥାନା/ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ପିନ୍ - ୭୫୪୨୯୬, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୫୯୩, ଦକ୍ଷିଣ: ପ୍ଲଟ୍ ନଂ.: ୧୫୯୧, ପୂର୍ବ: ପ୍ଲଟ୍ ନଂ.: ୧୫୯୬, ପଶ୍ଚିମ: ରାସ୍ତା / **ସାଙ୍କେତିକ** | ୦୮.୦୬.୨୦୨୩ / ୩୦.୦୪.୨୦୨୪ ସୁଦ୍ଧା ଟ.୧୮,୫୬,୯୬୩/- + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ, ବିଯୁକ୍ତ ପରିଶୋଧ ରାଶି ଯଦି ଏହା ପରେ କିଛିଥାଏ | ଟ.୬୬,୦୦,୦୦୦/- / ଟ.୬,୬୦,୦୦୦/- / ଟ.୧୦,୦୦୦/- |
| ୧୦. | **ଯାଜପୁର ରୋଡ୍ ଶାଖା /** **ଋଣଗ୍ରହୀତାମାନେ: ୧) ମେସର୍ସ ଯୋଗମାୟା ଟ୍ରେଡର୍ସ,** ସା/ପୋ./ଥାନା: ପାଣିକୋଇଲି, ପ୍ଲଟ୍ ନଂ.: ୫୯୨/୨୭୭୪, ପାଣିକୋଇଲି, କୋରେଇ ରୋଡ୍, ଜୟ ଜଗନ୍ନାଥ ମେଡିସିନ୍ ଷ୍ଟୋର ନିକଟ, ଜିଲ୍ଲା: ଯାଜପୁର-୭୫୫୦୪୩, **୨) ଶ୍ରୀ ସଞ୍ଜୟ କୁମାର ସାହୁ, ୩) ଶ୍ରୀ ଅଜୟ କୁମାର ସାହୁ / ଗ୍ୟାରେଣ୍ଟିଦାତା: ଶ୍ରୀ ରଞ୍ଜନ କୁମାର ସାହୁ,** ସମସ୍ତଙ୍କ ପିତା: ଶ୍ରୀ ଜଗବନ୍ଧୁ ସାହୁ, ସା: ବର୍ଦ୍ଧମଣା, ପୋ.: ରାଣୀଗୋଡା, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର-୭୫୫୦୨୫ | **ରଞ୍ଜନ କୁମାର ସାହୁ, ସଞ୍ଜୟ କୁମାର ସାହୁ ଏବଂ ଅଜୟ କୁମାର ସାହୁ,** ସମସ୍ତଙ୍କ ପିତା: ଶ୍ରୀ ଜଗବନ୍ଧୁ ସାହୁ, ଗ୍ରାମ: ବର୍ଦ୍ଧମଣା, ପୋ.: ରାଣୀଗୋଡା, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର-୭୫୫୦୨୫ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୦୧, ମ୍ୟୁଟେସନ୍ ଖାତା ନଂ.: ୪୯୫/୭୩, ମୌଜା: ବର୍ଦ୍ଧମଣା, ଜିଲ୍ଲା: ଯାଜପୁର, ପରିମିତ କ୍ଷେତ୍ର: ଏକର୦.୬୧ଡିସିମିଲି (ବିକ୍ରୟ ଦଲିଲ୍ ନଂ.: ୧୦୮୨୧୧୦୫୧୩୭, ତାରିଖ: ୩୦.୧୨.୨୦୧୧) ଏବଂ **ସଞ୍ଜୟ କୁମାର ସାହୁ ଏବଂ ଅଜୟ କୁମାର ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୬୯୮, ଖାତା ନଂ.: ୪୯୫/୯୯, ମୌଜା: ବର୍ଦ୍ଧମଣା, କ୍ଷେତ୍ର: ଏକର୦.୩୧ଡିସିମିଲି (ମାଲିକାନା ଦଲିଲ୍ ନଂ.: ୧୦୮୨୧୪୦୦୦୬୫, ତାରିଖ: ୦୬.୦୧.୨୦୧୪), ପଞ୍ଜିକୃତ ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଲୋକନାଥ ସାମନ୍ତରା, ପୂର୍ବ: ପ୍ଲଟ୍ ନଂ.: ୧୭୧୧, ୧୭୧୨, ପଶ୍ଚିମ: ପ୍ଲଟ୍ ନଂ.: ୧୭୦୦ ଏବଂ ୧୬୯୮ ଏବଂ ଉତ୍ତର: ରାସ୍ତା, ଦକ୍ଷିଣ: ଅନାଦୀ ବାରିକ, ପୂର୍ବ: ନିଜ ଏବଂ ପଶ୍ଚିମ: ଅନାବାଦୀ | ୧୩.୦୧.୨୦୨୦ / ୩୦.୦୪.୨୦୨୪ ସୁଦ୍ଧା ଟ.୫୧,୮୧,୨୭୪.୬୧ + ଆଇନଗତ ଖର୍ଚ୍ଚ (ଡିଆରଟି କୋର୍ଟ ଫି, ଆଡଭୋକେଟ୍ ଦେୟ, ପ୍ରକାଶନ ଦେୟ) ଯଦି କିଛି ଥାଏ | ଟ.୫୮,୫୭,୦୦୦/- / ଟ.୫,୮୫,୭୦୦/- / ଟ.୧୦,୦୦୦/- |
| ୧୧. | **ଯାଜପୁର ରୋଡ୍ ଶାଖା /** **ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର କୁଅଁର,** ମାର୍ଫତ୍: ଶ୍ରୀ କେଶବ ଚନ୍ଦ୍ର କୁଅଁର, **ସହ-ଋଣଗ୍ରହୀତା: ଶ୍ରୀ କେଶବ କୁଅଁର,** ପିତା: ପୁରୁଷୋତ୍ତମ କୁଅଁର / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରକାଶ କୁଅଁର,** ପିତା: କେଶବ କୁଅଁର, ସମସ୍ତଙ୍କ ଠିକଣା ସା: ଜଳପତିପୁର, ପୋ: ମୁକୁନ୍ଦପୁର, ଥାନା: କୋରେଇ, ଜିଲ୍ଲା: ଯାଜପୁର-୭୫୫୦୨୫ | **ଶ୍ରୀ କେଶବ କୁଅଁର,** ପିତା: ପୁରୁଷୋତ୍ତମ କୁଅଁର, ସା: ଜଳପତିପୁର, ପୋ: ମୁକୁନ୍ଦପୁର, ଥାନା: କୋରେଇ, ଜିଲ୍ଲା: ଯାଜପୁର-୭୫୫୦୨୫ ଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ: ୧୫୯୯, ତା.୧୯.୦୩.୧୯୮୨ରିଖ ଅନୁଯାୟୀ ପ୍ଲଟ୍ ନଂ.: ୨୩୧, ମ୍ୟୁଟେସନ୍ ଖାତା ନଂ.: ୩୩, ମୌଜା: ବିରିଡିହି, ଜିଲ୍ଲା: ଯାଜପୁର, ପରିମିତ କ୍ଷେତ୍ର: ଏକର୦.୦୬୦ ଡିସିମିଲି ଏବଂ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ: ୫୫୫୯, ତା୨୧.୦୯.୧୯୮୨ରିଖ ଅନୁଯାୟୀ ପ୍ଲଟ୍ ନଂ: ୨୩୩, ମ୍ୟୁଟେସନ୍ ଖାତା ନଂ: ୩୩, ମୌଜା: ବିରିଡିହି, ଜିଲ୍ଲା: ଯାଜପୁର, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ **ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ:୧୫୯୯ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ** ଉତ୍ତର: ଚନ୍ଦ୍ର ମୁହୁଲି, ଦକ୍ଷିଣ: ଶରତ ବାରିକ, ପୂର୍ବ: ଗଡିଆ, ପଶ୍ଚିମ: ଗଦାଧର ବେହେରା ଏବଂ **ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ: ୫୫୫୯ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ** ଉତ୍ତର: ଶରତ ବାରିକ, ଦକ୍ଷିଣ: କୃଷ୍ଣ ମୁହୁଲି, ପୂର୍ବ: ଅନାବାଦୀ, ପଶ୍ଚିମ: ଗଦାଧର ମହାପାତ୍ର | ୦୩.୧୨.୨୦୨୧ / ୩୦.୦୪.୨୦୨୪ ସୁଦ୍ଧା ଟ.୮,୩୫,୮୯୫.୨୦ +ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ଟ.୧୧,୯୨,୦୦୦/- / ଟ.୧,୧୯,୨୦୦/- / ଟ.୧୦,୦୦୦/- |
| ୧୨. | **ଖୋର୍ଦ୍ଧା ରୋଡ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରେଖା ଅଗ୍ରୱାଲ,** ସ୍ୱାମୀ: ଶ୍ରୀ ଅଜୟ ଅଗ୍ରୱାଲ, **୨) ଶ୍ରୀ ଅଜୟ ଅଗ୍ରୱାଲ,** ପିତା: ମହାବୀର ଅଗ୍ରୱାଲ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୨୧୫, ରୁମ୍ ନଂ.: ୨, ଅଜୟ ହାଉସ, ପୋଲିସ ଷ୍ଟେସନ ପଛପାର୍ଶ୍ୱ, ରାମଚନ୍ଦ୍ରପୁର ବଜାର, ସା/ପୋ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | ରୟାଲ ହାବିଟାଟ୍ ପ୍ରୋଜେକ୍ଟ ନାମକ ଆପାର୍ଟମେଣ୍ଟର ଟାୱାର-୧୧ର ୪ର୍ଥ ମହଲାରେ ଥିବା ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ନଂ.: ଇ-୪୬୨, ସୁପର ବିଲ୍ଟ-ଅପ୍ ଏରିଆ: ୧୩୬୦ ବର୍ଗଫୁଟ "ଫ୍ଲାଟ୍ ନଂ.: ଇ-୪୬୨ର ଅବିଭକ୍ତ ଜମିଆନୁପାତିକ ଅଂଶ ଏକର ୦.୦୧୫.୭୧ଡିସିମିଲି" ସହିତ ସଂରକ୍ଷିତ କାର୍ ପାର୍କିଂ ସ୍ଥାନ, ମୌଜା: ଗୋବିନ୍ଦପୁର, ଥାନା/ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ହାଲ୍ ଖାତା ନଂ.: ୨୮୦/୧୯୭, ପ୍ଲଟ୍ ନଂ.: ୬୦୪, କ୍ଷେତ୍ର: ଏକର୦.୫୫୮ ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୧୬୧ ଏବଂ ହାଲ୍ ଖାତା ନଂ.: ୨୮୦/୧୨୬, ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର୦.୪୬୦ ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୨୭, **ସମୁଦାୟ କ୍ଷେତ୍ର: ଏକର୧.୦୧୮ ଡିସିମିଲି,** ତ୍ରିପାକ୍ଷିକ ଚୁକ୍ତିନାମା, ତା.୨୦.୦୪.୨୦୧୭ ଅନୁସାରେ, ଫ୍ଲାଟର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ସ୍ଥାନ, ପୂର୍ବ: ପାସେଜ୍, ଦକ୍ଷିଣ: ଷ୍ଟେୟାର କେସ୍, ପଶ୍ଚିମ: ଟାୱାର ନଂ.: ୧୩ / **ସାଙ୍କେତିକ** | ୦୪.୦୪.୨୦୨୩ / ୩୦.୦୪.୨୦୨୪ ସୁଦ୍ଧା ଟ.୫୨,୨୩,୭୯୩.୧୧ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ, ବିଯୁକ୍ତ ପରିଶୋଧ ରାଶି ଯଦି ଏହା ପରେ କିଛିଥାଏ | ଟ.୩୩,୯୦,୦୦୦/- / ଟ.୩,୩୯,୦୦୦/- / ଟ.୧୦,୦୦୦/- |

**ଅମାନତ ରାଶି ଦାଖଲ ଆକାଉଣ୍ଟ ବିବରଣୀ :**
ଅମାନତ ରାଶି ଆକାଉଣ୍ଟ ନଂ: **80305040070003**, ହିତାଧିକାରୀ : ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, **IFSC Code - PSIB0008030**, ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା, ଇ-ମେଲ: **zo.vijayawada@psb.co.in**, ଯୋଗାଯୋଗ ନଂ ଏବଂ ଶାଖାର ନାମ : ୧) ଅଶୋକନଗର ଶାଖା, ମୋ: **7015356484**, ଇ-ମେଲ: **b0358@psb.co.in**, ୨) ବି.କେ. ରୋଡ୍ ଶାଖା, ମୋ.: **8295136796**, ଇ-ମେଲ: **c0343@psb.co.in**, ୩) ଚରମ୍ପା, ଭଦ୍ରକ ଶାଖା, ମୋ: ୯୪୬୫୨୫୨୫୯୯, ଇ-ମେଲ: **c1076@psb.co.in**, ୪) ଚଣ୍ଡିଖୋଲ ଶାଖା, ମୋ: ୯୬୯୨୯୨୯୫୭୦, ଇ-ମେଲ: **c1499@psb.co.in**, ୫) ଯାଜପୁର ରୋଡ୍ ଶାଖା, ମୋ ନଂ.: **7978791221**, ଇ-ମେଲ: **j1259@psb.co.in**, ୬) ଖୋର୍ଦ୍ଧା ରୋଡ ଶାଖା, ମୋ: ୯୮୭୩୮୨୮୮୮୫, ଇ-ମେଲ: **k1247@psb.co.in**

ବକେୟା ସରକାରୀ ଦେୟ ଯଦି କିଛି ଥାଏ : ବ୍ୟାଙ୍କକୁ ଜଣା ନାହିଁ।

୧. ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ ଅନୁଷ୍ଠିତ ହେବ।
୨. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତିରେ ଉପର ବର୍ଣ୍ଣିତ ତଥ୍ୟ ବ୍ୟତିତ ଅନ୍ୟ କୌଣସି ଏନକମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧୀନ ଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ / ଅଧିକାର /ଦେୟ ବିଷୟରେ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନକମ୍ବ୍ରାନ୍ସ ସହିତ ବିକ୍ରି ହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।
୩. ବିଡ ଦାଖଲ ପୂର୍ବରୁ ବିଡରମାନଙ୍କର ଏହା ଦାୟିତ୍ୱ କି ସେମାନେ ସମ୍ପତ୍ତିକୁ ଯାଞ୍ଚ କରି ସମସ୍ତ ବିଷୟରେ ସନ୍ତୁଷ୍ଟ ହେବା ଉଚିତ୍।
୪. ଇଚ୍ଛୁକ ନିଲାମଧାରୀ ମାନେ ଅମାନତ ରାଶି ଦାଖଲ, ଲଗ୍ ଇନ୍ ଆଇଡି ଏବଂ ପାସ ୱାର୍ଡ ତିଆରି, ଡାଟା ଅପଲୋଡିଂ, ବିଡ୍ ଦାଖଲ, ଇ-ନିଲାମ ପ୍ରକ୍ରିୟାର ତାଲିମ୍ ଇତ୍ୟାଦି ନିମନ୍ତେ ସହାୟତା ପାଇଁ ଯୋଗାଯୋଗ କରନ୍ତୁ : +୯୧-୭୨୯୧୯୮୧୧୨୪, ୭୨୯୧୯୮୧୧୨୫, ୭୨୯୧୯୮୧୧୨୬, ସହାୟତା ଇ-ମେଲ ଆଇଡି- **support@bankeauctions.com** ଏବଂ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଅନୁସନ୍ଧାନ ନିମନ୍ତେ ଯେ କୌଣସି କାର୍ଯ୍ୟ ଦିବସରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରନ୍ତି।
୫. କେବଳ ବୈଧ ୟୁଜର ଆଇଡି ଏବଂ ପାସୱାର୍ଡଧାରୀ କ୍ରେତା NEFT/RTGS ମାଧ୍ୟମରେ ଅମାନତ ରାଶି ଦାଖଲ ସୁନିଶ୍ଚିତ କରିଥିଲେ, ଇ-ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ।
୬. ଆଗ୍ରହୀ ବିଡର ମାନେ ଯେଉଁମାନେ କି **ତା.୨୮.୦୫.୨୦୨୪ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ଅନଲାଇନ୍ ମାଧ୍ୟମରେ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଦାଖଲ କରିଥିବେ ସେହିମାନେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ହୋଇ ପାରିବେ। ଉପରୋକ୍ତ ସମ୍ପତ୍ତିର ଇ-ନିଲାମ ସମ୍ପତ୍ତି ସମ୍ବନ୍ଧିତ ସ୍ତମ୍ଭରେ ଦର୍ଶାଯାଇଥିବା ଧାର୍ଯ୍ୟ ତାରିଖ ଓ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ଅନୁଷ୍ଠିତ ହେବ। ସେମାନେ ପ୍ରତ୍ୟେକ ସମ୍ପତ୍ତି ପାଇଁ ବର୍ଣ୍ଣିତ "ବିଡ୍ ବର୍ଦ୍ଧିତ ରାଶି" ର ଗୁଣିତକ ଭାବେ ସେମାନଙ୍କର ବିଡ୍ ର ମୂଲ୍ୟ ବୃଦ୍ଧି କରିପାରିବେ। ଯଦି ଇ-ନିଲାମ ସମାପ୍ତିର ଶେଷ ୫ ମିନିଟ୍ ମଧ୍ୟରେ ବିଡ୍ ଦାଖଲ କରାଯାଏ। ତେବେ ନିଲାମ ସମାପ୍ତି ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧିପାଇବ (ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମୀତ ବୃଦ୍ଧି) ଇ-ନିଲାମ ପ୍ରକ୍ରିୟାର ସମାପ୍ତି ସମୟରେ ଯେଉଁ ବିଡର ମାନେ ସର୍ବୋଚ୍ଚ ବିଡ୍ (ସଂରକ୍ଷିତ ମୂଲ୍ୟରୁ କମ୍ ନୁହେଁ) ଦାଖଲ କରିଥିବେ। ତାଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ପଦ୍ଧତି ମାଧ୍ୟମରେ ଏ ବାବଦରେ ଯୋଗାଯୋଗ କରାଯିବ । ଏହା ସୁରକ୍ଷିତ ଋଣଦାତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନୁମୋଦନ ସାପେକ୍ଷ।
୭. ସମ୍ଭାବ୍ୟ ଯୋଗ୍ୟ ବିଡରମାନେ **M/s. C1 India Pvt. Ltd.** ଙ୍କ ଠାରୁ ନିଲାମ ତାରିଖ ପୂର୍ବରୁ ଅନ୍ ଲାଇନ୍ ଇ-ନିଲାମ ତାଲିମ୍ ନେଇପାରନ୍ତି। କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କିମ୍ବା **M/s. C1 India Pvt. Ltd.** କୌଣସି ଇଣ୍ଟରନେଟ୍ ସମସ୍ୟା ନିମନ୍ତେ ଦାୟୀ ନୁହନ୍ତି। ଏବଂ ଆଗ୍ରହୀ ବିଡର ମାନେ ଇ-ନିଲାମରେ ଅଂଶଗ୍ରହଣ କରିବାପାଇଁ ସମ୍ପୂର୍ଣ୍ଣ ଭାବେ ସକ୍ଷମ ଏବଂ ବୈଷୟିକ ଭାବେ ସୁନିଶ୍ଚିତ ହେବା ଆବଶ୍ୟକ।
୮. କ୍ରେତା କୌଣସି ବ୍ୟକ୍ତିଙ୍କୁ ପୂର୍ବର ଏବଂ ଭବିଷ୍ୟତର ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଦେୟ ଫିସ୍ ଇତ୍ୟାଦି ଏବଂ ବୈଧାନିକ/ଅଣ-ବୈଧାନିକ ଦେୟ, ଟିକସ୍, ରେଟ୍ସ, ଆସେସମେଣ୍ଟ ଦେୟ, ଫିସ୍ ଇତ୍ୟାଦି ବହନ କରିବେ।
୯. କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନ ଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ବାତିଲ୍ କିମ୍ବା ଇ-ନିଲାମକୁ ସ୍ଥଗିତ ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି।
୧୦.ବିଡର ମାନେ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଇ-ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ **M/s. C1 India Pvt. Ltd.** ର ୱେବସାଇଟ୍ (**https://www.bankeauctions.com**) ଦେଖନ୍ତୁ।
୧୧.କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ବିଡର ମୂଲ୍ୟ ଗ୍ରହଣ ହେବା ପରେ ଅମାନତ ରାଶି ଦାଖଲ ଅନ୍ତର୍ଭୁକ୍ତ କରି ବିକ୍ରୟ ମୂଲ୍ୟର ୨୫% ଉକ୍ତ ଦିନ ସଙ୍ଗେ ସଙ୍ଗେ ଦାଖଲ କରିବେ, ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ଏଥିରେ ଅସଫଳ ହେଲେ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ।
୧୨.ସ୍ଥାବର ସମ୍ପତ୍ତି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ବିକ୍ରୟ ମୂଲ୍ୟ ୭୫% ପୈଠ କରାଯିବ। ଉପରୋକ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ କରିବାରେ ବିଫଳ ହେଲେ ଜମା କରିଥିବା ଅର୍ଥରାଶି ବାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ ଏବଂ ବିଫଳ କ୍ରେତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ଦାବୀ କିମ୍ବା ଆଂଶିକ ଅର୍ଥଦାବୀ ଯେଉଁଥିପାଇଁ ସମ୍ପତ୍ତି ପୁନଃ ବିକ୍ରୟ ହେବ ସେଥି ନିମନ୍ତେ କୌଣସି ଦାବୀ ରହିବ ନାହିଁ।

**ଏହି ନୋଟିସ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଭାବେ ବିବେଚନା କରାଯିବ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୫.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ, ମୋ.: ୭୦୧୫୩୫୬୪୮୪

# କଂଗ୍ରେସର ବିଶାଳ ମହିଳା ସମାବେଶ



ବୋରିଗୁମ୍ମା, (ସବ୍ୟୁ) : ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମରେ କଂଗ୍ରେସ ମହିଳା ମାନଙ୍କୁ ନେଇ ବେଶ ଶକ୍ତି ପ୍ରଦର୍ଶନ କରିଛି । ଗତ ଦୁଇ ଦିନ ତଳେ ବିଜେଡ଼ି କିଛି ମହିଳା ଙ୍କୁ ନେଇ ବିଜୁ ମହିଳା ସମାବେଶ କରିଥିବା ବେଳେ ଆଜି କଂଗ୍ରେସ କାଉଣ୍ଟର କରିଛି । ହଜାର ହଜାର ମହିଳାମାନଙ୍କୁ ନେଇ ଜୟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ଏକ ବିଶାଳ ରାଲି କୁମୁଲି ହାଟପଦାରୁ ବାହାରି ପ୍ରଥମେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ରେ ପୂଜାର୍ଚ୍ଚନା କରିଥିଲେ । ପରେ ଗ୍ରାମ ପରିକ୍ରମା କରବା ପରେ ସଭାସ୍ଥଳ ନିକଟକୁ ଯାଇଥିଲେ । କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ବିଶାଳ ରାଲିରେ ଲୋକଙ୍କୁ କଂଗ୍ରେ କୁ ଭୋଟ ଦେବାକୁ ନିବେଦନ କରିଥିଲେ । ପରେ କଂଗ୍ରେସ ର ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ୨୪ ବର୍ଷ ର ନବୀନ ସରକାର ଉପରେ ଖୁବ ବର୍ଷିଥିଲେ । ନବୀନ ଲୋକଙ୍କୁ ବିକାଶ ନାମରେ ଭୁଆଁ ବୁଲାଉଥିବା କହିଥିଲେ । ଜୟପୁର ନିର୍ବାଚନ ମଣ୍ଡଳୀରେ ଜଣେ ବିଜେଡି ର ଜଣେ ବିଧାୟକ ୧୫ ରହି କିଭଳି ଦୁର୍ନୀତି କରିଥିଲେ, ସେ ବିଷୟରେ ଆଲୋଚନା କରିଥିଲେ । କଂଗ୍ରେସ ସରକାର କୁ ଆସିଲେ ବୁଢାବୁଢି ମାନଙ୍କ ଭତ୍ତା ୨୦୦୦ ଟଙ୍କା କୁ ବୃଦ୍ଧି କରିବା ସହ ଧାନ ର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା କରାଯିବ ବୋଲି ଶ୍ରୀ ବାହିନୀପତି କରିଥିଲେ । ଆଖପାଖ ଅଞ୍ଚଳର ଶତାଧିକ କର୍ମୀ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ରେ ଯୋଗ ଦେଇଥିଲେ । ଆଜିର ବିଶାଳ ମହିଳା ସମାବେଶ ରେ କଂଗ୍ରେସ ର ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ,ବରିଷ୍ଠ କର୍ମୀ ଚକ୍ର ଲମତା, ନାନାଜି ଆଚାରୀ, ଭାସ୍କର ସାମନ୍ତରା, ଅମୂଲ୍ୟ ହୋତା, ସତ୍ୟ ସାମନ୍ତରାୟ, ସୀମାଞ୍ଚଳ ସାମନ୍ତରାୟ, ରାଧାମାଧବ ହୋତା, ସଞ୍ଜୟ ହୋତା, ପପୁ ଦାସ,ସୁଶାନ୍ତ ତ୍ରିପାଠୀ ଙ୍କ ସମେତ ପ୍ରାୟ ପାଞ୍ଚ ହଜାର ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ।

# ବଲାଙ୍ଗିର ବ୍ଲକ୍ ବରଗାଁରେ ଅକ୍ଷିମୁଠି ଅନୁକୂଳ କଲେ ସମରେନ୍ଦ୍ର



ବଲାଙ୍ଗିର, (ସବ୍ୟୁ) : ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବୈଦିପାଲି ଗ୍ରାମ ପଂଚାୟତ ବରଗାଁ ଗ୍ରାମରେ ଅକ୍ଷିମୁଠି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଯାଇଛି । ଚାଷିନେତା ସୌମେନ୍ଦ୍ର ପରିଚ୍ଛାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳି ର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅକ୍ଷିମୁଠି କାର୍ଯ୍ୟକ୍ରମ ଅନୁକୂଳ କରିଥିଲେ । ପ୍ରଥମେ ବିଧାୟକ ପ୍ରାର୍ଥୀ ଶ୍ରୀ ମିଶ୍ର ବରଗାଁ ସ୍ଥିତ ଚାଷ ଜମିରେ ହଳ ନଙ୍ଗଳ ବୁଲାଇବା ସହ ଧାନକୁ ବିଧି ଅନୁସାରେ ପୂଜାର୍ଚ୍ଚନା କରି ସାତ ମୁଠି ଧାନ ଚାଷ ଜମିରେ ବୁଣାଗଲା । ପରେ ସମବେତ ଚାଷୀ ଭାଇମାନଙ୍କ ଉଦ୍ଦେଶ୍ୟରେ ବିଧାୟକ ପ୍ରାର୍ଥୀ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ ବର୍ତ୍ତମାନ ସରକାର ଅମଳରେ ଚାଷୀକୂଳ ସର୍ବଦା ଶୋଷିତ ଏବଂ ଅବହେଳିତ ହୋଇ ପଡିଛି । ଚାଷୀ ତାର ଉତ୍ପାଦନର ସଠିକ ମୁଲ୍ୟ ପାଇ ପାରୁନାହିଁ । କଂଗ୍ରେସ ହିଁ ଏକମାତ୍ର ଦଳ ଯେ କି ଅତିତ ରେ ହଜାର ହଜାର କୋଟି ଟଙ୍କା ଚାଷୀ ଋଣ ମାଫ କରି ଦେଶରେ ସବୁଜ କ୍ରାନ୍ତି ଆଣି ପାରିଥିଲା । ରାଜ୍ୟରେ ବିଗତ ଲଗାତାର ୨୪ ବର୍ଷ ବିଜେଡି ଶାସନ ଓ ୯ ବର୍ଷ ବିଜେଡି ବିଜେପି ର ମିଳିତ ଶାସନ ରେ ସରକାର ସବୁବେଳେ ଚାଷୀ କୂଳକୁ ଅଣଦେଖା କରିଆସିଛି । ବର୍ତ୍ତମାନ ନିର୍ବାଚନ ରେ କଂଗ୍ରେସ ଦଳ ଗ୍ୟାରେଣ୍ଟି ଦେଉଛି ଯେ କଂଗ୍ରେସ ସରକାରକୁ ଆସିଲେ ଚାଷୀଙ୍କୁ ବୋନସ ସହ ଧାନର ସର୍ବନିମ୍ନ ସହାୟକ ମୁଲ୍ୟ କ୍ୱିଣ୍ଟାଲ ପ୍ରତି ୩ହଜାର ଟଙ୍କା ପ୍ରଦାନ କରାଯିବ, କୃଷକଙ୍କୁ ମାସିକ ୨ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ତଥା କୃଷିଋଣ ସମ୍ପୂର୍ଣ୍ଣ ଛାଡ କରାଯିବ, ପ୍ରତ୍ୟେକ ବିଜୁଳି ଉପଭୋକ୍ତା ୨୦୦ ବିଦ୍ୟୁତ ଦେୟ ମାଗଣା, ପ୍ରତ୍ୟେକ ବର୍ଷ ୫ଲକ୍ଷ ଯୁବକ ଯୁବତିଙ୍କୁ ନିଯୁକ୍ତି ବ୍ୟବସ୍ଥା, ସାମାଜିକ ସୁରକ୍ଷା ଅନ୍ତର୍ଗତ ବିଧବା, ବିକଳାଙ୍ଗ ଏବଂ ବାର୍ଦ୍ଧକ୍ୟ ଭତ୍ତା ୨ହଜାର ଟଙ୍କା ବୃଦ୍ଧି, ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବା ସହ କଂଗ୍ରେସ ଦଳ ଦେଇଥିବା ଅନ୍ୟାନ୍ୟ ଗ୍ୟାରେଣ୍ଟି ଉପରେ ଲୋକଙ୍କୁ ଅବଗତ କରାଇଥିଲେ ଶ୍ରୀ ମିଶ୍ର । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହେଶ୍ୱର ପଟେଲ, ସୁଧିର ପଟେଲ, ଅଶୋକ ଗୁରୁ, ନବୀନ ବୁଡେକ, ରମେଶ ପଟେଲ, ପରମେଶ୍ୱର ଭୋଇ, ଅଲେଟର ଗୁରୁ, ଲକ୍ଷ୍ମୀଧର ବୁଡେକ, ଧିରମନ ଗୁରୁ, ଟିକେମନ ବାଗ, ଗଣ୍ଡାରାମ ବାଗ ଏବଂ ରୁକ୍ମିଣି ପଟେଲଙ୍କ ସହ ବହୁ ଚାଷୀ ଭାଇ ଉପସ୍ଥିତ ଥିଲେ ।

# କାଳବୈଶାଖୀ : ଉଡ଼ିଲା ଆଜବେଷ୍ଟ ଭିଜିଲା ଚାଉଳ, ମୁଗ, ଆସବାବ



ଗୋଲାମୁଣ୍ଡା, (ସବ୍ୟୁ) : ଗତ ରବିବାର ସନ୍ଧ୍ୟା ସମୟରେ ଗୋଲାମୁଣ୍ଡା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା କରକାପାତ ସହିତ ଜୋରରେ ପବନ ବହି ବହୁ ଗଛ ଉପୁଡି ପଡ଼ିବ । ସହିତ ଜନଜୀବନ ପ୍ରଭାବିତ ହୋଇଛି । କାଳବୈଶାଖୀ ଓ ଘୂର୍ଣବାତ୍ୟା ପ୍ରଭାବରେ ମାନଝରି ଗ୍ରାମ ଭିମାମାଲ ପଡାର ଝଜନ ତେଜିବ (୬୨) ଙ୍କ ନୂତନ ର୍ନିମିତ ଆଜବେଷ୍ଟର ଘରର ଆଜବେଷ୍ଟର୍ ଭାଙ୍ଗି ଦେଇଛି। ଘରେ ଥିବା ଚାଉଳ, ମୁଗ ଏବଂ ଆସବାବ ପତ୍ର ସମ୍ପୂର୍ଣ୍ଣ ପାଣିରେ ଭିଜିଯାଇଥିବା ବେଳେ ତାଙ୍କ ୨ ପୁଅ ୨ ବୋହୂ ସମେତ ମୋଟ ୭ ପରିବାର ପାଣିରେ ଭିଜି ରହିଥିଲେ । ତାଙ୍କ ପରିବାର ଗରିବ କୁଲି ମଜୁରିଆ ହୋଇଥିବାରୁ ବହୁ କଷ୍ଟରେ ଧାର କରଜ କରି ମୁଣ୍ଡ ଗୁଞ୍ଜିବାକୁ ୨ ବଖରା ଘରଟିଏ ତିଆରି କରିଥିଲେ । ମାତ୍ର କାଳବୈଶାଖୀ ତାହା ଭାଙ୍ଗିଦେଲା । ଏବେ ଏତେବଡ଼ ପରିବାର କେଉଁଠି ରହିବେ ଚିନ୍ତାର ବିଷୟ ପାଲଟିଛି । ଏଥିପ୍ରତି ବ୍ଲକ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗରିବ ପରିବାରକୁ ସହାୟତା କରିବା ପାଇଁ ପରିବାର ପକ୍ଷରୁ ନିବେଦନ କରିଛନ୍ତି ।


# ହିଂସ୍ରଜନ୍ତୁ ଆକ୍ରମଣରେ ଜଣେ ମୃତ




ରେଢ଼ାଖୋଲ, (ସବ୍ୟୁ) : କିଛିଦିନ ତଳେ ଏକ କଲରାପତରିଆ ବାଘ କୁ ଗୁଳିକରି ହତ୍ୟା କରିବା ପରେ ଗତକାଲି ନାକଟିଦେଉଳ ରେଞ୍ଜ ଅଧୀନସ୍ଥ ସଝହେବି ଧଣ୍ଡାମୁଣ୍ଡା ଗ୍ରାମରେ ଜଣେ ବ୍ୟକ୍ତି କୁ ଅଜଣା ଜଙ୍ଗଲୀ ଜୀବ ମାରିପକାଇଥିବା ଜଣାପଡିଛି । ଗାଁ ଲୋକମାନେ କଲରଝପତରିଆ ବାଘ ମାରିଥିବା ଅଭିଯୋଗ କରୁଥିବା ବେଳେ ବନ ବିଭାଗ ଭାଲୁ ଆକ୍ରମଣ କରିଥିବା କହୁଛି ।

ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ,ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସାହେବୀ ଧଣ୍ଡମୁଣ୍ଡା ନିକଟସ୍ଥ ମାନକୁଣ୍ଡା ଜଙ୍ଗଲ ନିକଟରେ ଜଙ୍ଗଲୀ ହିଂସ୍ର ଜନ୍ତୁ ଆକ୍ରମଣ ରେ ଜଣେ ବ୍ୟକ୍ତି ରା ମୃତ୍ୟୁ ହୋଇଥିବା ଜଣାପଡିଛି । ବ୍ୟକ୍ତି ଜଣଙ୍କ ସାହେବୀ ଗ୍ରାମର ଧଣ୍ଡମୁଣ୍ଡା ସାହିର ସାଦ ମୁଣ୍ଡା(୫୮) ବୋଲି ଜଣା ପଡିଛି ସୂଚନାଯୋଗ୍ୟ ଗତ ୯-୫-୨୪ରିଖ ଦିନ ସକାଳୁ ସାଦ ପୋଢ଼ ନାମକ ବ୍ୟକ୍ତି କୌଣସି କାମରେ ଜଙ୍ଗଲ କୁ ଯାଇଥିବା ବେଳେ ଆଉ ଫେରି ନଥିଲେ ସନ୍ଧ୍ୟା ହେବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନଥିଲେ ଆଜି ସକାଳୁ ଘରଠାରୁ ୨୦୦ ମିଟର ଦୂରରେ ଥିବା ଜଙ୍ଗଲରେ ତାଙ୍କ ମୃତ ଦେହ ପଡିଥିବାର ପରିବାର ଲୋକେ ଦେଖିଥିଲେ ଏହାପରେ ବନବିଭାଗ ଓ ନାକଟିଦେଉଳ ପୋଲିସ ଘଟଣା ସ୍ଥଳକୁ ପହଂଚି ଶବକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିବା ଜଣାପଡିଛି । ତେବେ କେଉଁ ଅଜଣା ଜନ୍ତୁ ଦ୍ୱାରା ସାଦଙ୍କ ମୃତ ହୋଇଛି ଶବ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ବନବିଭାଗ ପକ୍ଷରୁ ପ୍ରକାଶ ଗତ ୬ ତାରିଖରେ ଏକ କଲରାପତରିଆ ବାଘକୁ ମଣିଷ ମାରିଥିବା ବେଳେ ପ୍ରତିଶୋଧ ପରାୟଣ ହୋଇ ଏକ କଲରା ପତରିଆ ବାଘ ମଣିଷକୁ ମାରିଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି । ବନବିଭାଗ ପକ୍ଷରୁ ଯଥାଶୀଘ୍ର କ୍ଷତି ପୂରଣ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ



ଜୟପାଟଣା, (ସବ୍ୟୁ) : ଜୟପାଟଣା ବ୍ଲକ ଅଂଚଳର ଜଣେ ଜଣାଶୁଣା ସମାଜସେବୀ, ସାମ୍ବାଦିକ ତଥା ପୂର୍ବତନ ନାଏକ ସରପଞ୍ଚ ବିମଳା ପଣ୍ଡା ଗତ ୯ ତାରିଖ ରାତିରେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିବା ବେଳେ ହୃଦଘାତ ଏଂ କିଡନୀ ସମସ୍ୟା କାରଣ ହୋଇଥିବା ଜଣାପଡ଼ିଛି । ବିଗତ ଦିନରେ ଦୀନ, ଦୁଃଖୀ, ଦରିଦ୍ରମାନଙ୍କ ପାଇଁ ଜଗନ୍ନାଥ ସେବାଶ୍ରମ ଖୋଲି ଚର୍ଚ୍ଚିତ ହୋଇ ରାଜନୀତିରେ ସକ୍ରିୟ ରହି ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସମର୍ପିତ କରିବାର ପ୍ରଚେଷ୍ଟା ଜାରି ରଖିଥିବା ବେଳେ ଅକାଳ ବିୟୋଗ ଅଞ୍ଚଳରେ ଶୋକର ବିଷୟ ପାଲଟିଛି ।

# କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

ଭବାନୀପାଟଣା, (ସବ୍ୟୁ) : ଭାରତୀୟ ରେଡ୍କ୍ରସ୍ ସୋସାଇଟି, କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଥିଲା । ଏଥିରେ ଜିଲ୍ଲା ରେଡ୍‌କ୍ରସ ସମ୍ପାଦିକା ସୌଦାମିନୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡ୍‌କସ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ରେଡ୍‌କ୍ରସ ଆଜୀବନ ସଦସ୍ୟ ଭବାନୀ ଶଙ୍କର ପଣ୍ଡା, ତପନ ଦାସ, ସୁଧୀର ପଣ୍ଡା, ବିଶ୍ୱରଞ୍ଜନ ବେହେରା, ରଜନୀକାନ୍ତ ଜେନା, ଚନ୍ଦ୍ରଚୁଡ଼ ବେହେରା, ଅଶୋକ ପଣ୍ଡା, ଶଙ୍କର ଦଳେଇ ପ୍ରମୁଖ ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ 'ମାନବିକତାକୁ ଜୀବନ୍ତ ରଖିବା' ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଯୁବ ରେଡ୍‌କ୍ରସ ସଂଯୋଜକ ଶାନ୍ତନୁ ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ସୁନୀଲ ଶତପଥୀ ଧନ୍ୟବାଦ ଦେଇଥିଲେ । ବଟକୃଷ୍ଣ ଆଚାରୀ, ଜ୍ୟୋର୍ତିମୟୀ ଜୟଶ୍ରୀ, ପର୍ଶୁରାମ ଦୁର୍ଗା, ନିର୍ମଳ ଜାଲି, ମନପତି ଜାନୀ, ବେଣୁଧର ନାଏକ, ବିଶ୍ୱଜିତ ସାହୁ ଓ ହରି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସ୍ଥାନୀୟ ରକ୍ତ ଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା ।

# ଅଞ୍ଚଳର ବିକାଶ ହେଉଛି ମୋର ପ୍ରଥମ କର୍ତ୍ତବ୍ୟ : ଟୁକୁନି



ବଲାଙ୍ଗିର, (ସବ୍ୟୁ) : ଟିଟିଲାଗଡ ବିଜେଡି ବିଧାୟିକା ପ୍ରାର୍ଥି ଟୁକୁନି ସାହୁ ସଇଁତଲା ବ୍ଲକ ର ବିଭିନ୍ନ ଗାଁ ରେ ମାରାଥନ ପ୍ରଚାର କରିଛନ୍ତିଛ ପ୍ରଥମେ ଗଣ୍ଡପତ୍ରାପାଲି ସ୍ଥିତ ଫପସି ଛକ ଠାରେ ବୁଜୁ ଜନତା ଦଳ ର କାର୍ଯ୍ୟାଳୟ ଉଦ୍ଦଘାଟନ କରିଥିଲେ । ପରେ ଶତାଧିକ କର୍ମୀ ମାନଙ୍କ ସହ ଫପସି ଗାଁ କୁ ଯାଇ ପ୍ରଚାର କରିଥିଲେଛ ପରେ ଗଣ୍ଡପତ୍ରାପାଲି ର ବିଭିନ୍ନ ଗାଁ କୁ ଯାଇ ପ୍ରଚାର କରିବା ସହ ଭତାସର ରେ ମଧ୍ୟ ପ୍ରଚାର କରିଥିଲେଛ ଏହା ସହ ପରେ କୁଇକେଡା ପଞ୍ଚାୟତର ରେଙ୍ଗାଳି, ଡଙ୍ଗାବାହଲ, କୁଜାରପଡ଼ା ଓ ପତ୍ରାପାଲି ଗାଁ କୁ ଯାଇ ବିଭିନ୍ନ କର୍ମୀ ମାନଙ୍କ ସହ ଆଗାମୀ ଦିନରେ କି ପରି ଭାବେ ରାଜ୍ୟ ସରକାର ଙ୍କ ଯୋଜନା କୁ ଏହି ପଞ୍ଚାୟତ ରେ ବିନିଯୋଗ କରାଯାଇପାରିବ ତା ନେଇ କର୍ମୀ ମାନଙ୍କ ସହ ଆଲୋଚନ କରିଥିଲେ । ଶେଷରେ ଧରବଗଡ ପଞ୍ଚାୟତ ର ବିଭିନ୍ନ ଗାଁ କୁ ଯାଇ ପ୍ରଚାର କରିଥିଲେଛ ଅନ୍ୟ ପଟେ ସେ ଜଣେ ମହିଳା ହୋଇଥିବା ବେଳେ ନିଜ ପରିବାର କୁ ଧ୍ୟାନ ଦେବା ସହ ନିଷ୍ଠାପର ଭାବେ ଟିଟିଲାଗଡ ସମେତ ସଇଁତଲା ର ବିକାଶ ପାଇଁ ପ୍ରୋତ୍ୟକ ମୁହୂର୍ତ୍ତ ରେ କାମ କରୁଥିବା ରୁ ଲୋକ ମାନଙ୍କ ମହଲ ରେ ପ୍ରଂଶସା ର ପାତ୍ର ହୋଇ ପାରିଛନ୍ତି ମନ୍ତ୍ରୀ ସାହୁଛ ।

# ଜିଲ୍ଲା ଯୁବ ବିଜେଡିରେ ପୁନଃ ବିନ୍ୟାସ

ଜୟପାଟଣା, (ସବ୍ୟୁ) : ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପସଭାପତି ଭାବରେ ଗଣେଶ ବାଗ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ବିଘ୍ନରାଜ ପଣ୍ଡା ଙ୍କୁ ପ୍ରାକ୍ ନିର୍ବାଚନୀ ଦୃଶ୍ୟପଟ ପରିପ୍ରେକ୍ଷୀରେ ଦାୟିତ୍ୱ ଦିଆଯାଇଛି । ଏସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ପରେ ଓଡିଶାର ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଅନେକ ଧନ୍ୟବାଦ ଏବଂ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ପ୍ରଭାରୀ ପ୍ରଣବ ବଳବନ୍ତରାୟ, ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ସଭାପତି ଅବିନାଶ ଠାକୁରଙ୍କ ସମେତ ସମସ୍ତ ମାର୍ଗଦର୍ଶକଙ୍କୁ ଆନ୍ତରିକତାର ସହିତ ଉଭୟ ଧନ୍ୟବାଦ ଜଣାଇବା ସହ ଆଗାମୀ ନିର୍ବାଚନରେ ଦଳକୁ ବିପୁଳ ବିଜୟ କରାଇବା ପାଇଁ ଶପଥ ନେଇଥିବା ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

ସମ୍ବଲପୁର, (ସବ୍ୟୁ) : ଓଡ଼ିଶାର ପାରମ୍ପରିକ କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ଅବସରରେ ସରକାରୀ କୃଷି ଫାର୍ମ ଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ବ୍ରାହ୍ମଣଙ୍କ ପୂଜାପାଠ ସହ ଧରିତ୍ରୀ ମାଁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୌରୀ ଶଙ୍କର ସିଂ ଅଖିମୁଠି ଅନୁକୂଳ କରିଥିଲେ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତଃରାଷ୍ଟ୍ରୀୟ ଖେଳକୁଦରେ ବର୍ଷିଆନ କ୍ରୀଡ଼ାବିତ୍‌ଙ୍କ କମାଲ


ଭବାନୀପାଟଣା, (ସବ୍ୟୁ) : ଶ୍ରୀଲଙ୍କାର କଲମ୍ବୋଠାରେ ଏସ୍‌ବିକେଏଫ୍ ସଂସ୍ଥା ପକ୍ଷରୁ ମାଷ୍ଟର ଆଥ୍ଲେଟିକ ଗେମସ ଗତ ୪ ତାରିଖଠାରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନ୍ତଃରାଷ୍ଟ୍ରୀୟ ଖେଳକୁଦରେ ଭବାନୀପାଟଣା ସହରର ଦୁର୍ଗା ମାଧବ ମିଶ୍ର ୮୦ ବର୍ଷ ବୟସରୁ ଅଧିକ ସଟପୁଟ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ, ହାମର ଥ୍ରୋରେ ସ୍ୱର୍ଣ୍ଣପଦକ ଓ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିଭଳି ଟି. ରାମକ୍ରିଷ୍ଣା ୭୯ ବର୍ଷୀୟ କ୍ରୀଡ଼ାବିତ୍ ୫ ହଜାର ମିଟର ଚାଲିବା, ୩ ହଜାର ମିଟର ଚାଲିବା ଏବଂ ୮ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ୩ଟି ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏଥିନେଇ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ରାସ୍ତା ନାହିଁ ତ ଭୋଟ ନାହିଁ

ଭବାନୀପାଟଣା, (ସବ୍ୟୁ) : ଭବାନୀପାଟଣା ସହରର ବିଭିନ୍ନ ୱାର୍ଡରେ ଥିବା ରାସ୍ତା ଗୁଡ଼ିକର ଶୋଚନୀୟ ଅବସ୍ଥା ଦେଖିଲେ ଉପାନ୍ତ ଗାଁର ଭ୍ରମ ସୃଷ୍ଟି ହେଉଛି । ପୌରପାଳିକାର ୱାର୍ଡ ନମ୍ବର ୧୩ର ଆମ୍ବଗଛପଡ଼ାସ୍ଥିତ ତଳପଡ଼ାରେ ରାସ୍ତା ଅବସ୍ଥା ନକହିବା ଭଲ । ଆଜି ଯାଏଁ ରାସ୍ତା ଟିଏ ନହେବାରୁ ପଡ଼ାବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି । ତଳପଳପଡ଼ାରେ ୨୫ ପରିବାରର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ବର୍ଷା ଦିନେ ଆଣ୍ଠୁଏ ପାଣି ସହିତ ଡ୍ରେନ୍ ପାଣି ଘର ଭିତରକୁ ପଶୁଛି । ନିର୍ବାଚନକୁ ନେଇ ସହରର ସବୁ ରାସ୍ତା ମରାମତି ଓ ତିଆରି କରିବା ଦେଖିବାକୁ ମିଳୁଛି । କିନ୍ତୁ ସ୍ଥାନୀୟ କାଉନ୍‌ସିଲରଙ୍କୁ ବହୁତ ଥର ଗୁହାରି କରି ପଡ଼ାବାସୀ ନିରାଶ ହୋଇଥିବା ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପଣ୍ଡା ଓ ପଡ଼ାର ହେମା ମନ୍ତ୍ର ଦୁର୍ଗା ପ୍ରମୁଖ ଅଭିଯୋଗ କରିଛନ୍ତି । ଗତ ମଙ୍ଗଳବାର ପଡ଼ାବାସୀ ମ୍ୟୁନିସିପାଲିଟି ଅଫିସ୍ ଯାଇଥିଲେ । କିନ୍ତୁ ଅଫିସରେ ପିଅନ ବ୍ୟତୀତ କାହାର ଦେଖାଦର୍ଶନ ନଥିଲା । ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ପଡ଼ାକୁ ଯାଇ ସମସ୍ୟା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବୁଧବାର ସନ୍ଧ୍ୟା ସୁଦ୍ଧା ଦେଖା ନଦେବାରୁ ପଡ଼ାବାସୀ କ୍ଷୋଭ ପ୍ରକାଶ କରି ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଭୋଟବର୍ଜନ ଚେତାବନୀ ଦେଇଛନ୍ତି ।

# ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ହେବ ଅଭିଜ୍ଞ ଓ ନବାଗତ ଲଢେଇ







ହରଭଙ୍ଗା, (ସବ୍ୟୁ) : ଆସନ୍ତା ୨୦ ତାରିଖ ରେ ହେବାକୁ ଯାଉଛି ଦ୍ୱିତୀୟ ପର୍ଯ୍ୟାୟ ମତଦାନ । ଏଥିରେ ଯାଉଛି ବୌଦ୍ଧ ନିର୍ବାଚନ ମଣ୍ଡଳୀ । ଆଉ ମାତ୍ର ୧୦ ଦିନର ବ୍ୟବଧାନ । କିନ୍ତୁ ଏପଟେ ଭୋଟର ନିରବ ଓ ନିର୍ବାଚନୀ ପ୍ରଚାର ମଧ୍ୟ ଧିମା । ତେବେ କାହା ମୁଣ୍ଡରେ ହାତୀ ସୁନାକଳସ ଢାଳିବ ତାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । ତିନି ପ୍ରମୁଖ ଦଳର ପ୍ରାର୍ଥୀ ଯଥା କଂଗ୍ରେସରୁ ନବ କୁମାର ମିଶ୍ର, ବିଜେପି ରୁ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ଓ ବିଜେଡିରୁ ଲଗାତର ଭାବେ ପାଞ୍ଚଥର ବିଜୟୀ ହୋଇଥିବା ପ୍ରଦୀପ କୁମାର ଅମାତଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ବେଳେ ଏଥର କିନ୍ତୁ ନିର୍ଣ୍ଣାୟକ ଭୂମିକାରେ ବୌଦ୍ଧ ଏନଏସି ଭୋଟର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ହରଭଙ୍ଗା ବ୍ଲକର ୨୨ଟି ପଞ୍ଚାୟତ ର ଭୋଟର ସଂଖ୍ୟା ୯୫୮୦୨ ହୋଇଥିବା ବେଳେ ବୌଦ୍ଧ ବ୍ଲକ ର ୧୧ଟି ପଞ୍ଚାୟତ ଓ ଗୋଟିଏ ଏନଏସିର ଭୋଟର ସଂଖ୍ୟା ରହିଛି ୬୯୦୫୨ । ସେଥି ମଧ୍ୟରୁ କେବଳ ଏନ ଏ ସି ର ଭୋଟର ସଂଖ୍ୟା ରହିଛି ୧୫୨୦୦ । ହରଭଙ୍ଗା ବ୍ଲକ ର ବର୍ତ୍ତମାନ ର ବ୍ଲକ ଉପାଧକ୍ଷ ସରୋଜ ପ୍ରଧାନ ବିଜେପି ଦଳ ରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଏବଂ ମୋଦି ସରକାର ଙ୍କ ବିକାଶ ର ଧାରା ନେଇ ଭୋଟରମାନଙ୍କ ପାଖକୁ ଯାଉଥିବା ବେଳେ ଅନ୍ୟପଟେ ଗାଁଠୁ ସହର ପର୍ଯ୍ୟନ୍ତ, ଜନ୍ମ ଠାରୁ ମରଣ ପର୍ଯ୍ୟନ୍ତ ନବୀନ ପଟନାୟକ ଙ୍କ ଯୋଜନା ପ୍ରଚାର କରି ଭୋଟ ଭିକ୍ଷା କରୁଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ଅମାତ ଏବଂ ଅନ୍ୟ ପଟେ ଦେଖିବାକୁ ଗଲେ ଗ୍ୟାରେଣ୍ଟି ସହ ବିକାଶ ର ଧାରା କୁ ଶୀର୍ଷ ରେ ପହଞ୍ଚାଇବା କଥା କହି ଭୋଟ ଭିକ୍ଷା କରୁଛନ୍ତି କଂଗ୍ରେସ ର ପ୍ରାର୍ଥୀ ନବ କୁମାର ମିଶ୍ର । ହରଭଙ୍ଗା ବ୍ଲକ ଅଧକ୍ଷ ପଦ ବିଜେପି ହାତେଇଥିବା ଯୋଗୁଁ କର୍ମୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳୁଛି । ଏପଟେ କିନ୍ତୁ କଂଗ୍ରେସ ପ୍ରାର୍ଥୀ ନବ ମିଶ୍ରଙ୍କ ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ଉଭୟ ବିଜେଡି ଓ ବିଜେପି ଦଳକୁ ଅଡୁଆରେ ପକେଇ ଦେଇଛି । ବିଗତ ନିର୍ବାଚନରେ ଦେଖିବାକୁ ଗଲେ ବିଜେଡି ର ବିଧାୟକ ପ୍ରାର୍ଥୀ ପ୍ରଦୀପ ଅମାତ ଉଭୟ ବିଜେପି ଓ କଂଗ୍ରେସକୁ ପଛରେ ପକେଇ ଲଗାତାର ପାଞ୍ଚ ପାଞ୍ଚ ଥର ବୌଦ୍ଧ ନିର୍ବାଚନ ମଣ୍ଡଳୀରୁ ଜିତି ବିଧାନସଭାକୁ ଯାଇଛନ୍ତି । ତେବେ ବର୍ତ୍ତମାନର ପାଣିପାଗକୁ ଦେଖିବାକୁ ଗଲେ ହରଭଙ୍ଗା ବ୍ଲକ୍‌ରେ ସମାନ ସ୍ଥିତିରେ ଉଭୟ ବିଜେଡି ଓ ବିଜେପି ଦଳ ଅଛନ୍ତି । ତେବେ ବୌଦ୍ଧ ଏନଏସିର ଭୋଟର ଯେଉଁ ଦଳ କୁ ଆଶୀର୍ବାଦ କରିବ ସେ ହିଁ ବିଜୟର ମୁକୁଟ ପିନ୍ଧିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# କାଳବୈଶାଖୀରେ ଘର ଭାଙ୍ଗିଥିବା ଗାଁକୁ ଯାଇ ଲୋକଙ୍କୁ ଭେଟିଲେ ବିଧାୟକ ପ୍ରାର୍ଥୀ



ମାଲକାନଗିରି, (ସବ୍ୟୁ) : ଜିଲ୍ଲାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ନିଜର ପ୍ରଚାର କାର୍ଯ୍ୟ ଜୋରସୋରରେ କରୁଥିଲେ ମଧ୍ୟ ଆଜି ମାନବିକତା ଦେଖାଇଛନ୍ତିଛ ମାଥିଲି ବ୍ଲକର କୁଟନିପାଲି ଗ୍ରାମରେ ବହୁ ଘର ଭାଙ୍ଗିବା ସହ ବହୁ ଲୋକ ବେଘର ହୋଇଯାଇ ଥିବା ଜାଣିବା ପରେ ପ୍ରଚାର କାର୍ଯ୍ୟକୁ ଅଧାରେ ରଖି କୁଟନିପାଲି ଗ୍ରାମରେ ପହଞ୍ଚିଥିଲେଛ ଘର ଭାଙ୍ଗିଯାଇଥିବା ଲୋକଙ୍କ ସହ ସାକ୍ଷାତ କରିବା ସହ ପ୍ରଶାସନକୁ ଏନେଇ ଅବଗତ କରାଇଥିଲେଛ ଦୁଃଖ ସମୟରେ ଲୋକଙ୍କ ପାଖରେ ଲକ୍ଷ୍ମୀପ୍ରିୟା ଛିଡ଼ା ହୋଇଥିବାରୁ ଲୋକେ ପ୍ରଶଂସା କରିଥିଲେ ।

ଗୋଟିଏ ପଟେ ବାପାଙ୍କର ଦେହାନ୍ତର ଦୁଃଖ ମନରୁ ଲିଭିନଥିବା ବେଳେ ଅନ୍ୟପଟେ ଲୋକଙ୍କର ଦୁଃଖରେ ଦୁଃଖୀ ହୋଇ ସେମାନଙ୍କୁ ସମବେଦନା ଜଣାଇବାକୁ ଯିବା ଏଭଳି ଜଣେ ଲୋକସେବକକୁ ଆଗାମୀ ଦିନରେ ବିଜୟୀ କରାଇବାକୁ ଲୋକେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା । ଲୋକଙ୍କ ସେବାରେ ନିଜକୁ ପୂର୍ବରୁ ମଧ୍ୟ ନିୟୋଜିତ କରିଥିଲେ ଏବଂ ଆଗକୁ ମଧ୍ୟ କରିବେ ବୋଲି ଲକ୍ଷ୍ମୀପ୍ରିୟା କହିଥିଲେ । ନିର୍ବାଚନକୁ ଆଉ ମାତ୍ର ହାତଗଣତି ଦିନ ରହିଥିଲେ ମଧ୍ୟ ଲକ୍ଷ୍ମୀଙ୍କର ଏଭଳି ମହାନତା ତାଂକୁ ଆଗକୁ ବଢିବାରେ ନିଶ୍ଚିତ ସହଯୋଗ କରିବ ବୋଲି ସାଧାରଣରେ ଆଲୋଚନା ହେଉଥିଲା ।

# ଧଳାପଥରର ଚୋରାଚାଲାଣ



ସୋନପୁର, (ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ଧଳାପଥର (କାର୍ଜଷ୍ଟୋନ୍) ବେଧଡ଼କ ଭାବେ ଲୁଟ୍ ଚାଲିଛି । ଉପାନ୍ତ ଅଞ୍ଚଳରେ ଥିବା ସରକାରୀ ଜମିରୁ ଦିନରାତି ଚୋରା ଚାଲାଣ ଚାଲିଛି । ଏହା ପଛରେ ଏକ ପ୍ରଭାବଶାଳୀ ଗ୍ୟାକେଟ୍ କାମ କରୁଛି। ଖଣି କିମ୍ବା ତହସିଲ ପ୍ରଶାସନ ନୀରବ ବସିଥିବା ବେଳେ ସ୍ଥାନୀୟ ପୋଲିସକୁ ହାତ କରି ଉତ୍ତୋଳନ ଓ ରପ୍ତାନି ହେଉଛି । ପ୍ରଥମେ ଟ୍ରାକ୍ଟରରେ ଆଣି ଧଳାପଥର ଗୁଡିକୁ ଗଛିତ କରାଯାଉଛି। ପରେ ବଡ଼ ଟ୍ରକରେ ବାହାର ଜିଲ୍ଲାକୁ ଇସ୍ପାତ ଶିଳ୍ପକୁ ପଠାଯାଉଛି। ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ସେହି ପରିମାଣରେ ଧଳାପଥର ଲୁଟ୍ କାରବାର ବଢ଼ିବାରେ ଲାଗିଛି। ଏହା ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି ବୋଲି ସରକାରୀ ସ୍ତରରେ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ରାଜ୍ୟ ଇସ୍ପାତ ଓ ଖଣି ଅଧୀନରେ ବୃହତ୍ତ ଖଣିଜ ରହିଛି। ସୁବର୍ଣ୍ଣପୁରରେ ଖଣି ପରିଚାଳନା ଦାୟିତ୍ୱ ବିଭାଗର କାର୍ଯ୍ୟାଳୟ ନଥିବା ବେଳେ ବଲାଙ୍ଗୀରରେ ବିଭାଗର ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଛି। ଏଠାରେ ଧଳାପଥର ବେଆଇନ ଭାବେ ଉତ୍ତୋଳନ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନି। ସରକାରୀ ସ୍ତରରେ ଆବଶ୍ୟକ ସହଯୋଗ ଅଭାବରୁ ଏହି ବିଭାଗ ଜିଲାରେ ପ୍ରାୟ ସୁପ୍ତ ଥିବା ମନେହେଉଛି। ସୂଚନା ଅନୁଯାୟୀ ବୀରମହାରାଜପୁର ତହସିଲ ଅଧୀନରେ ଥିବା ଦାଦରପାଲି ଓ ବର୍ଙ୍କିଆ ଉତ୍ସରୁ ଧଳାପଥର ଉତ୍ତୋଳନ ପାଇଁ ରାଜ୍ୟ ଇସ୍ପାତ ଓ ଖଣିବିଭାଗ ପକ୍ଷରୁ ଲିଜ୍ ଦିଆଯାଇଛି । ଲିଜଧାରୀ ଉକ୍ତ ଉତ୍ସରୁ ଉତ୍ତୋଳନ ବନ୍ଦ କରିଛନ୍ତି। ତେବେ ଅଞ୍ଚଳର ତେଲିପାଲି, କଉଁପାଲ, ଲୁଡୁମୁଣ୍ଡା, ବଙ୍କିଆ, ବାରଝୁଲା, ଦାଦରପାଲି ଦ୍ରବ୍ୟ ବିଭାଗ ଆବଶ୍ୟକ ପର୍ଡିଆପାଲି ଲି ଗାଁ ନିକଟରେ ଥିବା ଅଣସ୍ୱୀକୃତି ଖାଦାନ ଗୁଡ଼ିକରୁ ବେଆଇନ ଭାବେ ଧଳାପଥର ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି । ଅନ୍ୟପକ୍ଷେ ଉପରୋକ୍ତ ଖଣି ଲୁଟ୍ରୁ ଆୟ ହେଉଥିବା ଅର୍ଥକୁ ଆସନ୍ତା ନିର୍ବାନରେ ବିନିଯୋଗ କରିବାକୁ ଏଭଳି ଲୁଟ୍ କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଏହା ପଛରେ ବହୁପ୍ରଭାବଶାଳୀ ନେତାଙ୍କ ଆଶୀର୍ବାଦ ଥିବାରୁ ଖଣି ବିଭାଗ କୌଣସି ଧାର ଧରୁନାହିଁ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଖଣି ବିଭାଗର କାମ। ଆମ ନିକଟରେ କୌଣସି କାଗଜପତ୍ର ନାହିଁ କି ସେଭଳି କି କିଛି ଅଭିଯୋଗ ନାହିଁ। ତେବେ ଘଟଣାର ନିଶ୍ଚିତ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଲୋକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଆମ ପରବର୍ତ୍ତୀ ଲକ୍ଷ୍ୟ : ସମରେନ୍ଦ୍ର




ବଲାଙ୍ଗିର, (ସବ୍ୟୁ): ଦିର୍ଘ ସମୟ ଧରି ରାଜ୍ୟରେ ଗୋଟିଏ ଦଳ ସରକାରରେ ରହିଥିବାରୁ ରାଜ୍ୟ ଶାସନରେ ଏକଛତ୍ରବାଦ ଓ ମନମୁଖି ମନବୃତ୍ତି ଜଳ ଜଳ ହୋଇ ଦିଶୁଛି । ଲୋକଙ୍କ ମତକୁ ନେଇ ବିକାଶର ରୂପରେଖ ପ୍ରସ୍ତୁତ ହେବା ବଦଳରେ କିଛି ମୁଷ୍ଟିମେୟ ଅଧିକାରୀ ଶାସନତନ୍ତ୍ରକୁ ଜାବୁଡି ଧରିଛନ୍ତି ଫଳରେ ଲୋକତନ୍ତ୍ର ଦୁର୍ବଳ ହୋଇ ସମାଜର ଶେଷ ଧାଡିର ଲୋକଙ୍କ ସାମାଜିକ ଏବଂ ଆର୍ଥିକ ବ୍ୟବସ୍ଥା ଅସୁରକ୍ଷିତ ହୋଇ ପଡୁଛି । ଆପଣମାନେ ଜାଣିବା ଦରକାର କଂଗ୍ରେସ ସରକାର ହିଁ ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ମନରେଗା, ଖାଦ୍ୟ ଅଧିକାର ଆଇନ ପରି ଗରିବ ଜନ କଲ୍ୟାଣକାରୀ ଯୋଜନା ଆଣିଛି । ତେଣୁ ଲୋକଙ୍କୁ ମୋର ଅନୁରୋଧ ଆପଣମାନେ ଏଇଥର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରାନ୍ତୁ । ଆମେ ଗ୍ୟାରେଣ୍ଟି ଦେଉଛୁଁ ଆପଣମାନଙ୍କ ସାମାଜିକ ଏବଂ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବା ଆମର ପ୍ରଥମ ଲକ୍ଷ୍ୟ ହେବ ବୋଲି ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ସିକୁଆଁ, କୁତୁର୍ଲା ଏବଂ ଅର୍ଡା ଠାରେ ଅନୁଷ୍ଠିତ ଜନ ଆଶିର୍ବାଦ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ସ୍ଥାନୀୟ ସରପଂଚ ରାଜକୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମରେନ୍ଦ୍ର ଆହୁରି ମଧ କହିଛନ୍ତି ଯେ ସିଂଦେଓ ସାଙ୍ଗାଧାରି ଆମ ପ୍ରତିଦ୍ୱନ୍ଦିମାନେ ବହୁତ ସମୟ ଧରି ଆମ ଲୋକଙ୍କ ଭୋଟ ପାଇଁ ବିଭିନ୍ନ ପଦ ପଦବିରେ ରହି ଆମ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ଲୋକଙ୍କ କୌଣସି ବି ଅଭାବ ଅସୁବିଧା କି ଅଭିଯୋଗ ଶୁଣି ନାହାନ୍ତି । କାରଣ ଏମାନେ ନିର୍ବାଚନ ଜିତିଗଲେ ବଲାଙ୍ଗିର ରେ ନ ରହି ଡେହେରାଡୁନରେ ରହନ୍ତି । ନିର୍ବାଚନ ୨ ମାସ ପୂର୍ବରୁ ବଲାଙ୍ଗିର କୁ ଆସି ଲୋକଙ୍କୁ ମିଛ ପ୍ରତିଶୃତି ଦିଅନ୍ତି । ତେଣୁ ଲୋକେ ଏପରି ପରଦେଶିଆ ନେତାଙ୍କୁ ଏହି ନିର୍ବାଚନରେ ପ୍ରତ୍ୟାକ୍ଷାନ କରନ୍ତୁ ବୋଲି ସମରେନ୍ଦ୍ର କହିଛନ୍ତି । ଏହି ନିର୍ବାଚନି ସଭାରେ ଉପସ୍ଥିତ ବିଧାୟକ ମାନ୍ୟବର ନରସିଂହ ମିଶ୍ର କହିଥିଲେ ଯେ ଯଦି କଂଗ୍ରେସ ସରକାରକୁ ଆସେ ତେବେ ଗୃହ ଜ୍ୟୋତି ଯୋଜନାରେ ଘରେଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ ଦେୟ ମାଗଣା, ଯୁବ ବିକାଶ ଯୋଜନାରେ ପ୍ରତ୍ୟେକ ବର୍ଷ ୫ଲକ୍ଷ ଯୁବକ ଯୁବତିଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩ ହଜାର ଟଙ୍କା, କୃଷକମାନଙ୍କ ପାଇଁ ବୋନସ ସହ ଧାନର ସର୍ବନିମ୍ନ ସହାୟକ ମୁଲ୍ୟ କ୍ୱିଣ୍ଟାଲ ପ୍ରତି ୩ହଜାର ଟଙ୍କା, କୃଷିଋଣ ଛାଡ, କୃଷକମାନଙ୍କ ପାଇଁ ୨ହଜାର ଟଙ୍କା। ପେନସନ ବ୍ୟବସ୍ଥା, ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ବ୍ୟଙ୍କ ଋଣ ଛାଡ ଓ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨ହଜାର ଟଙ୍କା ଭତ୍ତା, ଆଦିବାସୀ ଓ ଦଳିତ ମହିଳା ୩ହଜାର ଟଙ୍କା ଭତ୍ତା, ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର ବ୍ୟବସ୍ଥା ସହ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ ବିକଳାଙ୍ଗ ଭତ୍ତା ମାସିକ ୨ ହଜାର ଟଙ୍କା ପ୍ରଦାନ, ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଏବଂ ୧୦୦ ଦିନ ଭିତରେ ପେଶା ଆଇନକୁ କଡାକଡି ଭାବେ ଲାଗୁ କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ନିଜ ବକ୍ତବ୍ୟରେ କହିଥିଲେ।

# ମତଦାନ ହାର ବଢାଇବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ମାଲକାନଗିରି, (ସବ୍ୟୁ): ଆସନ୍ତା ମେ ୧୩ରେ ଜିଲ୍ଲାରେ ସାଧାରଣ ନିର୍ବାଚନ ହେବ ଏବଂ ଭୋଟରମାନେ ନିଜର ମତଦାନ କରିବେ। ଅଧିକରୁ ଅଧିକ ଭୋଟର ନିର୍ବାଚନ ପର୍ବରେ ଅଂଶ ଗ୍ରହଣ କରି ନିଜର ମତଦାନ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସଚିନ ପାୱାର ଜିଲ୍ଲାପାଳ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ କରିଛନ୍ତି। ବର୍ତ୍ତମାନ ମାଲକାନଗିରି ଜିଲ୍ଲାରେ ପ୍ରାୟ ୪ ଲକ୍ଷ ୫୨ ହଜାର ୫୪୪ ଭୋଟର ରହିଛନ୍ତି। ଏହି ଭୋଟରଙ୍କ ନିମନ୍ତେ ୫୪୭ଟି ବୁଥ୍ ବ୍ୟବସ୍ଥା କରାଯାଇଛି। ସେଥି ମଧ୍ୟରୁ ୩୦ଟି ସଖୀ ବୁଥ୍ ରହିଛି ଯାହା ସଂପୂର୍ଣ୍ଣ ରୂପେ ମହିଳା ମାନଙ୍କ ଦ୍ୱାରା ପରିଚାଳିତ ହେବ। ସେହିପରି ଭିନ୍ନକ୍ଷମଙ୍କ ନିମନ୍ତେ ୨ ଗୋଟି ବୁଥ୍ ବ୍ୟବସ୍ଥା କରାଯାଇଛି। ୧୦ ଟି ୟୁଥ୍ ବୁଥ୍ ରହିଛି ଯାହା ସଂପୂର୍ଣ୍ଣ ରୂପେ ୩୦ ବର୍ଷରୁ କମ୍ ଅଧିକାରୀ ତଥା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ମତଦାନ କେନ୍ଦ୍ରରେ ପୁରୁଷ ଓ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ, ଭିନ୍ନକ୍ଷମ ତଥା ବାର୍ଦ୍ଧକ୍ୟଙ୍କ ନିମନ୍ତେ ରାମ୍ପ, ଭୀଷଣ ଖରା ଦାଉରୁ ରକ୍ଷା ପାଇଁ ଛାତ ଉପରେ ବ୍ୟବସ୍ଥା, ଜଳଛତ୍ର, ପର୍ଯ୍ୟାପ୍ତ ଓଆରଏସ ଓ ଆବଶ୍ୟକୀୟ ଔଷଧ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ନିର୍ବାଚନରେ ନିୟୋଜିତ ଅଧିକାରୀ ତଥା ମତଦାତାଙ୍କୁ ସହାୟତା ନିମନ୍ତେ ଦୁଇ ଜଣ ଲେଖାଏଁ ସ୍ୱେଚ୍ଛାସେବିଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଜିଲ୍ଲାରେ ୧୧୪ଟି ସମ୍ବେଦନଶୀଳ ବୁଥ୍ ରହିଥିବା କଥା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି ମାଲକାନଗିରି ଜିଲ୍ଲା ଅତ୍ୟଧିକ ଖରା ହେଉଥିବା ହେତୁ ଭୋଟର ମାନଙ୍କୁ ଯଥା ସମ୍ଭବ ପୂର୍ବାହ୍ନ ଅର୍ଥାତ୍ ଖରା କମ୍ ରହୁଥିବା ସମୟରେ ମତଦାନ କେନ୍ଦ୍ରକୁ ଆସି ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ୭ରୁ ୬ ଟା ପର୍ଯ୍ୟନ୍ତ ମତଦାନ ସମୟ ରହୁଥିବା ବେଳେ ଆମ ଜିଲ୍ଲାରେ ଏହାକୁ ୭ରୁ ୫ ଟା ପର୍ଯ୍ୟନ୍ତ ରଖାଯାଇଛି ବୋଲି କୁହାଯାଇଛି। ସେହିପରି ସ୍ୱାଭିମାନ ଅଂଚଳ ପାଇଁ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ପ୍ରଥମ ଥର ପାଇଁ ସ୍ୱାଭିମାନ ଅଂଚଳରେ ସାଧାରଣ ନିର୍ବାଚନ ହେଉଛି । ଏହି ଅଞ୍ଚଳର ଯନ୍ତ୍ରୀ ଓ ସନ୍ୟାସୀଗୁଡା ଠାରେ ମତଦାନ କେନ୍ଦ୍ର କରାଯାଇଛି । ପୋଲିଂ ଅଧିକାରୀଙ୍କ ଯାତାୟାତର ମଧ୍ୟ ସଂପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଯେହେତୁ ମାଲକାନଗିରି ଜିଲ୍ଲା ଅନ୍ୟ ରାଜ୍ୟ ସୀମା ସହ ସଂଲଗ୍ନ ରହିଛି ସୁରକ୍ଷା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସୀମା ସୁରକ୍ଷା ବାହିନୀ ଏଥି ନିମନ୍ତେ ମୁତୟନ ଅଛନ୍ତି ଏବଂ ସେମାନେ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ସଜାଗ ଅଛନ୍ତି ବୋଲି ସୂଚନା ମିଳିଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଚିତ୍ରକୋଣ୍ଡା ରିଟର୍ଣିଂ ଅଧିକାରୀ, ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ତଥା ମାଲକାନଗିରି ରିଟର୍ଣିଂ ଅଧିକାରୀ, ଦୁର୍ଯ୍ୟଧନ ଭୋଇ ଓ ଅତିରିକ୍ତ ଉପ ଜିଲ୍ଲାପାଳ, ଜଗେଶ୍ୱର ନାୟକ ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ଅଘରିଆ ସମାଜ ପକ୍ଷରୁ ଅକ୍ଷୟ ତୃତୀୟ ସହ ଅଘର ଦିବସ

ଜମନକିରା, (ସବ୍ୟୁ) : ଅଖିଳ ଭାରତୀୟ ଅଘରିଆ ସମାଜ ବାମଣ୍ଡା ଆଞ୍ଚଳିକ କମିଟି ପକ୍ଷରୁ ସାତକମା ଗ୍ରାମରେ ଉପଦେଷ୍ଟା ଗଙ୍ଗାଧର ନାୟକଙ୍କ ସଭାପତିତ୍ୱରେ ଓଡ଼ିଆ ମାନଙ୍କ ପବିତ୍ର ପର୍ବ ଅକ୍ଷୟ ତୃତୀୟା ଉତ୍ସବ, କୃଷକ ଦିବସ ତଥା ଅଘରିଆ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏଥିରେ ସମାଜର ରାଜ୍ୟ ସଂଗଠନ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି,ଅଧ୍ୟାପକ ବିନୋଦ ପଟେଲ ମୁଖ୍ୟବକ୍ତା ଏବଂ ଅଘରିଆ ଧାମ ଲଇଡାର ବିନୟ କୁମାର ଚୌଧୁରୀ, ଉପସଭାପତି ନରେଶ ଚନ୍ଦ୍ର ପଟେଲ, କୁସୁମୀ ମଣ୍ଡଳ ସଭାପତି ପୂର୍ଣ୍ଣ ଚନ୍ଦ୍ର ପଟେଲ,ଭୋଜପୁର ମଣ୍ଡଳ ସଭାପତି ଦେବାନନ୍ଦ ପଟେଲ ଓ ପୂର୍ବତନ ଆଞ୍ଚଳିକ ସଭାପତି ବନମାଳୀ ନାୟକ ପ୍ରମୁଖ ଦିବସର ମହତ୍ୱ ଓ କୃଷି କର୍ମ କରୁଥିବା ଅଘରିଆ ସମେତ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଏକତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ବାମରା ମଣ୍ଡଳ ଅଂଚଳରୁ ଶ୍ରୀ ଲିଙ୍ଗରାଜ ପଟେଲ, ଜମନକିରା ବ୍ଲକ ଅଞ୍ଚଳରୁ ଶ୍ରୀ ସେସଦେବ ପଟେଲ ଓ କୁଚିଣ୍ଡା ମଣ୍ଡଳରୁ ଆଲୋକ ପଟେଲ ଓ କୁସୁମୀ ମଣ୍ଡଳରୁ ଶ୍ରୀ ବୀରେନ୍ଦ୍ର ନାୟକଙ୍କୁ ଆଦର୍ଶ ଚାଷୀ ଭାବରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନବ ମନୋନୀତ ରାଜ୍ୟ ଯୁବ ସଭାପତି ପୀତବାସ ପଟେଲ, (ସାରଦା )ଙ୍କୁ ମଧ ମୁଖ୍ୟ ଅତିଥି ଶପଥ ପାଠ କରାଇ ଥିଲେ। ପୂର୍ବରୁ ଆଲୋକ ପଟେଲଙ୍କ କୃଷି କ୍ଷେତ୍ରରେ ମାଟି ପୂଜା ଓ ଅଖି ମୁଠି ନିଆଯାଇଥିଲା। ପ୍ରାରମ୍ଭରେ ଆଞ୍ଚଳିକ ସଭାପତି ଅଶୋକ କୁମାର ପଟେଲ ପ୍ରାରମ୍ଭିକ ସୂଚନା, କୁଚିଣ୍ଡା ମଣ୍ଡଳ ସଭାପତି ମନୋରଞ୍ଜନ ପଟେଲ ସ୍ୱାଗତ ଭାଷଣ ଓ ଶେଷରେ ଆଞ୍ଚଳିକ ସମ୍ପାଦକ ନିଲାଦ୍ରି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ କୃଷି ଓ ଓବିସି କର୍ମଶାଳାକୁ ଆଧ୍ୟାପକ ସତ୍ୟ ନାରାୟଣ ପଟେଲ, ସୁଶ୍ରୀ ଲଲାଟେନ୍ଦୁ ପଟେଲ, କଲ୍ୟାଣୀ ପଟେଲ, ଲିନା ପଟେଲ ପ୍ରମୁଖ ପରିଚାଳନା କରିଥିଲେ ।

## ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ

# ବାବା ଶଗଡେଶ୍ୱର ଓ ମାତା ପାର୍ବତୀଙ୍କ ଥାଳ ଉଠିଲା



ଜମନକିରା, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରୀମୁଣ୍ଡ ପଂଚାୟତ ଶୁକ୍ରବାର ଦିନ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆସନ୍ତା ଜୁନ ୧୦ ଓ ୧୧ରେ ହେବାକୁ ଥିବା ୧୦ ତମ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ୨୦୨୪ ପାଇଁ ବାବା ଶଗଡେଶ୍ୱର ଓ ମାତା ପାର୍ବତୀଙ୍କ ଥାଳ ଉଠିଲା। ଚଳିତ ବର୍ଷ ମାତା ପାର୍ବତୀଙ୍କ ମାତା ପିତା ଭାବରେ ରଞ୍ଜିତ ପଟେଲ ଓ ତାଙ୍କ ଧର୍ମପତ୍ନୀ ସବିତା ପଟେଲ କୁଚିଣ୍ଡା (ମୂଳବାସିନ୍ଦା ରେଙ୍ଗଲୋଇ) ଏବଂ ବାବା ଶଗଡେଶ୍ୱରଙ୍କ ପିତାମାତା ଭାବରେ ଡିମିରିମୁଣ୍ଡା ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତିମଞ୍ଜରି ଧୁରୁଆ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ମାଙ୍ଗଳିକ କାର୍ଯ୍ୟକୁ ପୂଜକ ନିତ୍ୟାନନ୍ଦ ମିଶ୍ର ପୂଜା ପୌରହିତ୍ୟ କରିଥିବା ବେଳେ ଶୀତଳ ଷଷ୍ଠୀ ଯାତ୍ରା କମିଟିର ସଭାପତି ନୃପଲାଲ ପଲେଇ, ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ରନାରାୟଣ ବେହେରା, ସୁମନ୍ତ ବେହେରା, ରତନଲାଲ ସିଂ, ଚିତ୍ତରଞ୍ଜନ ଶର୍ମା, ତରଣୀରଞ୍ଜନ ଶର୍ମା, ଗଣେଶ ଗୁପ୍ତା, ଶଶିଭୂଷଣ ବଡ଼େଇ, ସଞ୍ଜୟ ମହାଝକୁଳ, ସଞ୍ଜୀବ ପଣ୍ଡା, ନରେନ୍ଦ୍ର ପଲେଇ, ହିତେଶ ପଲେଇ, କରୁଣାକର ମାଝୀ, ରବୀନ୍ଦ୍ର ପଲେଇ, ସନ୍ତୋଷ ଠାକୁର, କୁବେର ଠାକୁର, ଅମରନାଥ ପଲେଇ, ସୁରଥ ନାୟକ, ବାବୁନି ମହାନ୍ତି, ସଂଜ୍ଵି ପ୍ରଧାନ, ରଞ୍ଜନ ପଣ୍ଡା, ଗଗନ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଶୀତଳଷଷ୍ଠୀ ଯାତ୍ରା ଓ ମହୋତ୍ସବ କମିଟିର ସଂଯୋଜକ ମଳୟ ବେହେରା ଉତ୍ସବକୁ ସଫଳ ରୂପାୟନ କରିବାପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

# ସାମ୍ବାଦିକ ସଂଘର ପୂର୍ବତନ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି

କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ସାମ୍ବାଦିକ ସଙ୍ଘ ର ପୂର୍ବତନ ଦିବଂଗତ ସଭାପତି ଦୁର୍ବାକ୍ଷା ବସ୍ତିଆଙ୍କ ତୃତୀୟ ଶ୍ରାଦ୍ଧ ଦିବସରେ ପଳସାଗୋରା ଠାରେ ସଙ୍ଘର ବରିଷ୍ଟ ଉପଦେଷ୍ଟା ଦିବ୍ୟଶଙ୍କର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣ ଚରଣ ସାହୁ, ବଂଶୀଧର ମାଝୀ, ଦେବାଶିଷ ମଲିକ, ରଞ୍ଜନ କୁମାର ପାତ୍ର, ଅନନ୍ତ ଖମାରି, ରବୀନ୍ଦ୍ର କର୍ଣ୍ଣ ଯୋଗଦେଇ ସ୍ୱର୍ଗତ ଶ୍ରୀ ବସ୍ତିଆଙ୍କ ସ୍ମୃତି ଚାରଣ କରି ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଥମେ ସାମୁହିକ ଭାବରେ ଦୀପ ପ୍ରଜ୍ୱଳନ କରି ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ସମ୍ବଲପୁର ଲୋକସଭା ଆସନ

# ୧୪ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ

ସମ୍ବଲପୁର, (ସବ୍ୟୁ): ଆସନ୍ତା ୨୫ ତାରିଖରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଓ ଏହାର ଅନ୍ତର୍ଗତ ୪ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ନାମାଙ୍କନ, ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଯାଞ୍ଚ ପ୍ରକ୍ରିୟା ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସମ୍ବଲପୁର ଲୋକସଭା ଆସନରେ ମୋଟ ୧୪ ଜଣ ପ୍ରାର୍ଥୀ ଅଛନ୍ତି । ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡ଼ି ପକ୍ଷରୁ ବିଧାୟକ ପ୍ରବଣ ପ୍ରକାଶ ଦାଶ ଓ କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ନଗେନ୍ଦ୍ର କୁମାର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ସେହିପରି ବହୁଜନ ସମାଜପାର୍ଟିର ସଦାନନ୍ଦ ରଣବିଡ଼ା, ରାଷ୍ଟ୍ରୀୟ ମାନବ ପାର୍ଟିର ଖଗେଶ୍ୱର ବେହେରା, ସୋସିଲିଷ୍ଟ ୟୁନିଟି ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନ, କୋଶଳ ଜନତା ଦଳ ପକ୍ଷରୁ ପୁରୁଷୋତ୍ତମ ପାତ୍ର, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟି ପକ୍ଷରୁ ରାକେଶ ବାଗ୍, ନେସନାଲ ଜନଦଳ ପକ୍ଷରୁ ସୁବାଷ କୁମାର ମହାପାତ୍ର, ପଶ୍ଚିମାଞ୍ଚଳ ବିକାଶ ପାର୍ଟି ପକ୍ଷରୁ ଲକ୍ଷ୍ମଣ କୁମାର ଭୋଇ ପ୍ରାର୍ଥୀ ହୋଇଥିବା ବେଳେ ଆତ୍ମାରାମ ସୂପକାର, ଜ୍ଞାନେନ୍ଦ୍ର ବେହେରା, ସୁଶୀଲ କୁମାର ବାବୁ ଓ ଶ୍ରୀରାମ ପାଣ୍ଡେଙ୍କ ସ୍ୱାଧିନ ପ୍ରାର୍ଥୀ ଭାବେ ଲଢେଇ କରିବେ ।

ସମ୍ବଲପୁର ବିଧାନସଭା ଆସନ ପାଇଁ ଚୂଡ଼ାନ୍ତ ତାଲିକାରେ ୯ ଜଣ ପ୍ରାର୍ଥୀ ଅଛନ୍ତି । ବିଜେପିର ଜୟନାରାୟଣ ମିଶ୍ର, ବିଜେଡ଼ିର ଇଂ. ରୋହିତ ପୂଜାରୀ, ଜାତୀୟ କଂଗ୍ରେସର ଦୁର୍ଗା ପ୍ରସାଦ ପାଢ଼ୀ, ବିଏସ୍‌ପିର ଅନୀଲ ନାୟକ, ସମାଜବାଦୀ ପାର୍ଟିର ଅନୀଲ କୁମାର ଯାଦବ, ନେସନାଲ ଆପନୀ ପାର୍ଟିର ନନ୍ଦୀକିଶୋର ମେହେର ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଭାସ ପୃଷେଠ୍, ମହେଶ ଶର୍ମା ଓ ରାମକୃଷ୍ଣ ଶାସନୀ ରହିଛନ୍ତି। ରେଙ୍ଗାଲି ବିଧାନସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ଯାଞ୍ଚ ପରେ ଚୂଡ଼ାନ୍ତ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ନାଉରୀ ନାୟକ ବିଜେପି, ସୁଦର୍ଶନ ହରିପାଲ ବିଜେଡ଼ି, ଦିଲୀପ କୁମାର ଦୁରିଆ କଂଗ୍ରେସ, ସୀତାକାନ୍ତ ରୋହିଦାସ ଆମ ଆଦମୀ ପାର୍ଟି, ହମିଦ ପ୍ରସାଦ ଲୁହା ପଶ୍ଚିମାଞ୍ଚଳ ବିକାଶ ପାର୍ଟି, ଆନନ୍ଦିନୀ ବେସନ ବହୁଜନ ସମାଜ ପାର୍ଟି, ଉକର କଲେତ ଭାରତୀୟ ନ୍ୟାୟ ଅଧିକାର ପାର୍ଟି, ବସୁଦେବ ସୁନାନୀ , ସୁଶାନ୍ତ କୁମାର ତନସନା ଓ ଲଙ୍କେଶ ରାବଣ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛନ୍ତି । କୁଚିଣ୍ଡା ସଂରକ୍ଷିତ ଆସନରେ ୪ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ମଇଦାନରେ ରହିଛନ୍ତି। ସେମାନେ ହେଲେ ବିଜେଡ଼ିର ରାଜେନ୍ଦ୍ର କୁମାର ଛତ୍ରିଆ, ବିଜେପିର ରବିନାରାୟଣ ନାୟକ, ଜାତୀୟ କଂଗ୍ରେସର କେଦାରନାଥ ବରିହା ଏବଂ ସ୍ୱାଧୀନ ପ୍ରାର୍ଥୀ ମିନାକ୍ଷୀ ମାଝୀ ଅଛନ୍ତି। ସେହିପରି ରେଢ଼ାଖୋଲ ବିଧାନସଭା ଆସନରେ ୭ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ଏଠାରେ ବିଜେଡ଼ିରୁ ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସର ଆସଫ୍ ଅଲ୍ଲୀ ଖାନ୍, ବିଜେପିର ଦେବେନ୍ଦ୍ର ମହାପାତ୍ର, ବହୁଜନ ସମାଜ ପାର୍ଟିର ପ୍ରଭାକର ରଣଜିତ, କଳିଙ୍ଗ ସେନାର ମନୋଜ କୁମାର ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ଏବଂ ସଞ୍ଜିତ କୁମାର ବାବାଙ୍ଗା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ତେବେ ସମ୍ବଲପୁର ଲୋକସଭା ଓ ଏହାର ଅନ୍ତର୍ଗତ ୪ଟି ବିଧାନସଭା ଆସନ ପାଇଁ ମୋଟ ୪୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସମ୍ବଲପୁର ଲୋକସଭା ଆସନ ବିଜେପି ହାତରେ ରହିଛି । ଏଥିସହ ୪ ବିଧାନସଭା ଆସନ ମଧ୍ୟରୁ ସମ୍ବଲପୁର ଓ ରେଙ୍ଗାଲିରେ ବିଜେପି ଏବଂ ରେଢ଼ାଖୋଲ ଓ କୁଚିଣ୍ଡାରେ ବିଜେଡ଼ି ବିଧାୟକ ଅଛନ୍ତି।


## ଶୀତଳ ଷଷ୍ଠୀ ପାଇଁ ଥାଳ ଉଠିଲା

# କନ୍ୟା ପିତାମାତା ଚୟନ ସହ ପାଣ୍ଠି ସଂଗ୍ରହ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ନନ୍ଦପଡାର ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡାର ଲୋକନାଥ ବାବା, ମୁଦିପଡାର ଜାଗେଶ୍ୱର ବାବା, ବଡବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧାର ସୋମନାଥ ବାବା ଓ ଠାକୁରପଡାର ଗୁପ୍ତେଶ୍ୱର ବାବାଙ୍କ ମନ୍ଦିରରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ସହ ଥାଳ ଉଠାଯାଇଛି। ପରେ କେତେକ ପଡାର ମୁରବୀ ମାନେ ଥାଳ ଧରି ଶୀତଳ ଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ନିଜ ପଡାରୁ ପାଣ୍ଠି ସଂଗ୍ରହ କରିଥିଲେ। ଆଜି ଠାରୁ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ଉତ୍ସବ ଶୀତଳ ଷଷ୍ଠୀ ଯାତ୍ରାର ଅୟମାରମ୍ଭ ହୋଇଛି। ଯାତ୍ରା ପାଇଁ ଅର୍ଥ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ। ଯାତ୍ରା ପରିଚାଳନା ଓ ସାଜସଜ୍ଜା ପାଇଁ ଅର୍ଥର ବିଶେଷ ଆବଶ୍ୟକତା ରହିଛି। ତେଣୁ ପଡ଼ା ମଧ୍ୟରେ ଥାଳ ବୁଲିଥିଲା। ଲୋକେ ଆନନ୍ଦର ସହିତ ଥାଳରେ ଅର୍ଥ ଦେଇ ଷଷ୍ଠୀ ଆୟୋଜନର ଶୁଭାରମ୍ଭ କରିଥିଲେ। ପ୍ରଚଳିତ ପରମ୍ପରା ଅନୁଯାୟୀ ଯାତ୍ରା କମିଟି ଗୁଡିକ ପକ୍ଷରୁ କନ୍ୟା ପିତାମାତାଙ୍କ ନାମ ମଧ୍ୟ ଘୋଷିତ କରାଯାଇଛି।

ସମ୍ବଲପୁର ନନ୍ଦପଡାର ବମ୍ ବରାଡ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଶୀତଳ ଷଷ୍ଠୀ ଯାତ୍ରା ସଫଳ ପାଇଁ ଧୂପ, ଦୀପ, ପୁଷ୍ପ, ବେଲପତ୍ର ଓ ନୈବେଦ୍ୟ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଆଳତୀ ପରେ ବିଧି ମତେ ଥାଳ ଉଠିଥିଲା। ମୁରବୀ ମାନେ ପ୍ରଥମେ ପାଣ୍ଠି ସଂଗ୍ରହ ପାଇଁ ନିଜ ପଡାର ଘର ଘର ବୁଲି ଅର୍ଥ ସଂଗ୍ରହ କରିଥିଲେ। ଚଳିତ ବର୍ଷ ନନ୍ଦପଡ଼ାର ରାମ ପ୍ରସାଦ ମିଶ୍ର ଓ ବବିତା ମିଶ୍ର ବର ପିତାମାତା ଏବଂ ଚାରଭାଟିର ସୁମନ୍ତ ପଣ୍ଡା ଓ ନିତିପ୍ରିୟା ଦେବୀ କନ୍ୟା ପିତାମାତା ଦାୟିତ୍ୱ ନିର୍ବାହ କରିବେ। ମନ୍ଦିରରେ ଥାଳ ଉଠାବିଧିରେ ପଣ୍ଡିତ ଆଲୋକ ପଣ୍ଡା ମନ୍ତ୍ରୋଚ୍ଚାରଣ କରିଥିଲେ । ସେହିପରି ସକାଳେ ଝାଡୁଆପଡାର ଲୋକନାଥ ବାବାଙ୍କ ଜଳାଭିଷେକ ହୋଇଥିଲା। ଅପରାହ୍ନ ୪ଟାରେ ବିଧି ପୂର୍ବକ ପୂଜା ଓ ଆଳତୀ ପରେ ବାବାଙ୍କ ଥାଳ ଉଠିଥିଲା। ପରେ ପଡାର ମୁରବୀ ମାନେ ଶିବଙ୍କ ପିତା ଅମରନାଥ ସୂପକାର ଓ ମାତା ଅମୟ ସୂପକାରଙ୍କ ସମେତ ଯାତ୍ରା କମିଟିର ବରିଷ୍ଠ ସଦସ୍ୟ ମାନେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରିଥିଲେ। ଶୀତଳ ଷଷ୍ଠୀ ଯାତ୍ରା କମିଟି ପୂଜକ ମହେନ୍ଦ୍ର ପୂଜାରୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଚଳିତ ବର୍ଷ କନ୍ୟା ମାତାପିତା ଭାବେ ଆର୍ନ୍ତଜାତୀୟ କ୍ରିକେଟ ତାରକା ଦେବାଶିଷ ମହାନ୍ତି ଓ ତାଙ୍କ ପତ୍ନୀ ରିତିମୁଚ୍ଛା ମହାନ୍ତି ସଂକଳ୍ପ ପୂଜାରେ ଯୋଗ ଦେଇଥିଲେ ।

ମୁଦିପଡ଼ାର ଜାଗେଶ୍ୱର ବାବାଙ୍କ ମହାପରିଣୟ ସକାଶେ ବରପିତା ମଧୁସୁଦନ ନେଗୀ ଓ ମୁଦିପଡ଼ାର ଡା. ସୁଧାଂଶୁ ଶେଖର ପଣ୍ଡା ଓ ଡା. ସଂଯୁକ୍ତା ପଣ୍ଡା କନ୍ୟା ପିତାମାତା ଭୂମିକା ନେଉଥିବା ସଂକଳ୍ପ ପୂଜାରେ ଯୋଗ ଦେଇଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ମନ୍ଦିରରେ ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଶିବ ପାର୍ବତୀଙ୍କ ପୂଜା କରାଯାଇଥିଲା। ବାଲିବନ୍ଧାର ସୋମନାଥ ବାବା ଓ ଦେବୀ ପାର୍ବତୀଙ୍କ ପରିଣୟ ପାଇଁ ହୋଇଥିବା ସଂକଳ୍ପ ବିଧିକୁ ପଣ୍ଡିତ ମନବୋଧ ପାଢ଼ୀ ସଂଯୋଜନା କରିଥିବା ବେଳେ ବରପିତା ଭୂମିକାରେ ଗୋପୀନାଥ ନାୟକ ଓ କନ୍ୟାପିତାମାତା ଭୂମିକା ନିର୍ବାହ କରୁଥିବା ଫାଟକର ଶଙ୍କର ପ୍ରସାଦ ସାହୁ ଓ ଶ୍ରୀମତୀ ମୀନା ସାହୁଙ୍କ ସହ କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ।



ପଞ୍ଜିକା ଅନୁଯାୟୀ ଆଗାମୀ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଜୁନ ୧୦ ତାରିଖ ରାତି ଶିବପାର୍ବତୀଙ୍କ ପରିଣୟ ଅନୁଷ୍ଠିତ ହେବ। ୧୧ ତାରିଖ ଶୀତଳଷଷ୍ଠୀ ତିଥିରେ ନବ ପରିଣତ ଦେବଦେବୀ ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିବେ । ଏହିଦିନ ରାତି ଶିବ-ପାର୍ବତୀ ଗଣଣ୍ଟୁ ଆଳ ହୋଇ ନଗର ପରିକ୍ରମା, ୧୨ ତାରିଖ ଅପରାହ୍ନରେ ଦେବଦମ୍ପତିଙ୍କ ଗମ୍ଭୀରା ପ୍ରବେଶ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଆସନ୍ତା ମାସ ୬ ତାରିଖରେ ବଂ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ନିର୍ବନ୍ଧ ବା ପତରପେଣ୍ଡି ଯାତ୍ରା ଅନୁଷ୍ଠିତ ହେବ। ଜୁନ୍ ୭ ତାରିଖରେ ଶ୍ରୀଶ୍ରୀ ନୃସିଂହନାଥ ରଥାରୁଢ଼ ହୋଇ ନିଉତା ପ୍ରଦାନ ପାଇଁ ଗୁଆଗୁଣ୍ଡା ଯାତ୍ରାରେ ବାହାରିବେ। ଜୁନ୍ ୮ ଓ ୯ ତାରିଖ ଶ୍ରୀଲୋକନାଥ ଓ ଶ୍ରୀ ଜାଗେଶ୍ୱରଙ୍କ ପତରପେଣ୍ଡି ଏବଂ ଗୁଆଗୁଣ୍ଡା ପର୍ବ ଅନୁଷ୍ଠିତ ହେବ। ଝାଡୁଆପଡ଼ା ଓ ମୁଦିପଡ଼ାରୁ ବୀର ହନୁମାନ ଶିବ-ପାର୍ବତୀଙ୍କ ବିବାହ ସକାଶେ ଗୁଆଗୁଣ୍ଡା ଯାତ୍ରାରେ ବାହାରିବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ସମ୍ବଲପୁର ଲୋକସଭା ବିଜେପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡ଼ି ପ୍ରାର୍ଥୀ ତଥା ବିଧାୟକ ପ୍ରଣବପ୍ରକାଶ ଦାଶ , ସ୍ଥାନୀୟ ବିଧାନସଭା ଆସନ ବିଜେପି ପ୍ରାର୍ଥୀ ତଥା ବିଧାୟକ ଜୟନାରାୟଣ ମିଶ୍ର, ବିଜେଡ଼ି ପ୍ରାର୍ଥୀ ତଥା ବିଧାୟକ ଇଂ. ରୋହିତ ପୂଜାରୀଙ୍କ ସମେତ ବହୁ କର୍ମକର୍ତ୍ତା ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା ଓ ବାଲିବନ୍ଧା ଶିବ ମନ୍ଦିରକୁ ଯାଇ ଥାଳ ଉଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୫/୨୭)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

ସ୍ପର୍ଶାନ୍‌କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ॥୨୭॥

କାମ-କ୍ରୋଧ-ମୁକ୍ତ ସଂଯତଚିତ୍ତ ଆତ୍ମତତ୍ତ୍ୱଜ୍ଞ ସନ୍ନ୍ୟାସୀମାନଙ୍କର ବାହ୍ୟ ବିଷୟଗୁଡ଼ିକ ବାହାରେ ରଖି, ଚକ୍ଷୁଦ୍ୱୟକୁ ଭ୍ରୂମଧ୍ୟରେ ସ୍ଥାପନ କରି (ଅତ୍ୟନ୍ତ ନିମୀଳନରେ ନିଦ୍ରାଦ୍ୱାରା ମନର ଲୟ ହୁଏ, ଆଉ ଅତ୍ୟନ୍ତ ଉନ୍ମୀଳନରେ ବିଷୟ ପ୍ରତି ଦୃଷ୍ଟି ହୁଏ....॥୨୭॥

## ସମ୍ପାଦକୀୟ

# ନୂତନ ସଂସ୍କାର ଦ୍ୱାରା ପୁରାତନ ସଂସ୍କାର ପରିବର୍ତ୍ତିତ ହୁଏ

ଆତ୍ମା ଯେଉଁ ସଂସ୍କାରଗୁଡ଼ିକୁ ଘେନି ନୂତନ ଦେହ ଧାରଣ କରେ, ସେଗୁଡ଼ିକ ତାହାର 'କାରଣ ଶରୀର' । ଇହଜନ୍ମର ସ୍ଥୂଳ ଦେହର ରଚନା ପାଇଁ ତାହା କାରଣସ୍ୱରୂପ ଅଟେ । ଏହି କାରଣସ୍ୱରୂପ ସ୍ଥୂଳ ଶରୀରରେ ରୂପାୟିତ ହେବା ପୂର୍ବରୁ ତାହାଠାରେ ଉତ୍ତମ ସଂସ୍କାର ପ୍ରଭାବିତ କରିବା ଆବଶ୍ୟକ । ସନ୍ତାନ ଜନ୍ମ ପୂର୍ବରୁ ଏପରି କରିବା ଆବଶ୍ୟକ । ଜନ୍ମଦାତା ମାତାପିତା ନିଜ ନିଜ ବିଚାରଧାରାର ବେଗବଳରେ (ସନ୍ତାନ ଜନ୍ମ ହେବା ପୂର୍ବରୁ) ଉକ୍ତ କାରଣ- ଶରୀରରେ ନୂତନ ସୁସଂସ୍କାର ସଂକ୍ରମିତ କରିବା ବିଧେୟ । ମାତାପିତାଙ୍କ ରଜବୀର୍ଯ୍ୟ ପ୍ରବୃତ୍ତି ଅନୁସାରେ ହୁଏ । ଶୁଦ୍ଧ ବିଚାରଦ୍ୱାରା ରଜବୀର୍ଯ୍ୟ ଶୁଦ୍ଧ ହୁଏ, ଅଶୁଦ୍ଧ ବିଚାର ଦ୍ୱାରା ଅଶୁଦ୍ଧ ହୁଏ । ନବାଗତ ଆତ୍ମାର କାରଣ-ଶରୀର ଶୁଦ୍ଧ ବିଚାରଯୁକ୍ତ ରଜବୀର୍ଯ୍ୟର ସଂସର୍ଗରେ ଆସି ନିଜର ପୁରାତନ ମନ୍ଦ ରୁଚି ଓ ପ୍ରବୃତ୍ତିକୁ ସଂଶୋଧନ କରେ । ଫଳରେ ଦେହଧାରଣ କରି ଜନ୍ମନେବା ପରେ ଉତ୍ତମ ରୁଚି ଓ ପ୍ରବୃତ୍ତିଯୁକ୍ତ ହୋଇ ତାହା ସତ୍‌ମାର୍ଗରେ ପରିଚାଳିତ ହୁଏ । ଏଠାରେ ପ୍ରଶ୍ନ ହୋଇପାରେ ଯେ, ବିଚାରଶକ୍ତି ରଜବୀର୍ଯ୍ୟ ଗୁଣକୁ ପ୍ରଭାବିତ କରେ କି ?

ରଜବୀର୍ଯ୍ୟ ନବାଗତ ଆତ୍ମାର କାରଣ ଶରୀରକୁ ପରିବର୍ତ୍ତନ କରିବା ଭଳି ଶକ୍ତିଶାଳୀ ଅଟେ କି ? ଆର୍ଯ୍ୟସଂସ୍କୃତି ଉପର୍ଯ୍ୟୁକ୍ତ ବିଚାର ସପକ୍ଷରେ ଦୃଢ଼ ମତପୋଷଣ କରିଥିଲା । ଉଲ୍ଲିଖିତ ପ୍ରଣାଳୀଦ୍ୱାରା ନବ ମାନବ ନିର୍ମାଣର ଯୋଜନା ପ୍ରସ୍ତୁତ କରିଥିଲା । ଯେପରି ଫଳ, ଶସ୍ୟାଦିର ଉତ୍ପାଦନବେଳେ ବୀଜର ଶକ୍ତିକୁ ସାରଦ୍ୱାରା ବଳଶାଳୀ କରାଯାଇପାରେ, ସେହିପରି ଆତ୍ମାର କାରଣ-ଶରୀରକୁ ଦେହ ଧାରଣ ପୂର୍ବରୁ ହିଁ ମାତାପିତାଙ୍କ ଶୁଭ ଅଶୁଭ ଓ ରଜବୀର୍ଯ୍ୟଦ୍ୱାରା ଶକ୍ତିମାନ ଓ ବେଗବାନ୍ କରାଯାଇପାରେ । ସନ୍ତାନ ମାତୃଗର୍ଭରେ ନଅ ମାସ ରହିବାବେଳେ ଅଙ୍ଗ ଅଙ୍ଗରୁ ରସ ଗ୍ରହଣ କରି ବୃଦ୍ଧି ପାଏ । ମାତାର ମସ୍ତିଷ୍କ ଏବଂ ହୃଦୟରୁ ବୁଦ୍ଧି ବିଚାର ଗ୍ରହଣ କରେ । ମାତୃଗର୍ଭରେ ପୂର୍ବଜନ୍ମର ସଂସ୍କାରକୁ ପରିବର୍ତ୍ତନ କରି ଉତ୍ତମ ସଂସ୍କାରଯୁକ୍ତ ହୁଏ ।

ସଂସ୍କାର ମାଧ୍ୟମରେ କର୍ମଫଳ ମିଳେ । ସମ୍ପାଦିତ କର୍ମ ଆତ୍ମାକୁ ପ୍ରଭାବିତ ବା ସଂସ୍କାରଯୁକ୍ତ କରେ । ଏଣୁ ସଂସ୍କାର ମାଧ୍ୟମରେ ଆତ୍ମାର ବିକାଶ କରିବା ଆବଶ୍ୟକ । ସଂସ୍କାର ପ୍ରଣାଳୀକୁ ବୁଝିଗଲେ କର୍ମଫଳ ବିଷୟକ ଆଶଙ୍କା ଦୂର ହେବ । ପ୍ରତ୍ୟେକ କର୍ମର ଫଳ ନ ଭୋଗିଲେ ଜୀବନଯାତ୍ରାରେ ଅଗ୍ରସର ହେବା ସମ୍ଭବ ନୁହେଁ-ମନରେ ଏହି ସନ୍ଦେହ ରହେ ନାହିଁ । ସୁସଂସ୍କାରରୂପୀ ତୈଳ ଦ୍ୱାରା ଆତ୍ମାର କୁସଂସ୍କାରରୂପୀ ମଳିନତାକୁ ଧୌତ କରାଯାଇପାରେ । ମାତାପିତାଙ୍କ ନିଜର ସଂସ୍କାର ସେମାନଙ୍କ ପୂର୍ବବର୍ତ୍ତୀ ଜନ୍ମକାଳରେ ସମ୍ପାଦିତ କର୍ମର ସ୍ୱରୂପ ଏବଂ ଉକ୍ତ କର୍ମମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ରୁଚି ଓ ପ୍ରବୃତ୍ତି ଅଟେ । ଉତ୍ତମ ସଂସ୍କାରଯୁକ୍ତ ପିତାମାତା ସନ୍ତାନମାନଙ୍କୁ ଉତ୍ତମ ରୂପରେ ପ୍ରଭାବିତ କରିପାରନ୍ତି । ଏଣୁ ପିତାମାତା ସର୍ବାଦୌ ସଂସ୍କାରଯୁକ୍ତ ହେବା ଆବଶ୍ୟକ ।

ଯେଉଁମାନେ ପୂର୍ବଜନ୍ମକୁ ସ୍ୱୀକାର କରନ୍ତି ନାହିଁ, କର୍ମ ସିଦ୍ଧାନ୍ତରେ ବିଶ୍ୱାସ ରଖନ୍ତି ନାହିଁ, କେବଳ ଇହଜନ୍ମକୁ ସବୁକିଛି ବୋଲି ଭାବନ୍ତି, ସେମାନଙ୍କ ପାଇଁ ସଂସ୍କାର ସମସ୍ୟା ଅତ୍ୟନ୍ତ ସରଳ ହୋଇଯାଏ । ସଂସାର କେବଳ ବଂଶ ପରମ୍ପରା ଓ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୁଏ । ଏହି ମତରେ ମାତାପିତାଙ୍କ ଗୁଣ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଘେନି ସନ୍ତାନମାନଙ୍କ ପ୍ରବୃତ୍ତି ଓ ସ୍ୱଭାବ ଜାତ ହୁଏ । ଏହି ମତାବଲମ୍ବୀମାନେ ଆତ୍ମାର ଦେହଧାରଣ ପ୍ରକ୍ରିୟା, ଆତ୍ମାର ସ୍ୱତନ୍ତ୍ରତା, ଜୀବନର ଅନନ୍ତ ସ୍ରୋତ ଆଡ଼କୁ ଦୃଷ୍ଟି ଦିଅନ୍ତି ନାହିଁ । ଏଣୁ ଏମାନଙ୍କୁ ଯଦି ପ୍ରଶ୍ନ କରାଯାଏ ଯେ, ଉପଯୁକ୍ତ ପିତାମାତା ଓ ପରିସ୍ଥିତି ସତ୍ତ୍ୱେ ସନ୍ତାନ କି ହେତୁ ଅଯୋଗ୍ୟ ହୋଇଛନ୍ତି, ତେବେ ଏମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରନ୍ତି ନାହିଁ । ଜନ୍ମଜନ୍ମାନ୍ତରର ଚିହ୍ନକୁ ବିସ୍ମରଣ କରି ଆତ୍ମାର ବିକାଶ ବିଷୟକ ଆଲୋଚନା କରିବା ସମ୍ଭବ ନୁହେଁ । କର୍ମସିଦ୍ଧାନ୍ତକୁ ପରିତ୍ୟାଗ କରି ଆତ୍ମାର ମାନବନିର୍ମାଣ ସମ୍ବନ୍ଧୀୟ ସିଦ୍ଧାନ୍ତରେ ଉପନୀତ ହେବା ଯଥାର୍ଥ ନୁହେଁ । କର୍ମସିଦ୍ଧାନ୍ତର ଭିତ୍ତି ଘେନି ଆର୍ଯ୍ୟ ବିଚାରକଗଣ ସଂସ୍କାର ବିଷୟକ ଯଥାର୍ଥ ବିଚାରଧାରା ଆବିଷ୍କାର କରିଥିଲେ । ସଂସ୍କାର ପ୍ରଣାଳୀର ମାଧ୍ୟମରେ ମାନବ ଓ ତାହାର ସମାଜକୁ ଉନ୍ନତ କରିବା ପାଇଁ ପ୍ରଯତ୍ନ କରିଥିଲେ । ବଳିଷ୍ଠ ସମାଜ ଗଠନ ପାଇଁ ବଳିଷ୍ଠ ମାନବ ଗଠନ ଆବଶ୍ୟକ । ସମାଜର ପ୍ରତ୍ୟେକ ମନୁଷ୍ୟକୁ ଯଥାଯୋଗ୍ୟ ନିର୍ମାଣ କରିବା ଉଚିତ । ଆଦର୍ଶ ମନୁଷ୍ୟ ନିର୍ମାଣ ପାଇଁ ଆଦର୍ଶ ନକ୍ସା ବା ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ସେହି ନକ୍ସାକୁ ସମ୍ମୁଖରେ ରଖି ତଦନୁକରଣରେ ମନୁଷ୍ୟ ନିର୍ମାଣ କରିବା ଉଚିତ । ଗୃହ ନିର୍ମାଣ ପୂର୍ବରୁ ଗୃହର ରୂପରେଖ ଓ ନକ୍ସା ପ୍ରସ୍ତୁତ ହୁଏ । ନକ୍ସାର ଅନୁକୂଳ ଭାବରେ ଇଟାପଥର ଇତ୍ୟାଦି ପଦାର୍ଥ ନିର୍ଦ୍ଧାରିତ ହୁଏ । ସେହିପରି ମାନବ ସମାଜର ନବନିର୍ମାଣ ପାଇଁ ନବମାନବର ଆଦର୍ଶକୁ ନିର୍ଣ୍ଣୟ କରିବାକୁ ହେବ । ଏହି ଆଦର୍ଶ ଅନୁଯାୟୀ ମାନବଜୀବନ ଗଠିତ ହେଲେ ନୂତନ ସମାଜ ପ୍ରତିଷ୍ଠିତ ହେବ । ଆର୍ଯ୍ୟସଂସ୍କୃତିରେ ଉକ୍ତ ଆଦର୍ଶ ଆବିଷ୍କୃତ ହୋଇଥିଲା ଏବଂ ତାହା ଅକ୍ଷରତଃ ପ୍ରତିପାଳିତ ହେଉଥିଲା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଭୋଟ ଦାନ : ଗଣତନ୍ତ୍ରର ମହାନ ଗଣପର୍ବ

ଡାକ୍ତର ସମ୍ରାଟ କର

ଆମେ ସମସ୍ତେ ଏକ ଏକ ମାନସିକତାକୁ ନେଇ ବଞ୍ଚୁଛେ । ସୁଖ, ଶାନ୍ତି, କର୍ମମୟ ଓ ଧାଁ ଧଉଡ଼ ଜୀବନ ଭିତରେ ସୁମାନସିକତା ହିଁ ଶ୍ରେଷ୍ଠ ଜୀବନର ରାସ୍ତା ଦେଖାଇଥାଏ । ଅନେକ ମାନସିକତା ଭିତରୁ ଭୋଟଦାନ ଅର୍ଥାତ୍ ନିଜ ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ନିଶ୍ଚିତ ସାବ୍ୟସ୍ତ କରିବା ଅନ୍ୟତମ । ଅନେକ କ୍ଷେତ୍ରରେ ଦେଖାଯାଏ ଭୋଟଦାନ ଦିନ ଛୁଟି ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଭୋଟ ଦେବାକୁ ପସନ୍ଦ କରିନଥାନ୍ତି । ଗଣତନ୍ତ୍ରର ଏପରି ମହାନ ପାର୍ବଣରେ ଆମେ ସାମିଲ ନହେବା କିପରି ? ଭାରତ ପରି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମେ ଅତ୍ୟନ୍ତ ଭାଗ୍ୟବାନ ଓ ଗୌରବାନ୍ୱିତ ଯେ ପ୍ରତି ପାଞ୍ଚବର୍ଷରେ ଥରେ ଲୋକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ଆମ୍ଭେମାନେ ଆମ ପ୍ରତିନିଧିଙ୍କୁ ନିର୍ବାଚିତ କରିଥାଉ ।

ନିଶ୍ଚିତ ନିଜର ଭୋଟଦାନ ଅଧିକାର ସାବ୍ୟସ୍ତ କରିବା ସହ ଗଣତନ୍ତ୍ରର ଏହି ବିଶାଳ ପର୍ବରେ ଅନ୍ୟମାନଙ୍କୁ ସାମିଲ କରିବା ବଜ୍ର ସଂକଳ୍ପ, ଆବେଗ ଓ ଭଲପାଇବା ଗଣତନ୍ତ୍ରକୁ ମଜଭୁତ କରିଥାଏ । ଭୋଟଦାନ ମାନସିକତାକୁ ଏକ ଆବେଗରେ ରଖି ଏହାକୁ ନିଶ୍ଚିତ ସଫଳ କରାଇବା ପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପାପର ଭୂମିକାରୁ ଆଦୌ ପଛଘୁଞ୍ଚା ଦେବାନାହିଁ । ଚଳିତ ନିର୍ବାଚନରେ ଆମ 'ଭୋଟଦାନ-ଏକ ଗଣତାନ୍ତ୍ରିକ ସୁସ୍ଥ ଆବେଦନର ମାନସିକତା' ସଫଳ କରିବା ପାଇଁ ସମସ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ।

ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି । ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ । ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ୨୦୨୪ ସାଧାରଣ ନିର୍ବାଚନ ଓ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କହିବାକୁ ଗଲେ ୧୯୫୧ରେ ଦେଶର ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ପାଖାପାଖି ୭୩ ବର୍ଷ ପରେ ଚଳିତ ବର୍ଷର ଅଷ୍ଟାଦଶ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଗଣତନ୍ତ୍ରର ମହାପାର୍ବଣ ନିର୍ବାଚନ ଆସିଯାଇଛି । ସବୁ ଉତ୍କଣ୍ଠାର ଅନ୍ତ ଘଟି ଭୋଟ ବିଗୁଲ ବାଜିସାରିଲାଣି । ପାଞ୍ଚବର୍ଷରେ ଥରୁଟିଏ ଆସିଥିବା ଏ ଭୋଟ ମହାପର୍ବରେ ସାରା ଓଡ଼ିଶା ଓ ସାରା ଦେଶ ସାମିଲ ହେବ । ନିଜ ପସନ୍ଦର ନେତା ପ୍ରତିନିଧିଙ୍କୁ ଓଡ଼ିଶାବାସୀ ବାଛିବେ । ଚଳିତ ମେ, ଜୁନ୍‌ରେ ୪ ପର୍ଯ୍ୟାୟରେ ଏହି ଭୋଟଦାନର ବ୍ୟବସ୍ଥା ରହିଛି ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଓଡ଼ିଶାରେ ୨୧ଟି ଲୋକସଭା ଆସନ ପାଇଁ ଏବଂ ବିଧାନସଭା ପାଇଁ ନିର୍ବାଚନ ହେଉଛି । ଭୋଟ-୨୦୨୪ ନେଇ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ସହ ଭୋଟରଙ୍କ ଭିତରେ ବେଶ୍ ଜୋସ୍ ଆଉ ଉତ୍ସାହ ପ୍ରକାଶ ପାଇଛି । ଏ ଯାଏଁ ଭୋଟର ତାଲିକାରେ ଆସନ୍ତା ନିର୍ବାଚନ ପାଇଁ ୩ କୋଟି ୩୫ ଲକ୍ଷ ଭୋଟର ତାଲିକାଭୁକ୍ତ ହୋଇଛନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ସର୍ବକାଳୀନ ରେକର୍ଡ ଭାବେ ୮ ଲକ୍ଷ ଯୁବ ଭୋଟର ଯୋଡ଼ି ହୋଇଛନ୍ତି । ମହିଳା ଭୋଟରଙ୍କ ସଂଖ୍ୟା ମଧ୍ୟ ବେଶ୍ ଉତ୍ସାହଜନକ ଭାବେ ବଢ଼ିଛି । ଉତ୍ସୁକତାର ସହ ଭୋଟରମାନେ ଗଣତନ୍ତ୍ରର ଏହି ମହାପର୍ବକୁ ଅପେକ୍ଷା କରିଛନ୍ତି । ରାଜ୍ୟରେ ଅବାଧ, ନିରପେକ୍ଷ ଓ ମୁକ୍ତ ମତଦାନ ପାଇଁ ଭୋଟର ତାରିଖ ଘୋଷଣା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି ।

ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି । ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ । ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ଐତିହାସିକ ତଥ୍ୟ ଅନୁଯାୟୀ ଗ୍ରୀସ୍ ହେଉଛି ଗଣତନ୍ତ୍ରର ଜନନୀ ଓ ୫୦୮ ଶତାବ୍ଦୀରେ ଗଣତାନ୍ତ୍ରିକ ଆଧାର ବ୍ୟବସ୍ଥାରେ ଶାସନ ବ୍ୟବସ୍ଥା ପରିଚାଳନା ହୋଇଥିଲା ।

ସମ୍ପ୍ରତି ନିର୍ବାଚନ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପ୍ରଥମ ଦୁଇ ଭୋଟଦାନ ପର୍ଯ୍ୟାୟରେ ମତଦାନ ହାର ଗତ ଲୋକସଭା ନିର୍ବାଚନଠାରୁ କମିଛି । ପର୍ଯ୍ୟବେକ୍ଷକଙ୍କ ମତ ଯେ ଶିକ୍ଷିତ ଓ ସମ୍ପନ୍ନ ବର୍ଗଙ୍କ ଉଦାସୀନତା, ଅସହ୍ୟ ଗ୍ରୀଷ୍ମ ତାତି, ଦଳୀୟ ସଂକଳ୍ପ ପତ୍ରରେ ସ୍ଥାନୀୟ ସମସ୍ୟାକୁ ଉପେକ୍ଷା ଏବଂ ପ୍ରାର୍ଥୀ ମନୋନୟନ ଅଭିଜ୍ଞତା ଓ ଦକ୍ଷତା ଆଦିର ଅଭାବ ଆଦି ମତଦାତାଙ୍କ ଅନୁପସ୍ଥିତିର କାରଣ । ଯଦି ଶତପ୍ରତିଶତ ମତଦାନ ବାଧ୍ୟତାମୂଳକ ହୋଇଥାନ୍ତା ଏହି ଅନୁପସ୍ଥିତ ଭୋଟରମାନେ ନିଶ୍ଚୟ 'ନୋଟା'ରେ ଭୋଟ ଦେଇଥାନ୍ତେ । ଏ ପର୍ଯ୍ୟନ୍ତ 'ନୋଟା' ଭୋଟର ପରିମାଣ ଦେଢ଼ରୁ ଦୁଇ ପ୍ରତିଶତ ଭିତରେ ରହିଛି । ବାଧ୍ୟତାମୂଳକ ଭୋଟ ହେଲେ ଏହା କେତେ ପ୍ରତିଶତ ହେବ ତାହା ସହଜରେ ଅନୁମେୟ ।

ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଭୋଟହାର ବୃଦ୍ଧି ନପାଇବା ବାସ୍ତବିକ ଏବେ ଏକ ସାମାଜିକ ଆହ୍ୱାନ ଭାବେ ପରିଗଣିତ ହେଲାଣି । ୨୦୧୪ ଓ ୨୦୧୯ରେ ଏକା ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ହୋଇଥିବାରୁ ଓଡ଼ିଶାରେ ମତଦାନ ହାର ପ୍ରାୟ ୭୩ ପ୍ରତିଶତରେ ସୀମିତ ଥିଲା । ୨୦୧୯ରେ ପ୍ରାୟ ୫୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ରାଜ୍ୟ ହାର ଠାରୁ କମ୍ ରହିଥିବାବେଳେ ପ୍ରାୟ ୨୩ ବିଧାନସଭା କ୍ଷେତ୍ରରେ ଜାତୀୟ ହାର ଠାରୁ କମ୍ ରହିଥିଲା । ସେହିପରି ୮ଟି ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ହାର ଠାରୁ ମଧ୍ୟ କମ ରହିଥିଲା । ଏପରିକି ରାଜଧାନୀ ଭୁବନେଶ୍ୱରରେ ମତଦାନ ହାର ୫୦ ପ୍ରତିଶତରୁ କମ୍ ଥିଲା । ଖୋଦ ରାଜଧାନୀରେ ମତଦାନ ହାର ଅଧାରୁ କମ୍ ରହୁଥିବାବେଳେ ରାଜ୍ୟରେ ଅନ୍ୟ ସହର କିମ୍ବା ଜିଲ୍ଲାରେ ମତଦାନ ହାରରେ ଅଭିବୃଦ୍ଧି ଆଣିବା କିଛି କମ୍ କଷ୍ଟସାଧ୍ୟ ନୁହେଁ । ଜନ ସଚେତନତା ଓ ଦାୟିତ୍ୱବୋଧତା ହିଁ ଗଣତନ୍ତ୍ରର ମହାନ ପର୍ବକୁ ସାଫଲ୍ୟ ମଣ୍ଡିତ କରିପାରିବ । ସେଥିପାଇଁ ପ୍ରତିବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ରାଜ୍ୟରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନାବଦ୍ଧ ଭାବେ ସଚେତନତା ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଓ ନିର୍ବାଚନରେ ଅଂଶ ଗ୍ରହଣ (ଏସ୍‌ଭିଇଏପି) ନୋଡାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଭୋଟମାନଙ୍କ ସୁବିଧା ସୁନିଶ୍ଚିତ କରାଯାଇଛି । ତେଣୁ ଏଥର ମତଦାନ ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ରାଜ୍ୟରେ ଏଥର ୩ କୋଟିରୁ ଊର୍ଦ୍ଧ୍ୱ ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ । ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ୧୮-୧୯ ବର୍ଷ ମଧ୍ୟରେ ଭୋଟରଙ୍କ ସଂଖ୍ୟା ପୂର୍ବାପେକ୍ଷା ଦୁଇ ଲକ୍ଷ ବୃଦ୍ଧି ପାଇ ୭.୫୫ ଲକ୍ଷରେ ପହଞ୍ଚିଛି । ପ୍ରଥମ ଥର ମତଦାନ ପାଇଁ ୪.୭ ଲକ୍ଷ (୧୮-୧୯ ବର୍ଷ) ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି। ନୂଆ ଭୋଟର ମଧ୍ୟ ମତଦାନ ହାର ବୃଦ୍ଧିରେ ବଡ଼ ଭୂମିକା ନେବେ ବୋଲି ଆଶା କରାଯାଉଛି । ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ନୂଆ ମତଦାନ ହାର ଦେଖିବା ସମ୍ଭାବନା ଉଜ୍ଜ୍ୱଳ ବୋଲି କୁହାଯାଉଛି । ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନା ପରିଚାଳନା ହେଉଥିବାବେଳେ ପ୍ରତ୍ୟେକ ନାଗରିକ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଆଗେଇ ଆସିବା ଉଚିତ । ଭାରତର ଏହି ମହାନ ଗଣପର୍ବରେ ଆସନ୍ତୁ ଆମେ ସମସ୍ତେ ସାମିଲ ହୋଇ ଆମ ମୂଲ୍ୟବାନ ଭୋଟଟି ପ୍ରଦାନ କରିବା ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ମୋ- ୯୧୩୨୪୩୩୩୩୩

# ତ୍ୟାଗ ଓ ସ୍ନେହର ପ୍ରତୀକ ମାଆ

ଚିତ୍ତରଞ୍ଜନ ପୃଷ୍ଟି

ସଂସାରକୁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ବରଦାନ ହେଉଛି ମାଆ । ମାଆ ହେଉଛି ଈଶ୍ୱରଙ୍କର ଏକ ଅନନ୍ୟ ସୃଷ୍ଟି । ଶକ୍ତିର ଅନନ୍ୟ ଉଦାହରଣ ହେଉଛି ମାଆ । ନାରୀଟିଏ କେତେବେଳେ କନ୍ୟା, ଜାୟା,ଭଗିନୀ ରୂପରେ ପୁଣି କେତେବେଳେ ମାଆ ରୂପରେ ଏ ସମାଜରେ ଅବତୀର୍ଣ୍ଣ ହୋଇଥାଏ । ମାଆ ଏକ ଶବ୍ଦ ନୁହେଁ, ଏହା ଏକ ଶିହରଣ । ରକ୍ତର ପ୍ରତି ବିନ୍ଦୁର ଗୋଟିଏ ଗୋଟିଏ ପୁଲକ । ଏହା ଏମିତି ଏକ ସମ୍ପର୍କ ଯାହା ସବୁ ସମ୍ପର୍କର ଊର୍ଦ୍ଧ୍ୱରେ ।

ଦୁନିଆର ସବୁଠାରୁ ସୁନ୍ଦର ଓ ମଧୁର ଶବ୍ଦ ହେଉଛି ମାଆ । ତ୍ୟାଗ ଓ ତପସ୍ୟାର ପ୍ରତୀକ ମାଆ । ଏହା କେବଳ ଏକ ଡାକ ନୁହେଁ ଏଥିରେ ସୀମିତ ସାରା ବିଶ୍ୱର ଆନନ୍ଦ । ନିଜେ ଜଳି ସନ୍ତାନଙ୍କୁ ଆଲୋକ ଦେଖାଏ ମାଆ । ମାଆ ଶବ୍ଦଟି ଛୋଟ ହୋଇପାରେ କିନ୍ତୁ ଅର୍ଥ ବ୍ୟାପକ । ଦଶ ମାସ ଦଶ ଦିନ ନିଜ ଗର୍ଭର ଛାୟାରେ ଆଉ ଏକ ଜୀବନକୁ ପାଳି ଏକ ନୂତନ ସମ୍ଭାବନାକୁ ଯେ ସଂସାରକୁ ଆଣେ ସେ ହେଉଛି ମାଆ । ସନ୍ତାନର ଅଳିଅଝଟକୁ ପୂରଣ କରି କୋଳେଇ କାଖେଇ ବଡ କରୁଥିବା ମଣିଷଟି ହେଉଛି ମାଆ । ନିଜ ଇଚ୍ଛା ନିଜ ଦୁଃଖ ଏପରିକି ନିଜ ମନର ଭାବନାକୁ ଯିଏ ତୁଚ୍ଛ ମଣି କେବଳ ସନ୍ତାନ ପାଇଁ ତତ୍ପର ରୁହେ ସେ ହେଲା ମାଆ । ମାଆ ହେଉଛି ଆବେଗ ଓ ଭଲପାଇବାର ଏକ ସୀମାହୀନ ସାଗର, ଯେଉଁଥିରେ ଭରି ରହିଥାଏ ଖାଲି ତ୍ୟାଗ ଆଉ ସମର୍ପଣ । ଯିଏ ଜହ୍ନ ଠାରୁ ଶୀତଳ ଆଉ ଫୁଲ ଠାରୁ କୋମଳ ସେ ହେଉଛି ମାଆ । ଶାସ୍ତ୍ରରେ ମଧ୍ୟ କୁହାଯାଇଛି 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ଅର୍ଥାତ୍ ମାଆ ଏବଂ ମାତୃଭୂମି ସ୍ୱର୍ଗଠାରୁ ବଡ । ଏ ଧରାପୃଷ୍ଠରେ ଜୀବନକୁ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେବଳ ଜନ୍ମ ନୁହେଁ, ବାତ୍ସଲ୍ୟ ମମତା , ତ୍ୟାଗ , ବଳିଦାନ ଢାଳିଦେଇଥାଏ ମାଆ ।

ମାଆ କଥା ଯେମିତି ମଧୁର ,ମାଆ ହାତରନ୍ଧା ବି ସେତିକି ସୁଆଦିଆ । ମାଆର ପଣତ ପିଲାପାଇଁ ସବୁଠୁ ଅଧିକ ନର୍ଭୟ ଆଶ୍ରୟସ୍ଥଳ । ସେ ଯାହା କହେ ପିଲା ପାଇଁ ତାହା ଆଶୀର୍ବାଦ ପାଲଟିଯାଏ । ତା'ର ପ୍ରତିଟି ଇଚ୍ଛାରେ ଥାଏ ତା' ସନ୍ତାନ ପ୍ରତି ସ୍ନେହ, ପ୍ରୀତି, ମମତାର ରାଶିରାଶି ସଞ୍ଜୀବନୀ । ସନ୍ତାନ ପାଇଁ ସେ ସଫଳତାର ଏକ ଚିରସ୍ରୋତା ନଦୀ । ସେ ନିଜେ ନ ଖାଇ ଛୁଆର ପେଟକୁ ଆଗ ଦେଖେ । ନିଜ ଛୁଆର ଓଠରେ ଟିକେ ହସ ଦେଖିବାକୁ ଜୀବନର ସବୁ ଦୁଃଖ କଷଣକୁ ମଥା ପାତି ସହିଯାଏ । ଭୋକ ଲାଗିବା ଆଗରୁ ପେଟ ଚିହ୍ନି ଖାଇବା ବାଢ଼ିଦିଏ । ଦେହ ପା' ଖରାପ ହେଲେ ସାରା ରାତି ଚେଇଁ ରହେ ସେ ହେଉଛି ମାଆ । ସ୍ୱର୍ଗଠାରୁ ବଡ଼, ପୁଣି ଈଶ୍ୱରଙ୍କଠୁ ମହାନ । ସେ ପ୍ରେରଣାଦାୟୀ, ସେ ମମତାମୟୀ । ମାଆ ପାଇଁ ଦିନଟିଏ ( ପ୍ରତ୍ୟେକ ବର୍ଷର ମେ ମାସ ଦ୍ୱିତୀୟ ରବିବାର) ଉତ୍ସର୍ଗ । ପ୍ରତ୍ୟେକ ଦିନ ଯିଏ ପରିବାର କଥା ଭାବେ ଦୁଃଖ ଜଞ୍ଜାଳ ଭିତରେ ତା ସନ୍ତାନ ମୁଖରେ ହସ ଫୁଟାଏ ଏବଂ ପଣତ କାନିରେ ସନ୍ତାନକୁ ଘୋଡାଇ ରଖେ ସେ ହିଁ ମାଆ । ମାଆ ଗୋଟିଏ ଶବ୍ଦ ହେଲେ ସୀମାହୀନ ଭାବେ ପରିବ୍ୟାପ୍ତ ।

ମାଆ ଶବ୍ଦରେ ଅଛି ମଧୁରତା, ଅମୃତର ସ୍ୱାଦ । ମମତା ନଈରେ ସେ ନାଆଟିଏ । ଆକାଶଠୁ ବିଶାଳ ଯାହାର ହୃଦୟ, ବୁକୁରେ ଯାହାର ସ୍ନେହର ଢେଉ ସେ ହେଉଛି ମାଆ । ମାଆ ଯାହାର ବିକଳ୍ପ ନାହିଁ । ଯାହା ବିନା ଜନ୍ମ ନାହିଁ । ଯାହା ବିନା ଅସ୍ତିତ୍ୱ ନାହିଁ, ସେ ହେଉଛି ମାଆ । ତା ଠୁ ସଂସାର ଆରମ୍ଭ ହୁଏ, ତାହାଠି ହିଁ ଶେଷ ହୁଏ । ଯେଉଁ ଡାକରେ ଜୀବନ ଆରମ୍ଭ ହୁଏ, ବ୍ରହ୍ମାଣ୍ଡ ବିଲୀନ ହୁଏ ସେ ନାଁ ହେଉଛି ମାଆ । ସେ ଅବର୍ଣ୍ଣନୀୟ । ବିଶ୍ୱର ସର୍ବଶ୍ରେଷ୍ଠ ଯୋଦ୍ଧା ହେଉଛି ମାଆ । ନିଜ ସନ୍ତାନ ପାଇଁ ସେ ଯେ କୌଣସି ବିପଦକୁ ସାମ୍ନା କରିପାରେ । ସଂସାର ଓ ସଂସ୍କୃତିକୁ ହାତରେ ଧରି ଆଗକୁ ଚାଲେ ମାଆ ।

ମାଆର ଭଲ ପାଇବାରେ କୌଣସି ସର୍ତ୍ତ ନ ଥାଏ । ସେ ସ୍ନେହମୟୀ, କରୁଣାମୟୀ ଓ ଦୟାମୟୀ । ମାଆର ସ୍ନେହ, ପ୍ରେମ ଓ ତ୍ୟାଗର ତୁଳନା ନାହିଁ । ପିଲାଟି ଜନ୍ମ ହେବା ଦିନଠାରୁ, ମାଆ ତା'ର ସୁରକ୍ଷା କବଚ ହୋଇ ରହିଥାଏ । ଦୁନିଆର ଯେକୌଣସି ପ୍ରାନ୍ତ ହେଉ, ଯେକୌଣସି ଦେଶ ହେଉ, ପ୍ରତ୍ୟେକ ସନ୍ତାନର ମନରେ ସବୁଠୁ ଅମୂଲ୍ୟ ସ୍ନେହ ମାଆ ପାଇଁ ଲୁଚି ରହିଥାଏ । ମାଆ କେବଳ ଆମ ଶରୀରକୁ ରୂପ ଦିଏ ନାହିଁ, ବରଂ ଆମ ମନ, ଆମ ବ୍ୟକ୍ତିତ୍ୱ, ଆମ ଆତ୍ମବିଶ୍ୱାସର ମଧ୍ୟ ନିର୍ମାଣ କରିଥାଏ । ଆଉ ନିଜ ସନ୍ତାନ ପାଇଁ ଏତିକି କରିବା ଲାଗି ସେ ନିଜକୁ ସମର୍ପି ଦେଇଥାଏ, ନିଜକୁ ଭୁଲି ଯାଇଥାଏ । ମାଆ ଯେଉଁ ରୂପରେ ହେଉନା କାହିଁକି ସେ ସର୍ବଦା ପୂଜ୍ୟା । ଯେପରିକି ଅସହ୍ୟ ଖରାକୁ ସହି ସେ ନିଜ ଛୁଆ ପାଟିରେ ଗଣ୍ଡିଏ ଦାନା ଦେବା ପାଇଁ ଗୋଟିଏ ଶ୍ରମିକ ଭଳି କାମରେ ଲାଗିଯାଏ, ନିଜ ପେଟର ଦାନାକୁ ମାରି ନିଜ ଛୁଆଙ୍କ ପେଟ ଭରିଥାଏ । ରାତି ରାତି ଅନିଦ୍ରା ହୋଇ ରୋଗୀଣା ଛୁଆର ଶେଯ ପାଖରେ ଗୋଟିଏ ସେବିକା ଭଳି ବସି ରୁହେ । କିନ୍ତୁ ତା ପାଟିରୁ ଟିକେ ହେଲେ ଯନ୍ତ୍ରଣାର ଚିତ୍କାର କେହି ଶୁଣି ପାରନ୍ତି ନାହିଁ । ନିଜ ପିଲାଙ୍କ ପ୍ରତି ଯାହାବି ବିପଦ ଆସିଥାଏ ସାମ୍ନାରେ ଛାତି ଦେଖେଇ ଗୋଟିଏ ବୀର ନାରୀ ଭଳି ଠିଆ ହୋଇଯାଏ । ସତରେ ଏହି ମାଆର ମହତ୍ତ୍ୱ ଖୁବ୍ ଊର୍ଦ୍ଧ୍ୱରେ । ମାଆର ତୁଳନା ନାହିଁ ।

ମାଆ ପ୍ରତି ଭଲପାଇବା ଓ ତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳନ ହେଉଛି ସ୍ୱତନ୍ତ୍ର ଦିନ । ଆସନ୍ତା କାଲି ହେଉଛି ବିଶ୍ୱ ମାତୃ ଦିବସ । ପ୍ରତିବର୍ଷ ମେ ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଉଛି । ମାଆକୁ ସମ୍ମାନ ଦେବା ଲାଗି ପ୍ରଥମେ ଆମେରିକାରେ ମାତୃ ଦିବସର ଆରମ୍ଭ ହୋଇଥିଲା ।

ମାଆର ତ୍ୟାଗ ଓ ମମତାକୁ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ମାସର ଦ୍ୱିତୀୟ ରବିବାରକୁ 'ମାତୃଦିବସ' ଭାବେ ପାଳନ କରାଯାଏ । ଜନ୍ମଦାତ୍ରୀର ଋଣ ପରିଶୋଧ କରିବା ପ୍ରତି ସନ୍ତାନ ପାଇଁ କଷ୍ଟକର । ସାରା ଜୀବନ ଅସୀମ ତ୍ୟାଗ, ଅସରନ୍ତି ସ୍ନେହ ସହ ନିଃସ୍ୱାର୍ଥପର ସେବା ଦେଇଆସୁଥିବା ମାଆ ପ୍ରତି ରହିଛି ପ୍ରତି ସନ୍ତାନର କିଛି କର୍ତ୍ତବ୍ୟ । ସେଥିପାଇଁ ପ୍ରତି ମାଆଙ୍କୁ ଉତ୍ସର୍ଗୀକୃତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳନ ହେଉଛି ମାତୃ ଦିବସ । ଆଜିର ଦିନରେ ମାଆର ପ୍ରେମ, ବଳିଦାନ ଏବଂ ସମର୍ପଣକୁ ସ୍ୱୀକାର କରିବାର ଦିନଟିଏ । ମାଆର ନିସ୍ୱାର୍ଥପର ଭଲ ପାଇବାକୁ ମାଆକୁ ସମ୍ମାନ ଦେବା ପାଇଁ ଦିନଟିଏ । ମାତୃ ଦିବସ ଅବସରରେ ସଂସାରର ସବୁ ମାଆମାନଙ୍କୁ କୋଟି କୋଟି ପ୍ରଣାମ । ସାରା ଜୀବନ ସଂସାର,ସନ୍ତାନସନ୍ତତିଙ୍କ ସେବାରେ କଟାଇ କେବେ ଥକିପଡୁନଥିବା ସେ ଦେବୀଙ୍କ ପାଇଁ ଆଜିର ଏ ଦିନଟିଏ । ପୂରା ପରିବାରର ସେବାରେ ଯାହାର ଜୀବନ ସମର୍ପିତ ବିଶ୍ୱ ମାତୃ ଦିବସ ଅବସରରେ ସାରା ବିଶ୍ୱ ସେହି ମାଆଙ୍କ ନିକଟରେ ସମର୍ପିତ । କୁହାଯାଏ ଦୁନିଆରେ ସଭିଙ୍କ ଋଣ ସୁଝି ହେବ । କିନ୍ତୁ ମାଆର ଋଣ ମରିବା ଯାଏ କେବେ କେହି ଶୁଝି ପାରିବେ ନାହିଁ । ମାଆର ଭଲ ପାଇବା, ତ୍ୟାଗ ଓ ତପସ୍ୟା ଆଗରେ ସବୁ ନଗଣ୍ୟ ।

ଆଧୁନିକତାର ଦୌଡ଼ରେ ଆଜିର ସମାଜ ବଦଳିଛି । ବଦଳିଛି ପରିବେଶ ପରିସ୍ଥିତି । ମାଆଟିଏ ଆଜି ତା'ର ସନ୍ତାନ ପାଇଁ ବୋଝ ପାଲଟିଛି । ବଦଳିଯାଇଛି ତା'ର ଠିକଣା । ଘର ବଦଳରେ ବୃଦ୍ଧାଶ୍ରମ କିମ୍ବା ରାସ୍ତା କଡର ଗଛମୂଳ ପାଲଟିଛି ନୂଆ ଠିକଣା । ଯେଉଁ ମାଆ ଦିନେ ନିଜ ସନ୍ତାନର ଟିକିଏ କଷ୍ଟକୁ ସହିପାରୁନଥିଲା ସେହି ମାଆ ଆଜି ସଂସାରର ସବୁ କଷ୍ଟକୁ ସହୁଛି । ଏଇ ଦୁନିଆରେ କିଛି ସନ୍ତାନ ବୁଝିପାରନ୍ତିନି ମାଆର ମୂଲକୁ । ମିଛମାୟା ସଂସାର ବନ୍ଧନରେ ମଣିଷ ବେଳେବେଳେ ଏମିତି ଛନ୍ଦି ହୋଇଯାଏ ଯେ ସେ ଆପେ ଆପେ ଭୁଲିଯାଏ ପିତାମାତାଙ୍କ ପ୍ରତି ଥିବା ତା'ର କର୍ତ୍ତବ୍ୟକୁ । ଭୁଲିଯାଏ ନିଜ ଜନ୍ମଦାତ୍ରୀ ମାଆକୁ ଦୂରେଇ ଦିଏ ନିଜଠୁ । ବାର୍ଦ୍ଧକ୍ୟ ଅବସ୍ଥାରେ ବାପା ଓ ମାଆମାନେ ପୁଅ ବୋହୂ ଓ ଝିଅ ପାଖରୁ ଅନେକ କିଛି ଆଶା ରଖିଥାନ୍ତି । ବୟସର ଅପରାହ୍ନରେ ତାଙ୍କ ପାଖରୁ ଟିକେ ସେବା ଯତ୍ନ ନେବାକୁ ଚାହିଁ ବସିଥାନ୍ତି । ତା' ଆଶା ଆଜି ଆଶାରେ ରହିଯାଇଛି । ତା' ଆଖିର ଲୁହ ଆଜି ଶୁଖୁନାହିଁ । କେବେ ଶୁଖିବ ମାଆ ଆଖିର ଅକୁହା ଲୁହ? ଶାସ୍ତ୍ର ସ୍ୱୀକାର କରିଛି- ପୁତ୍ର ପଛେ କୁପୁତ୍ର ହୋଇପାରେ, ମାତା କୁମାତା ହେବା ଅସମ୍ଭବ । ମାଆକୁ ପ୍ରତିଦାନ ଦେବା ବଦଳରେ ଆମେ ପ୍ରତିଶୋଧ ନେଉଛେ ।


ମାଆ ପାଇଁ ଦିନଟିଏ ନୁହେଁ, ମାଆ ପାଇଁ ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଉତ୍ସର୍ଗ । ମାତୃଦିବସ ଦୁନିଆର ସବୁ ମାଆଙ୍କ ପାଇଁ ଶ୍ରଦ୍ଧା ଓ ସମ୍ମାନର ଦିନଟିଏ । ଆମକୁ ଆଲୋକ ଦେଖାଇ ବଞ୍ଚିବାର ରାହା ଦେଇଥିବା ମାଆଙ୍କୁ ବିଶ୍ୱ ମାତୃ ଦିବସ ପରିପେକ୍ଷୀରେ ଶତ ଶତ ପ୍ରଣାମ । ଯେଉଁଦିନ ପ୍ରତ୍ୟେକ ସନ୍ତାନ ତା'ର ଦେବୀରୂପି ମାଆକୁ ନିଜ ହୃଦୟରେ ସ୍ଥାନ ଦେବ ଏବଂ ମା' ପାଇଁ ନିଜର କର୍ତ୍ତବ୍ୟକୁ ବୁଝିପାରିବ, ସେହିଦିନ ମାତୃ ଦିବସ ପାଳିବାର ମହତ୍ୱକୁ ସାରାବିଶ୍ୱ ଉପଲବ୍ଧି କରିପାରିବ ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

## ଅମୃତବାଣୀ

# ଗୁରୁକୃପା ଆଉ ସାଧନା...

ଗୁରୁ ପ୍ରତ୍ୟକ୍ଷ ଅଟନ୍ତି,ସେଥିପାଇଁସାଧକ ତାଙ୍କୁ ମନୁଷ୍ୟ ମାନିକରି ତାଙ୍କର ବଚନରକୁ ମାନିକରି ଆଉ ତାଙ୍କର କୃପାକୁ ସୌଭାଗ୍ୟ ମନେକରି ପ୍ରାୟଃ ଅବଜ୍ଞା ମଧ୍ୟ କରିଦିଅନ୍ତି । ଆଉ ସବୁଠୁ କଠିନ ସାଧନା ଏବଂ ସରଳ ସାଧନା ଏହା ହେଲାକି ଯିଏ ପ୍ରତ୍ୟକ୍ଷ ଉପଲବ୍ଧ କରଚିଅଛି, ସେଥିରେ ଅପ୍ରତ୍ୟକ୍ଷ, ନୁର୍ଗୁଣର ତତ୍ତ୍ୱ ଶିରୋଧାର୍ଯ୍ୟ କରାଯାଉ । ସେଥିରୁ ଜ୍ଞାନ ଆଉ ଭକ୍ତିର ଏକ ରୂପ ଅନାୟସ ସିଦ୍ଧ ହୋଇଯାଏ । ଗୁରୁଙ୍କ ସ୍ମରଣ କରି କି ଏକାଗ୍ର ହୋଇହେବ । ବାଣୀର ସାଧନା ଗୁରୁଙ୍କ ସ୍ତୁତି କରିକି କରିବା ଦରକାର । ଗୁରୁଙ୍କୁ ପ୍ରଣାମ କରିକି ବିନମ୍ରତାର ଅଭ୍ୟାସ ଜରୁରୀ । ତାଙ୍କର ଗୁଣକୁ ଗୀତ ବନେଇ କରି ତାକୁ ଗାଇଲେ ବ୍ରହ୍ମାରୂପ ନିର୍ଗୁଣ ଆଉ ଭଗବାନ ରୂପ ସଗୁଣର ସାଧନାରେ ଦିବ୍ୟତା ଆସିଥାଏ । ଜିଲାପିର ମିଠା ଆଉ ଚିନି ଅଲଗା-ଅଲଗା ହୋଇ ନଥାଏ । ମିଠାଚିନିରୁ ହିଁ ହୋଇଥାଏ । ସେହିପରି ଗୁରୁଙ୍କର ନିର୍ଗୁଣ ଏବଂ ସଗୁଣ ଦୁଇଟା ପରିବ୍ୟାପ୍ତ ହୋଇଥାଏ । ଆମେ ନିଜର ମାନ୍ୟତା ଆଉ ଆବଶ୍ୟକତାରେ ବଶୀଭୂତ ହେବା କାରଣରୁ ଗୁରୁଙ୍କର ସଗୁଣ ସ୍ୱରୂପରେ ଭେଦ ରହିତ ବ୍ୟାବହାରିକ ରୂପରେ ଦେଖା ଯାଉଥିବାବାଲା ଭିନ୍ନତାର ଭେଦ ଭାବ ମାନିକରି, ଗୁରୁଙ୍କଠାରେହିଁ ବିଭକ୍ତ ହୋଇଯାଉ । ପରିଣାମସ୍ୱରୂପ ନା ତ ଆମେ ସଗୁଣ ଉପାସନା କରିପାରନ୍ତି ନା ହିଁ ନିର୍ଗୁଣରେ ଉପାସନା କରିପାରନ୍ତି । ସାଧକର ଅନ୍ତକରଣରେ କୌଣସି ବସ୍ତୁକୁ କଠିନତା ଆଉ ପୁରୁଷାର୍ଥରେ ପ୍ରାପ୍ତ କରିବା ପରେ ଏହାର ଅହଂକାରହିଁ ପୁଷ୍ଟ ହୋଇଥାଏ କି ମୁଁ କେତେ ପରିଶ୍ରମ ଆଉ ନିଜର ବଳ ଉପରେ ଏହି ଉପଲବ୍ଧି ପ୍ରାପ୍ତ କରିଛି । ଏହି କାରଣରୁ ସେହି ସହଜତା ଆଉ ସରଳତାରୁ ଉପଲବ୍ଧିର ତାର୍ତ୍ତିକ ମାନିପାରେ ନାହିଁ । ସାଧକ ଏ ପରିସ୍ଥିତିରେ ପ୍ରଲୋଭନରେ ପଡିକରି ସାଂସାରିକ ବସ୍ତୁଙ୍କୁ ଜୀବନର ଚରମ ଲକ୍ଷ୍ୟ ମାନିକରି ହଜିଯାଏ । ଆଉ ସାଧନା ସେହି ଈଶ୍ୱରଙ୍କ ପାଇଁହିଁ କରାଯାଏ କି ଯାହା ଆମକୁ ପ୍ରାପ୍ତ ତ ହୋଇଥାଏ, କିନ୍ତୁ ଦେଖାଯାଏ ନାହିଁ । ତାକୁ ଦେଖିବାର ପ୍ରୟାସ ହିଁ ସାଧନା ଆଉ ସାଧନାର ଫଳ । ଭକ୍ତର ଫଳ ଭକ୍ତିରେ ଥାଏ, ଜ୍ଞାନର ଫଳ ଜ୍ଞାନରେ । ଆଉ ଦୁହିଁଙ୍କୁ ପ୍ରାପ୍ତ କରିବା ପାଇଁ କରାଯାଉଥିବା ପ୍ରୟାସର ନାମ କର୍ମ କିମ୍ବା ସାଧନା ଅଟେ । ଏହା ପ୍ରଭୁକୃପା ଅଟେ ।



ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ମୋ-୭୯୭୮୮୩୦୬୧୧

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପି...

ଯୋଗ ଦିବସ, ଭଦ୍ରକୋ ଟାଓ୍ୱାର ପାଖରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଫ୍ଲେକ୍ସ, ହରଘର ଜଲ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଏବଂ ଜନଧନ ଯୋଜନାର କଟଆଉଟ୍, ରମାଦେବୀ ବିଶ୍ୱବିଦ୍ୟାଳୟ ପାଖରେ ଅଦିବାସୀ ମହିଳାଙ୍କ ଦ୍ୱାରା ପାରମ୍ପରିକ ଗୀତ ସଂଗୀତ ସହ ନୃତ୍ୟ ପ୍ରଦର୍ଶନ ଓ ବାଣୀବିହାର ଛକରେ ସମ୍ବଲପୁର ନୃତ୍ୟ ପରିବେଶିତ ହୋଇଛି ।

ଭୁବନେଶ୍ୱରରେ ଶ୍ରୀ ମୋଦିଙ୍କ ବିଶାଳ ରୋଡ ଶୋ' କର୍ମାଙ୍କ ମନରେ ଉତ୍ସାହ ଭରିଛି । ଯାହାକୁ ନେଇ ବିଜେପି ଶିବିରରେ ପୁରା ଜୋସ୍ ଭରିଯାଇଛି । କେବଳ ରାଜଧାନୀ ନୁହେଁ ଏହାର ପ୍ରଭାବ ଉପକୂଳ ଓଡ଼ିଶାରେ ପଡ଼ିବାକୁ ବୋଲି ଆଶା ରଖୁଛି ବିଜେପି । ମୋଦୀଙ୍କ ଏକ ଝଲକ ପାଇବା ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ରହିଥିଲା । ବିଜେପି ରାଜ୍ୟ କାର୍ଯ୍ୟାଳୟରୁ ଆରମ୍ଭ କରି ବାଣୀବିହାର ଛକ ପର୍ଯ୍ୟନ୍ତ ମୋଦିଙ୍କ ନାରାରେ ପ୍ରକମ୍ପିତ ହୋଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ' ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପାଇଁ ୫୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଦୁଇ ପାର୍ଶ୍ୱରେ ଥିବା ବଡ଼ବଡ଼ କୋଠା ଓ ସପିଂମଲରେ ବନ୍ଧୁକଧାରୀ ପୋଲିସ ଜଗିରହିଥିଲେ । ବ୍ଲୁ-ବୁକ ଅନୁସାରେ ସୁରକ୍ଷା ଦାୟିତ୍ୱରେ ଏସ୍‌ପିଜି ସହ କମିଶନରେଟ ପୋଲିସ ରହିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରୋ-ଶୋ' ସରିବା ପରେ ରାଜଭବନରେ ରାତ୍ରିଯାପନ ପାଇଁ ବାହାରି ଯାଇଥିଲେ । ସେ ଯେଉଁ ରୁଟ୍‌ରେ ଯିବେ ସେହି ରାସ୍ତାକୁ ସାନିଟାଇଜ କରିବା ସହ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା ।

### ୫୦ ଦିନ...

ହେବାପାଇଁ ସେ ଆହ୍ୱାନ ଦେଇଥିଲେ ।

ସୁପ୍ରିମକୋର୍ଟରେ ଆଜି ଅରବିନ୍ଦ କେଜରିୱାଲଙ୍କର ଜାମିନ ଆବେଦନ ଉପରେ ଶୁଣାଣି ହୋଇଥିଲା । ୨୦୨୪ ଲୋକସଭା ନିର୍ବାଚନର ସପ୍ତମ ପର୍ଯ୍ୟାୟ ଭୋଟିଂ ଶେଷ ଯାଏ ତାଙ୍କୁ ଏହି ଜାମିନ ମିଳିଛି । ମାର୍ଚ୍ଚ ୨୧ରେ ଦିଲ୍ଲୀ ମଦ ଅବକାରୀ ନୀତି ଦୁର୍ନୀତି ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା । କୋର୍ଟ କହିଛନ୍ତି ଯେ ପରବର୍ତ୍ତୀ ସପ୍ତାହରେ ଏହାର ଶୁଣାଣି ହେବ । ତେବେ କେଜରିୱାଲଙ୍କ ଓକିଲ ଜୁଲାଇ ପର୍ଯ୍ୟନ୍ତ ଜାମିନ ଦେବାକୁ କହିଥିଲେ । ତେବେ ଜଷ୍ଟିସ୍ ସଞ୍ଜୀବ ଖାନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତ ତାଙ୍କୁ ଜୁନ୍ ୧ ଯାଏ ଅନ୍ତରୀଣ ଜାମିନ ଦେଇଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ୨୧ ଦିନରେ ଏଭଳି କିଛି ଫରକ ପଡିବ ନାହିଁ । ଦେଢ଼ ବର୍ଷ ହେଲାଣି ସେ ବାହାରେ ଅଛନ୍ତି । ତେବେ ଜାମିନରେ ଥିବା ସର୍ତ୍ତ ଅନୁଯାୟୀ କିଛି ସଚିବାଳୟକୁ ସେ ଯାଇପାରିବେ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଅଫିସରେ କାର୍ଯ୍ୟ କରିପାରିବେ ନାହିଁ । ଏହାଛଡ଼ା ମାମଲାରେ ସମ୍ପୃକ୍ତ କୌଣସି ସାକ୍ଷୀ କିମ୍ବା କୌଣସି ଫାଇଲ ସମ୍ପର୍କରେ ଆଲୋଚନା କରିବେ ନାହିଁ । ସେ କେବଳ ଆପ୍ ପାଇଁ ପ୍ରଚାର କରିବେ । ଶ୍ରୀ କେଜରିୱାଲଙ୍କୁ ୫୦ ହଜାର ଟଙ୍କାର ବେଲ୍ ବଣ୍ଡ ଦେବାକୁ କୁହାଯାଇଛି । କେଜରିୱାଲଙ୍କୁ ଜାମିନ ମିଳିବା ପରେ ଆପ୍ ପକ୍ଷରୁ ଏହାକୁ ସତ୍ୟମେବ ଜୟତେ ପୋଷ୍ଟ କରାଯାଇଛି । ମନ୍ତ୍ରୀ ଗୋପାଳ ରାୟ ଏକ୍ସରେ ଲେଖିଛନ୍ତି ଯେ ଆଜି ସୁପ୍ରିମକୋର୍ଟ ଯେଉଁମାନେ ସମ୍ବିଧାନରେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ଏକ ଆଶାର କିରଣ ଦେଖାଇଛନ୍ତି । ଦିଲ୍ଲୀ ବାସୀନ୍ଦା ଓ ଆପ୍ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦିଆଯାଇଛି । କଂଗ୍ରେସ ନେତା ପବନ ଖେରା କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ଏହି ପଦକ୍ଷେପକୁ ଆପେ ସ୍ୱାଗତ କରୁଛୁ । ଆଶା କରୁଛୁ ଯେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମଧ୍ୟ ନ୍ୟାୟ ମିଳିବ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ସେହିଭଳି ପୂର୍ବତନ ମହାରାଷ୍ଟ୍ର ମନ୍ତ୍ରୀ ଆଦିତ୍ୟ ଠାକରେ କହିଛନ୍ତି ଯେ ଅରବିନ୍ଦ କେଜରିୱାଲଙ୍କୁ ନ୍ୟାୟ ମିଳିଛି । ଏକଛତ୍ରବାଦ ଯୁଗରେ ତାଙ୍କୁ ରିହାତି ଦିଆଯାଇଛି ଯାହା ହାୱା ପରିବର୍ତ୍ତନର ସୂଚନା ଦେଉଛି ।

### ବ୍ରଜରାଜନଗରରେ...

ବଢ଼ାଦାମ୍ କମିବ ବୋଲି ସେମାନେ କହିଥିଲେ । ଏଲ୍.ପି.ଜି, ପେଟ୍ରୋଲ, ଡିଜେଲ ଦାମ୍ କମିଲା କି ? ମୁଁ କିନ୍ତୁ ଆପଣମାନଙ୍କୁ ହିସାବ ଦେବି । ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବାପାଇଁ ସବୁବେଳେ ନିର୍ଦ୍ଦେଶ ଦେଇଥାନ୍ତି ।

ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ହିସାବକୁ ବିସ୍ଥାପିତମାନଙ୍କର ୫୦-୬୦ ବର୍ଷର ସମସ୍ୟା ଦୂର କରିଛନ୍ତି । ବ୍ରଜରାଜନଗରର ୧୮ଟି ଗାଁର ୨୨୦୦ ବିସ୍ଥାପିତଙ୍କୁ ପଟ୍ଟା ଦିଆଯାଇଛି । ବ୍ରଜରାଜନଗର ମାଁ ରାମଚଣ୍ଡୀ ମନ୍ଦିର ପାଇଁ ୪.୫୦ କୋଟି, କୋଇଲି ଘୁଗର ଇକୋ ଟୁରିଜିମ୍ ପାଇଁ ୩ କୋଟି, ଲଖନପୁର ଆଇ.ଟି. ଆଇ ପାଇଁ ୩୦ କୋଟି, ବ୍ରଜରାଜନଗରରେ ଅଡିଟୋରିଅମ ପାଇଁ ୧୦ କୋଟି, ଲଖନପୁରର ୧୬ ଟି ପଞ୍ଚାୟତରେ ପାଇପ୍ ପାଣି ପାଇଁ ୧୨୪ କୋଟି, ହାଇସ୍କୁଲ ଓ କଲେଜ ପୁନଃନିର୍ମାଣ ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି । କାଳିଆ ଯୋଜନାରେ ଏହି ନିର୍ବାଚନ ମଣ୍ଡଳୀର ୩୦,୭୦୦ ଚାଷୀ ଉପକାର ପାଉଛନ୍ତି । ବିଏସ୍‌କେୱାଇରେ ୬୦,୫୦୦ ଲୋକ ଉପକାର ପାଉଛନ୍ତି ।

ଝାରସୁଗୁଡ଼ାରେ ସ୍ୱର୍ଗତ ନବଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଲେ ଯେ ଝାରସୁଗୁଡ଼ାର ବିକାଶରେ ସ୍ୱର୍ଗତ ନବବାବୁଙ୍କର ବହୁତ ଅବଦାନ ରହିଛି । ତାଙ୍କ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ କେନସର ହସ୍ପିଟାଲ, ହାର୍ଟ କେୟାର ହସ୍ପିଟାଲ ହୋଇଛି । ଦୀପାଳି ଆପଣମାନଙ୍କ ଝିଅ, ନବବାବୁଙ୍କର ଝାରସୁଗୁଡ଼ା ପାଇଁ ଯେଉଁ ସ୍ୱପ୍ନ ଥିଲା ତାକୁ ସାକାର କରିବେ ଦୀପାଳି । ମୁଖ୍ୟମନ୍ତ୍ରୀ ଏସ୍.ଏଚ୍.ଜି ପାଇଁ ପେନସନ୍ ଓ ଗରିବ ଲୋକଙ୍କ ପାଇଁ ମାଗଣାରେ ବିଜୁଳି ଯୋଗାଣ କରିଛନ୍ତି । ମା'ମାନେ ହେଉଛନ୍ତି ନବୀନବାବୁଙ୍କ ସେନାପତି । ଜଣେ ସାଧାରଣ ମହିଳାଙ୍କୁ ଏଠାରେ ଲୋକସଭା ପ୍ରାର୍ଥୀ କରିଛନ୍ତି । ଏହି ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡ଼ା ବିକାଶ ଯାତ୍ରାକୁ ଆହୁରି ମଜବୁତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

### ନିର୍ବାଚନ...

ମେଣ୍ଟ ପକ୍ଷରୁ କରାଯାଇଛି । ଆପଣ ଏହା ମୋଠୁ ଲେଖିନିଅନ୍ତୁ ଯେ ନରେନ୍ଦ୍ର ମୋଦି ଆଉ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ । କଂଗ୍ରେସ, ସମାଜବାଦୀ ପାର୍ଟି ଓ ବିରୋଧୀ ମେଣ୍ଟର ଅନ୍ୟ ନେତା ସେମାନଙ୍କ ପ୍ରାଣ ପଣ ଦେଇ ଏଠାରେ ଅଖିଳେଶ ଯାଦବଙ୍କ ବିଜୟ ପାଇଁ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ । ରାହୁଲ କହିଥିଲେ ଯେ ଉତ୍ତରପ୍ରଦେଶରେ ବିଜେପି ଅଧିକ ଆସନ ହରାଉଛି । କାରଣ ଏହି ପ୍ରଦେଶର ଲୋକମାନେ ନିଷ୍ପତ୍ତି ନେଇସାରିଛନ୍ତି ଓ ତାଙ୍କ ମନ ପରିବର୍ତ୍ତନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଆଦାନୀ, ଅମ୍ବାନୀ ମଡ୍ଡଲ ଦେଖାଉଛନ୍ତି । ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ପ୍ରାୟ ୧୦୦୦ ଭାଷଣ ଦେଇଛନ୍ତି । ସେ କେଉଁଠି ବି ଆଦାନୀ, ଅମ୍ବାନୀ ନାମ ନେଇନାହାନ୍ତି । ଯେତେବେଳେ ଜଣେ ଲୋକ ଭୟଭୀତ ହୁଏ ସେତେବେଳେ ସେ ଅନ୍ୟ ନାମ ନିଏ । ଏହା ହେଉଛି ତାଙ୍କର ବିଶ୍ୱାସ । ଏଥିଲାଗି ନରେନ୍ଦ୍ର ମୋଦି ତାଙ୍କର ଦୁଇ ବନ୍ଧୁଙ୍କ ନାମ ନେଇ କହି ପିବାକୁ ବସିଛନ୍ତି । ମୋଦିଙ୍କ ନେତୃତ୍ୱାଧୀନ ସରକାର ୨୨ ଶିଳ୍ପପତିଙ୍କର ୧୬ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିଛି । କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ କୋଟିଏରୁ ଅଧିକ ଲକ୍ଷପତି ସୃଷ୍ଟି କରିବେ । ଅଖିଳେଶ ଯାଦବ କହିଥିଲେ ଯେ ମୁଁ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରେ କି ନକରେ କୌନଜର ଲୋକମାନେ ମୋ ହୃଦୟ ଭିତରେ ଅଛନ୍ତି ।

### ଅକ୍ଷୟ...

ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଅଭିମୁଖେ ପଞ୍ଚୁ ପାଣ୍ଡବ ରାମ କୃଷ୍ଣ, ମଦନ ମୋହନ, ଭୁ ଦେବୀ ଓ ଶ୍ରୀ ଦେବୀ ପାଲିଙ୍କି ଓ ବିମାନରେ ଚନ୍ଦନ ଚକଡା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଏହି ସମୟରେ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗରୁ ଲାଗି ତିନି ଆଜ୍ଞାମାଳ ରଥ ଖଳା ଅଭିମୁଖେ ବିଜେ କରି ଥିଲେ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖ ରଥ ଖଳାକୁ ପାଣିରେ ଧୁଆ ଯାଇ ପରିଷ୍କାର କରାଯାଇ ଥିଲା । ସେଠାରେ ଚୂନ ପାଣି ପକାଇ ଶୋଧ କରା ଯାଇଥିଲା । ନୟାଗଡ଼ ବନ ଖଣ୍ଡରୁ ଆସିଥିବା ୧୨ ଫୁଟିଆ ତିନି ଖଣ୍ଡ ଧଉରା କାଠକୁ ସେଠାରେ ଲମ୍ବ କରି ରଖା ଯାଇ ଥିଲା । ପୂଜା ପଣ୍ଡା ଓ ସ୍ତୋତ୍ରୀୟ ବ୍ରାହ୍ମଣ ମାନେ ମନ୍ତ୍ର ଉଚ୍ଚାରଣ କରି ରଥ କଠାକୁ ପବିତ୍ର କରି ଥିଲେ । ପରେ ମହାପ୍ରଭୁଙ୍କ ନିକଟରେ ଆସି ଥିବା ତିନି ଆଜ୍ଞାମାଳକୁ ରଥ କାଠ ଉପରେ ରଖା ଯାଇ ଥିଲା । ଏହା ପରେ ବିଶ୍ୱ କର୍ମା ମାନେ ସୁନା କୁରାଢ଼ିରେ ତିନି ରଥ ନିର୍ମାଣ ପାଇଁ ଅନୁକୂଳ କରି ଥିଲେ । ଚନ୍ଦନ ଯାତ୍ରା ଓ ରଥ କାଠ ଅନୁକୂଳ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ରାତି ୩ଟାରୁ ମହାପ୍ରଭୁଙ୍କର ଦ୍ୱାର ଫିଟା ନୀତି କରାଯାଇ ଅନ୍ୟାନ୍ୟ ନୀତି କାନ୍ତି ବଢାଯାଇଥିଲା । ମଙ୍ଗଳ ଆରତୀ ପରେ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ଚନ୍ଦନବେଢା ଖଇକୋରା ଭୋଗ, ସର୍ବାଙ୍ଗ ବେଶ ସରି ଦକ୍ଷିଣ ଘର ଭୋଗ ପରେ ପ୍ରାୟ ଦିନ ୩ ଟାରେ ମଧ୍ୟାହ୍ନ ଧୂପ ନୀତି ହୋଇଥିଲାଛ ସେପଟେ ନରେନ୍ଦ୍ର ପୁଷ୍କରିଣୀରେ ଆଜି ଠାରୁ ମହାପ୍ରଭୁଙ୍କର ୨୧ ଦିନ ବ୍ୟାପି ବାହାର ଚନ୍ଦନ ଯାତ୍ରା ଚାପ ଖେଳ ନୀତି ଅନୁଷ୍ଠିତ ହୋଇଛି । ଏଥିପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ବିଭିନ୍ନ ପ୍ରକାର ରଙ୍ଗରେ ରଙ୍ଗ କରା ଯିବା ସହ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରା ଯାଇଛି । ଯାହା ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ ଦେଖା ଯାଇଛି । ବିଗ୍ରହମାନେ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳି ଥିଲେ । ନରେନ୍ଦ୍ରରେ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଚାପ ଖେଳ ଦେଖି ଭକ୍ତ ମାନେ ଆତ୍ମ ବିଭୋର ହୋଇ ଥିବାର ଦେଖା ଯାଇଛି ।

# ଲୋକସଭା ପାଇଁ ୪ ଓ ୫ ବିଧାନସଭା ପାଇଁ ୧୦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଭଦ୍ରକ,(ସବ୍ୟୁ):୨୦୨୪ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନର ଶୁକ୍ରବାର ୪ର୍ଥ ଦିନରେ ଭଦ୍ରକ ଲୋକସଭା ପାଇଁ ୪ ଓ ୫ଟି ବିଧାନସଭା ପାଇଁ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଲୋକସଭା ପ୍ରାର୍ଥୀ ଭାବେ ବିଜେଡ଼ିରୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଭାଜପା ପ୍ରାର୍ଥୀ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଞ୍ଜୁଲତାଙ୍କ ସହ ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ନେତା ମାନେ ଉପସ୍ଥିତ ଥିଲେ। ସେହିପରି ଅଭିମନ୍ୟୁଙ୍କ ସହ ଭଦ୍ରକ ଭାଜପା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର, ମଳୟ ଜେନା, ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହେଭିୱେଟ୍ ନେତା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେଡ଼ିରୁ ବିଧାୟକ ବ୍ୟୋମକେଶ ରାୟ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ପାଇଁ ଜିଲା ପରିଷଦ କାର୍ଯ୍ୟାଳୟରେ ରିଟର୍ଣ୍ଣିଂ ଅଫିସର୍ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ସେହିପରି ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେଡ଼ି ପ୍ରାର୍ଥୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଭାଜପା ପ୍ରାର୍ଥୀ ଡ. ସୁଧାଂଶୁ ଶେଖର ନାୟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ଣ୍ଣିଂ ଅଫିସର୍ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବାସୁଦେବପୁର ବିଧାନସଭା ପାଇଁ ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଓ ଭାଜପା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ରିଟର୍ଣ୍ଣିଂ ଅଫିସର୍ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ହେଭିୱେଟ୍ ନେତାଙ୍କ ରୋଡ଼ ଶୋରେ ଭଦ୍ରକ ସହରର ସମସ୍ତ ରାସ୍ତା ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ହେବା ସହ ପୂରା ସହର ଲୋକାରଣ୍ୟ ହୋଇଥିଲା। ସେହିପରି ଲୋକସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସର୍ବେଶ୍ୱର ବେହେରା, ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର କୀର୍ତ୍ତନ ବିହାରୀ ମଲ୍ଲିକ ନାମାଙ୍କନ ଦାଖଲ କରିଛନ୍ତି। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଦିଗମ୍ବର ସ୍ୱାଇଁ, ଚାନ୍ଦବାଲି ପାଇଁ ସ୍ୱାଧୀନ ପ୍ରାର୍ଥୀ ବିକାଶ ଚନ୍ଦ୍ର ସାହୁ ଓ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ଶୈଳ କୁମାର ଦାସ ନାମାଙ୍କନ ଦାଖଲ କରିଛନ୍ତି।

## ବିଜେଡ଼ି ନେତାଙ୍କ ମାତୃ ବିୟୋଗ

ବାଲେଶ୍ୱର,(ସବ୍ୟୁ) :ଭୋଗରାଇ ଅଞ୍ଚଳର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ରାଧାଶ୍ୟାମ ଦାସଙ୍କ ଧର୍ମପତ୍ନୀ ଭାନୁମତୀ ଦାସ(୯୦)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଆପୋଲ ହସ୍ପିଟାଲରେ ପରଲୋକ ହୋଇଯାଇଛି । ଶ୍ରୀମତୀ ଦାସ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିବାବେଳେ ତାଙ୍କର ପରଲୋକ ଘଟିଥିଲା। ମଙ୍ଗଳବାର ରାତିରେ ସ୍ୱର୍ଗତା ଦାସଙ୍କ ମରଶରୀର ବାଲେଶ୍ୱରକୁ ଅଣାଯାଇ ତାଙ୍କ ଦରଜି ପୋଖରୀସ୍ଥିତ ବାସଭବନରେ ରଖାଯାଇଥିଲା । ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବାପରେ ବାଲେଶ୍ୱର ବିଜେଡ଼ିର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର, ଭୋଗରାଇ ବିଧାୟକ ଅନନ୍ତ ଦାସ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ବିଜେପି ନେତା ମାନସ କୁମାର ଦତ୍ତ, ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ନିରଂଜନ ପରିଡ଼ା, ସୁରେନ୍ଦ୍ର ପଣ୍ଡା, ଡକ୍ଟର ପ୍ରଫୁଲ୍ଲ ଦେ,ସାମ୍ବାଦିକ ରଂଜନ ବାଗ, ମନୋଜ ରାଉତ, ଆଶିଷ ପାତ୍ର, ପ୍ରଦୀପ ଗିରି, ଭୋଗରାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗଣପତି ଗିରି, ବ୍ରିଟ୍‌ର ପୂର୍ବତନ ଚେୟାରମେନ୍ ଗୌରୀ ରାଉତ, ବରଦା ପସନ୍ନ ପଟ୍ଟନାୟକ, ଇଂ ସୌରଭ ବେହେରା, ନଳିନୀ ଜେନା, କାଉନସିଲର ଜୟପ୍ରକାଶ ଦାଶ, ଅର୍ପିତା ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତାଃ ଭାନୁମତୀଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ମୃତ୍ୟୁ ଶର୍ଯ୍ୟା ନିକଟରେ ସ୍ୱର୍ଗତାଃ ଭାନୁମତୀଙ୍କ ପୁତ୍ର ବିବେକାନନ୍ଦ, ଭୂବନାନନ୍ଦ, ବିଜୟା ନନ୍ଦ, ବିଚିତ୍ରା ନନ୍ଦ, ଭାଗବତ ପ୍ରମୁଖଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ପରେ ଭାନୁମତୀଙ୍କ ମରଶରୀରକୁ ଏକ ଶୋଭଯାତ୍ରାରେ ନିଆଯାଇ ନୁଣିଆଯୋଡ଼ିସ୍ଥିତ ମୁକ୍ତିଦ୍ୱାର ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ସ୍ୱର୍ଗତା ଭାନୁମତୀ ଦାସ ହେଉଛନ୍ତି ବିଜୁଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଭୁବନାନନ୍ଦ ଦାସଙ୍କ ମା ଅଟନ୍ତି ।

## ଜିଲ୍ଲାସ୍ତରୀୟ ଶ୍ରୀ ଜୟଦେବ ଜୟନ୍ତୀ ପାଳିତ

ବାଲେଶ୍ୱର,(ସବ୍ୟୁ) :ଚଳିତ ବର୍ଷ ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଠାରେ ଗୀତଗୋବିନ୍ଦ ରଚୟିତା ମହାକବି, ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଜିଲ୍ଲାପାଳ ଆଶୀଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ତତ୍ସହିତ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ଦିବ୍ୟାଙ୍ଗ ଓ କିନ୍ନରଙ୍କ ଦ୍ୱାରା ଭୋଟର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ):ଆଗାମୀ ଜୁନ୍ ୧ ତାରିଖରେ ଭଦ୍ରକ ଜିଲ୍ଲାର ୧ଟି ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହେବାକୁ ଯାଉଥିବା ମତଦାନ ଉପଲକ୍ଷେ ମତଦାନ ହାର ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ମତଦାତା ମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସହଯୋଗରେ ଦିବ୍ୟାଙ୍ଗ ଓ କିନ୍ନର ମାନଙ୍କୁ ନେଇ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ଏକ ଶୋଭାଯାତ୍ରା ଜରିଆରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ଭୋଟର ମାନଙ୍କ ସଚେତନତା ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିବା ସହିତ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମତାଦାତାମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଡାକବାଜି ଯନ୍ତ୍ର ଜରିଆରେ ବିଭିନ୍ନ ସ୍ଲୋଗାନ ପରିବେଷଣ କରାଯିବା ସହିତ ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ କରାଯାଇଥିଲା। କିନ୍ନର ଓ ଦିବ୍ୟାଙ୍ଗମାନେ ବହୁ ଆଗ୍ରହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କୁ ନେଇ ଆୟୋଜିତ ଏହି ଶୋଭାଯାତ୍ରା ମତଦାତାଙ୍କ ସଚେତନତା ପାଇଁ ବେଶ୍ ପ୍ରଭାବୀ ହେଇପାରିଥିବା ଅନୁଭବ କରାଯାଇଥିଲା। ସଂସ୍କୃତି ଭବନ ରେ ଆୟୋଜିତ ସେଲଫି ପଏଣ୍ଟରେ କିନ୍ନର ଓ ଦିବ୍ୟାଙ୍ଗମାନେ ଫଟୋ ଉଠାଇ ଖୁସି ମନାଇଥିଲେ। ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଅଧିକାରୀ ହରିହର ଭୂଇଁ, ଫାଇନାନ୍ସ ଏକସ୍‌ପର୍ଟ ଭଗବାନ ବାରିକ ଅନ୍ୟତମ ଅଧିକାରୀ ରଶ୍ମିତା ପୃଷ୍ଟି, ସରୋଜ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ ପ୍ରଦାନ କରିଥିଲେ।

## ଅଲ୍ଲୀନଗରରେ ବିଜୁ ଯୁବ କର୍ମୀ ସମ୍ମିଳନୀ

ଭଦ୍ରକ,(ସବ୍ୟୁ): ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ ଅଧିନ ଅଲ୍ଲୀନଗରସ୍ଥିତ କଲ୍ୟାଣ ମଣ୍ଡପରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଯୁବ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ପଞ୍ଚାୟତର ଯୁବଗୋଷ୍ଠୀ ଓ ଯୁବ ନେତୃତ୍ୱ ସାମିଲ ହୋଇ ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍‌ଦେଇ ଜୟଯୁକ୍ତ କରାଇବାକୁ ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଯୁବଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ରାଜ୍ୟରେ ଅନେକ ବିକାଶ ମୂଳକ ଯୋଜନା ପ୍ରଣୟନ କରାଯାଇଥିବା ବେଳେ ନବୀନ ଓଡିଶା ଓ ଯୁବ ଓଡିଶାକୁ ଏଥର ସାମିଲ କରାଯାଇଛି। ୨୦୩୬ ମସିହା ଯାଏଁ ଏହି ଯୁବଗୋଷ୍ଠୀଙ୍କ ବିକାଶ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ବିଗତ ନିର୍ବାଚନ ମାନଙ୍କରେ ଯୁବଗୋଷ୍ଠୀଙ୍କୁ ଏକପ୍ରକାର ସହଯୋଗୀ ଭାବେ ନିଆଯାଉଥିଲା ମାତ୍ର ଏଥର ନିର୍ବାଚନରେ ସେମାନଙ୍କୁ ଆଗଧାଡିରେ ରଖାଯାଇଛି। ଏହି ଯୁବଗୋଷ୍ଠୀ ସାମାଜିକ ସଚେତନତା ସୃଷ୍ଟି କରିବା ସହିତ ବିରୋଧିଙ୍କୁ କଡ଼ା ଟକ୍କର ଦେଇ ପାରିବେ ଆଉ ଏହା ଦଳ ଆଶା କରିଛି ବୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ ଆହ୍ୱାନ ଦେଇଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସୁଧନ୍ୱା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁବ କର୍ମୀ ସମ୍ମିଳନୀରେ ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ଯୁବନେତା ଭାରତ ବିଜୟ ଦଳେଇ, ଉପସଭାପତି ବିଶ୍ୱରଞ୍ଜନ ନାୟକ, ଅମର ମଲିକ, ଧନଞ୍ଜୟ ନାୟକ, ଶୁଭ୍ରଜିତ ପାଲ, ହିମାଂଶୁ ଶେଖର ବଳ, ସୁବୋଧ ମିଶ୍ର, ଲଭଲୀ ମହାପାତ୍ର, ଜ୍ୟୋତିପ୍ରକାଶ ବାରିକ, ଆଲୋକ ନାୟକ, ନିର୍ମାଲ୍ୟ ନାୟକ, ଉଦୟ ବିଶ୍ୱାଳ,ଅନିଲ ନାୟକ, ରାମ ସାହୁ, କ୍ଷୀରଦ ଶତପଥି, ଆନନ୍ଦ ସେଠୀ, ସଞ୍ଜିବ ନାୟକ ଓ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜ୍ଞା ମାଳ ଆସିବାପରେ ମଲ୍ଲିପଶିରେ ରଥକାର୍ଯ୍ୟ ଆରମ୍ଭ



ପାଟଣା (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ପବିତ୍ର ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟା ରେ ରଥ କାଠ କାର୍ଯ୍ୟ ଆରମ୍ଭ ହୋଇଛି ସର୍ବପ୍ରଥମେ ହଜାର ହଜାର ସଂଖ୍ୟା ସଂଖ୍ୟାରେ ମା ଭଉଣୀ ମାନଙ୍କ ଦ୍ୱାରା ମୂଷାଖୋରୀସ୍ଥ ମା ବାସୁଳୀ ଙ୍କ ମନ୍ଦିରରୁ ଆଜ୍ଞା ମାଳ ଆସିବା ପରେ ସେମାନ ଙ୍କୁ ବନ୍ଦାପନା କରି ଜଗନ୍ନାଥ ମନ୍ଦିର ତରଫରୁ ସ୍ୱାଗତ କରାଯିବା ସହିତ ତିନିରଥର ରଥକାଠ ନିମନ୍ତେ ଦଇତା ପତି ସେବକ ଓ ମହାରଣା ସେବକ ମାନଙ୍କୁ ଭକ୍ତବୃନ୍ଦ ଙ୍କ ଦ୍ୱାରା ବନ୍ଦାପନା କରି ବନଜାଗ ଯାତ୍ରା ପାଇଁ ରାଜା ରବିନାରାୟଣ ସିଂ ଓ ମୁଖ୍ୟ ପୂଜକ କୁଳମଣି ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରଭୁ ଙ୍କ ଧଣ୍ଡା ମାଳ ଦେଇ ବନକୁ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ପରେ ରଥକାଠ ଆସିବାପରେ ମଲ୍ଲିପଶି ମୂଷାଖୋରୀ ଗ୍ରାମ ଦେଇ ଆସିବା ବେଳେ ସମସ୍ତ ଭକ୍ତ ସେହି ଦାରୁକୁ ବନ୍ଦାପନା କରିଥିଲେ ଏହି କାର୍ଯ୍ୟକୁ ସର୍ବଶ୍ରୀ ଦେହୁରୀ ବନମାଳୀ ନାଏକ, ମଧୁସୂଦନ ଗଡ଼ନାୟକ, ରଞ୍ଜନ କୁମାର ବାରିକ, ମଙ୍ଗୁଲୁ ମହାନ୍ତ, ମନୋରଞ୍ଜନ ମହାନ୍ତ, ନବକିଶୋର ରଣା, ମନ୍ମଥ ରଣା, ଅନାଦି ମହାନ୍ତ, ବୈରାଗୀ ରଣା, ସୁଦର୍ଶନ ନାଏକ, ପୁରୁଷୋତ୍ତମ ମହାନ୍ତ, ଭାବଗ୍ରାହୀ ମହାନ୍ତ, ନାକୁ ଦାସ, ଭାସ୍କର ଦାସ, ନିରାକାର ରଣା, ଗଣନାଥ ରଣା, ନେତ୍ର ନାଏକ, ନିରାକାର ନାଏକ, ରାମ ନାଏକ, ଚନ୍ଦ୍ରମଣି ନାଏକ, ଋଷି ନାଏକ ଆଦି ସହଯୋଗ କରିଥିବା ବେଳେ ଯଜ୍ଞ କାର୍ଯ୍ୟ ରେ କର୍ତ୍ତା ଭାବେ ପାର୍ଥସାରଥୀ ବେଜ ଓ ଦିପ୍ତିମୟୀ ବେଜ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ।

## ଅକ୍ଷୟ ତୃତୀୟା ଅବସରରେ ଅଖରେ ଲାଗିଲା ଚକ

ନୀଳଗିର,(ସବ୍ୟୁ) :ପବିତ୍ର ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ଅତ୍ୟନ୍ତ ପବିତ୍ର ଦିବସ ଅଟେ । ଏହି ଦିବସକୁ ଲୋକେ ଅକ୍ଷୟ ତୃତୀୟା ଭାବେ ପାଳନ କରିଥାନ୍ତି। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପୂର୍ବାହ୍ନରେ ଶ୍ରୀମନ୍ଦିରରେ ନୀତି ସମାପନ ପରେ ଭୂଦେବୀ ଶ୍ରୀଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ଅଣାଯାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ନୀଳଗିରି ଗଡଜାତ ରାଜ୍ୟର ବଂଶାନୁକ୍ରମିକ ରାଣୀ ମନୋଜା ମଞ୍ଜରୀ ଦେବୀ ନୀତି ଅନୁଯାୟୀ ରଥ ଚକରେ ଅଖ ଲଗା ନୀତି ସମ୍ପନ୍ନ କରିଥିଲେ। ପରମ୍ପରା ଅନୁଯାୟୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଆଜିଠାରୁ ରଥକାର୍ଯ୍ୟ ଆରମ୍ଭ ହୁଏ ଏବଂ ଏହି ରଥକାର୍ଯ୍ୟ ନୀଳଗିରି ରାଜାଙ୍କ ଦ୍ୱାରା ଅନୁକୂଳ କରାଯିବାର ବିଧି ମଧ୍ୟ ରହିଛି। ଏହି ଅବସରରେ ନୀଳଗିରି ର ସମସ୍ତ ସେବାୟତ, ଭକ୍ତ ଏବଂ ବହୁ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏଥିସହିତ ଉକ୍ତ ଦିବସରେ ଚାଷୀକୁଳ ଆଗାମୀ ବର୍ଷାଋତୁ ପାଇଁ କୃଷିକାର୍ଯ୍ୟର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଭୂମାତାଙ୍କୁ ଆବାହନ କରି ଅକ୍ଷିମୁଠି ବହିବା ପୂର୍ବକ ବିହନ ବୁଣି ଅନୁକୂଳ କରିଥାଆନ୍ତି। ଅକ୍ଷୟ ତୃତୀୟା ଅବସରରେ ନୀଳଗିରିର ବିଭିନ୍ନ ସ୍ଥାନରେ କୃଷକ ଭାଇଭଉଣୀ ମାନେ ଭୂମାତାଙ୍କୁ ପୂଜନ ପୂର୍ବକ ବିହନ ଅନୁକୂଳ କରିଥିବା ସୂଚନା ମିଳିଛି।

## ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ମିଳୁନି ଜାଗା ମୂଲ୍ୟ

ଆଗରପଡ଼ା,(ସବ୍ୟୁ):ବ୍ୟକ୍ତିଗତ ଜାଗାରେ ପୁଣି ଆଉ ଏକ କୋଠାଗୃହ ନିର୍ମାଣ ହେଉଥିବାର ଅଭିଯୋଗ ହେଉଛି। ଜିଲ୍ଲାର ଏକମାତ୍ର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନଗୃହ ନିର୍ମାଣ ପାଇଁ ନଅକୋଟି ନବେଲକ୍ଷ ଟଙ୍କା ଜାତୀୟ ସ୍ୱାସ୍ଥ୍ୟମିଶନ ପକ୍ଷରୁ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇଥିଲେ ସୁଦ୍ଧା ଜାଗାମାଲିକଙ୍କୁ ତାଙ୍କ ପ୍ରାପ୍ୟ ମିଳିପାରୁନି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଟିର୍କିରା ମୌଜା,ଖାତା ନଂ ୮୮/୧୭୫,ପ୍ଲଟ ନଂ୧୫ରେ ଥିବା ଏଗାର ଡିସମିଲ ଜାଗାର ମାଲିକ ସ୍ୱର୍ଗତ ଏକାଦଶୀ ମାହାରଙ୍କ ସ୍ତ୍ରୀ ଲକ୍ଷ୍ମୀ ମାହାର ଅଟନ୍ତି। ସେ ଜଣେ ଗରୀବ ଶ୍ରେଣୀର ମହିଳା ମାତ୍ର ନିଜ ଜାଗାମୂଲ୍ୟ ଅର୍ଥ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାରୁ ସେ ଏଥିନେଇ ଚିନ୍ତିତ ହେବା ସହ ନିଜର ଅସନ୍ତୋଷ ବ୍ୟକ୍ତ ସାମ୍ବାଦିକମାନଙ୍କ ଆଗରେ କରିଛନ୍ତି। ପୂର୍ବରୁ ଏହି ଜାଗା ଉପରେ ଭୂଲ ବଶତଃ ମେଡିକାଲର ଏକ ତିନିମହଲା କୋଠା ନିର୍ମାଣ ହୋଇଥିଲା ଓ ବର୍ତ୍ତମାନ ମଧ୍ୟ ଏହି ଅବଶିଷ୍ଟ ଜାଗା ଉପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରୁ ଜାଗାମାଲିକ ଏହାକୁ ବିରୋଧ କରିଥିଲେ। ସ୍ଥାନୀୟ ଲୋକ ପ୍ରତିନିଧି ଓ ରୋଗୀ କଲ୍ୟାଣ ସମିତି କର୍ମକର୍ତ୍ତାମାନଙ୍କ ହସ୍ତକ୍ଷେପ ପରେ ଜାଗାମାଲିକ ଏହି ଜାଗାକୁ ସରକାରୀ ମୂଲ୍ୟ ନେଇ ହସ୍ତାନ୍ତର କରିବେ ବୋଲି ଗତ ନଭେମ୍ବର ମାସ ଏଗାର ତାରିଖରେ ଲିଖିତ ଭାବେ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମାତ୍ର ଆଜିଯାଏ ସରକାରୀ ଅର୍ଥ ମିଳି ନଥିବାରୁ ସାଧାରଣରେ ଅସନ୍ତୋଷଭାବ ଦେଖାଦେଇଛି। ଏହି ଜାଗା ଲକ୍ଷ୍ମୀ ମାହାରଙ୍କ ବୋଲି ତହସିଲଦାରଙ୍କ ଚିଠି ନଂ ୮୦୪୫/ ୨୯.୧୧.୨୩ରେ ଉଲ୍ଲେଖ ରହିଛି। ତାଙ୍କୁ ସରକାରୀ ପ୍ରାପ୍ୟ ଦେବାର ବ୍ୟବସ୍ଥା କରିବାକୁ ଲକ୍ଷ୍ମୀ ମାହାର ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି ନଚେତ ଆଗାମୀ ଦିନରେ ତାଙ୍କ ବ୍ୟକ୍ତିଗତ ଜାଗାରେ ନିର୍ମାଣାଧିନ କାର୍ଯ୍ୟକୁ ବିରୋଧ କରି ବନ୍ଦ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଲକ୍ଷ୍ମୀ କହିଛନ୍ତି। ଜିଲ୍ଲାସ୍ତରରେ ସବୁ କାଗଜପତ୍ର କାର୍ଯ୍ୟ ସରିଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି,ସେଠାରୁ ଆସିବା ପରେ ତାଙ୍କର ପ୍ରାପ୍ୟ ମିଳିବ ବୋଲି ଜାତୀୟ ସ୍ୱାସ୍ଥ୍ୟମିଶନ ଜିଲ୍ଲା ସହକାରୀ ନିର୍ବାହୀଯନ୍ତ୍ରୀ ଜନ୍ମେଜୟ ଜେନା କହିଛନ୍ତି।

# ଶୁଖିଗଲାଣି ରେବ, କପାଳୀ, ଗେଙ୍ଗୁଟି : ଜନଜୀବନ ପ୍ରଭାବିତ

ଅସୁରାଳି (ସବ୍ୟୁ) : ପ୍ରାୟ ଗୋଟିଏ ମାସ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଗ୍ରୀଷ୍ମ ପ୍ରବାହର ପ୍ରଭାବ ଏବେ ନଦୀନାଳ ଉପରେ ପଡୁଛି। ଯାହା ଫଳରେ ଅନେକ ଛୋଟ ବଡ଼ ନଦୀ ଏବେ ଶୁଖିଲା ପଡିଥିବା ଦେଖାଯାଇଛି। ଏଭଳି ସଙ୍କଟଜନକ ଦୃଶ୍ୟ ଦେଖିବାକୁ ମିଳିଛି ଚିର ବନ୍ୟା ପ୍ଲାବିତ ଧାମନଗର ବ୍ଲକ ଅଂଚଳରେ। ଏହି ଅଂଚଳ ଦେଇ ପ୍ରବାହିତ ଏକାଧିକ ନଦୀମାନଙ୍କ ମଧ୍ୟରୁ ମୁଖ୍ୟତଃ ରେବ,କପାଳୀ ଏବଂ ଗେଙ୍ଗୁଟି ଶୁଖିଲା ପଡିଥିବା ଦେଖିବାକୁ ମିଳିଛି। ଏହାର ସିଧାସଳଖ ପ୍ରଭାବ ଏବେ ମଣିଷ ଠାରୁ ପଶୁ ପକ୍ଷୀ ମାନଙ୍କ ଉପରେ ପଡୁଛି। ଚଳିତ ବର୍ଷ ଅସ୍ୱାଭାବିକ ଭାବେ ରୌଦ୍ରତାପ ଅନୁଭୂତ ହେଉଛି। ଗତ ତିନି ସପ୍ତାହରୁ ଅଧିକ ସମୟ ଧରି ଦୈନିକ ତାପମାତ୍ରା ୪୧ ରୁ ୪୪ ଡିଗ୍ରୀ ସେଲସିୟସ ଉପରେ ରହି ଆସିଛି। ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ରଖିଥିଲାବେଳେ ପ୍ରାୟ ଅଧିକାଂଶ ଜଳଉତ୍ସ ଶୁଖିଲା ପଡ଼ିବା ଘଟଣା ଚିନ୍ତା ସୃଷ୍ଟି କରିଛି। ରେବ ଏବଂ କପାଳୀ ନଦୀ ଧାମନଗର ବ୍ଲକର ଚୁଡ଼ାକୁଟି,ଦହିପୁର, କଲ୍ୟାଣୀ, ଗୋବିନ୍ଦପୁର, ଅସୁରାଳି,କୋଠାର, ଗଡ଼ିଆଳି, ଫତେପୁର, କଟସାହି, ଖପରପଦା, କାସିମପୁର ଆଦି ପଂଚାୟତ ମଧ୍ୟ ଦେଇ ପ୍ରବାହିତ ହୋଇଛି । ଏହି ଦୁଇ ଛୋଟ ନଦୀ ଖରା ଦିନେ ଉପରୋକ୍ତ ଅଞ୍ଚଳରେ ସାଧାରଣ ଲୋକଙ୍କ ବିବିଧ କାର୍ଯ୍ୟରେ ଲାଗିବା ସହିତ ବିଶେଷକରି ପଶୁ ପକ୍ଷୀଙ୍କର ଷୋଷ ମେଣ୍ଟାଇ ଥାଏ। ମୁଖ୍ୟତ ପ୍ରତିଦିନ ଶହଶହ ବୁଲା ଗୋରୁ ଗାଈ ଛେଳି ମେଣ୍ଢା ଆଦି ନଦୀକୂଳରେ ବିଚରଣ କରି ନଦୀରୁ ପାଣି ପିଇଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୁଇ ନଦୀ କୂଳରେ ଚାଷୀମାନେ ଖରାଟିଆ ପନିପରିବା ଚାଷ ଯଥା ଭେଣ୍ଡି,ଜହ୍ନି,ବୋଇତାଳୁ,ବିଲାତି,କଂଚାଲଙ୍କା ଆଦି କେତେକାଂଶରେ ହୋଇଥାଏ। କିନ୍ତୁ ଏବେ ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅତ୍ୟଧିକ ତାତି ଯୋଗୁଁ ଏବେ ନଦୀର ଜଳ ପ୍ରବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅପରପକ୍ଷେ କ୍ରମାଗତ ଭାବେ ଭୂତଳ ଜଳସ୍ତର ହ୍ରାସ ପାଇବା ମଧ୍ୟ ନଦୀ ଶୁଖିବାର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ରେବ ଏବଂ କପାଳୀ ଭଳି ସମାନ ସଙ୍କଟ ମଧ୍ୟ ଗେଙ୍ଗୁଟି ନଦୀର। ଗେଙ୍ଗୁଟି ନଦୀ କୋଠାର, ବୟାଙ୍ଗଡିହ, ଭଟ୍ଟସାହି,ଧୂଷୁରୀ, ବମକୁରା,ଦଳାଙ୍ଗ ଆଦି ପଂଚାୟତ ଦେଇ ଅତିକ୍ରମ କରିଛି। ଏହି ନଦୀ ଉପରେ ଅନେକ ଲୋକଙ୍କ ଧନଜୀବନ ପ୍ରତ୍ୟେହ ନିର୍ଭର କରେ। ଏବେ ନଦୀ ଶୁଖିବାକୁ ବସିଥିବା କାରଣରୁ ନାନାଦି ସମସ୍ୟା ଦେଖା ଦେଇଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।







ଝାରସୁଗୁଡା, ବ୍ରଜରାଜନଗରରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପ୍ରଚାର

## କର୍ମୀ ସମ୍ମିଳନୀ ରେ ପ୍ରକାଶଙ୍କ ଦୃଢ଼ୋକ୍ତି

# କଟକ ପାଇଁ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ବିକାଶର ବ୍ଲାଙ୍କ ଚେକ୍

କଟକ (ସବ୍ୟୁ) – କଟକ ସହର ବିକାଶ ପାଇଁ ନବୀନ ସରକାର କୌଣସି ପଛଘୁଞ୍ଚା ଦେଇ ନାହାନ୍ତି । ମୁଖ୍ୟମନ୍ତ୍ରୀ କଟକ ପାଇଁ ବିକାଶର ବ୍ଲାଙ୍କ ଚେକ୍ ଦେଇଛନ୍ତି ବୋଲି ଆଜି ୧୯ ନମ୍ବର୍ ୱାର୍ଡ ଅନ୍ତର୍ଗତ ସୂତାହାଟ ଅଞ୍ଚଳରେ କର୍ମୀ ସମ୍ମିଳନୀ ରେ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା କହିଛନ୍ତି । ସମ୍ମିଳନୀରେ ବାରମ୍ବାର କଂଗ୍ରେସ ଟାର୍ଗେଟ ପ୍ରସଙ୍ଗକୁ ନେଇ ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା । ଯେଉଁ କାମ କରିଛନ୍ତି ବୋଲି କହିଛନ୍ତି, ସେ କାମ ସବୁ ବିଜେଡି ସରକାରଙ୍କ ଉଦ୍ୟମ ରେ ହିଁ ହୋଇପାରିଛି । ସେପଟେ ଯଦି କଟକ ପାଇଁ କାମ କରିଛନ୍ତି କହୁଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ବାପା କାହିଁକି ନିର୍ବାଚନ ଲଢି ପାରିଲେ ନାହିଁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି । ହାଇକୋର୍ଟ ପରେ ସୁପ୍ରିମକୋର୍ଟ ମଧ୍ୟ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ କଟକ ର ସ୍ୱାଭିମାନ କିଏ ରଖିଲା ବୋଲି ପ୍ରଶ୍ନ କରିଛନ୍ତି । କେବଳ ନିଜର ବ୍ୟବସାୟକୁ ବଞ୍ଚାଇବା ପାଇଁ କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ଲଢୁଥିବା କହିଛନ୍ତି ପ୍ରକାଶ ବେହେରା । କର୍ମୀ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, କଟକ ବିଜେଡ଼ି ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କଟକ ମେୟର ସୁବାଷ ସିଂ ଙ୍କ ସମେତ ୱାର୍ଡ କର୍ପୋରେଟର କୁରେଶାନୁର, ୱାର୍ଡ଼ ସଭାପତି ପ୍ରଦୀପ ସିଂ, ୱାର୍ଡ଼ର ମୁରବୀ ମହମ୍ମଦ ହଲିମ, କଟକ ନଗର ସଂଖ୍ୟାଲଘୁ ସେଲ ଉପସଭାପତି ସୟଦ ସାଜିଦ ଅଲ୍ଲୀ ଏବଂ ୱାର୍ଡ଼ର ଯୁବ କର୍ମୀ ଶେଖ ଆସିଫଙ୍କ ସମେତ ସମସ୍ତ ସାହି ମୁରବି, ଯୁବ, ଛାତ୍ର ଓ ମହିଳା ବିଜେଡ଼ିର କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଅପଟପଟେ ଶୁକ୍ରବାର ଅପରାହ୍ନ ରେ କଟକ ୨୪ ନମ୍ବର ୱାର୍ଡରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଛି । ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ନିକଟରୁ ଏହି ପଦଯାତ୍ରା ବାହାରିଥିଲା । ଏହି ପଦଯାତ୍ରା ରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଙ୍କ ସହିତ ଶତାଧିକ ଲୋକେ ଯୋଡ଼ି ହୋଇ ହରିପୁର ଅଞ୍ଚଳରେ ଡୋର ଟୁ ଡୋର କ୍ୟାମ୍ପେନିଂ କରିଥିଲେ । କ୍ୟାମ୍ପେନିଂ ସମୟରେ ହରିପୁର ବାସୀ ମଧ୍ୟ ବିପୁଳ ମାତ୍ର ରେ ସମର୍ଥନ କରୁଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ଯୋଜନା କରିଲେ ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚି ଥାଏ । ଏଥିପାଇଁ ଆଜି ପଦଯାତ୍ରାରେ ଶତାଧିକ ଲୋକେ ଯୋଡ଼ି ହେବା ସହିତ ବିପୁଳ ସମର୍ଥନ ମିଳୁଥିବାରୁ ଏଥର ନିର୍ବାଚନ ରେ ବିଜେଡି ବାଜି ମରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ପ୍ରାର୍ଥୀ ପ୍ରକାଶ ବେହେରା । ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ୱାର୍ଡ କର୍ପୋରେଟର ଦୀପ୍ତିମୟୀ ମୂଳିଆ, ୱାର୍ଡ ସଭାପତି ପ୍ରତାପ ମୂଳିଆ କଟକ ଜିଲ୍ଲା ବିଜେଡ଼ି ଉପସଭାପତି ଲିଙ୍ଗରାଜ ହାତୀ, କଟକ ନଗର ସମ୍ପାଦକ କାବୁଲି ମୂଳିଆ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଜଗଜ୍ୟୋତି ପଟ୍ଟନାୟକ, ସାହି ସମ୍ପାଦକ ବିକ୍ରମ ଛାଟୋଇ ପ୍ରମୁଖ ସାମିଲ ହୋଇଥିଲେ ।

# ବିଜେଡ଼ି ଇସ୍ତାହାରରେ ଅଭିବୃଦ୍ଧି ସହିତ ଅନ୍ତର୍ଭୁକ୍ତି ବିକାଶର ଲକ୍ଷ୍ୟ

## ପଦ୍ମ ଓ ପଦ୍ମଶ୍ରୀ ଢାଞ୍ଚାରେ କଳିଙ୍ଗଶ୍ରୀ ଓ କଳିଙ୍ଗ ଭୂଷଣ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଅଭିବୃଦ୍ଧି ସହିତ ଅନ୍ତର୍ଭୁକ୍ତି ବିକାଶ ସର୍ବଦା ଆମର ଉଦ୍ଦେଶ୍ୟ । ଆଦିବାସୀ, ଜନଜାତି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସଶକ୍ତିକରଣ ସର୍ବାଧିକ ପ୍ରାଥମିକତା ଅଟେ । ଆତ୍ମନିଯୁକ୍ତି ଦିଗରେ ପ୍ରତିବର୍ଷ ୧୦,୦୦୦ ଏସ୍‌ସି, ଏସ୍‌ଟି ଏବଂ ଓବିସି ଯୁବକମାନଙ୍କ ପାଇଁ ୧,୦୦,୦୦୦ ଟଙ୍କାର ଅନୁଦାନ ପ୍ରଦାନ କରିବାକୁ ଆମେ ୧୦ ବର୍ଷମଧ୍ୟରେ ୧୦୦୦ କୋଟି ପାଣ୍ଠି ପ୍ରଦାନ କରିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ଚାରିଜଣ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର, ଡକ୍ଟର ଅମର ପଟ୍ଟନାୟକ, ସ୍ୱୟଂ ପ୍ରକାଶ ମହାପାତ୍ର ଓ ସୁଲତା ଦେଓ ।

ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଯେ ଏସଟି, ଏସସି ଏବଂ ଓବିସିର ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗୀତା ୧୦,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧଛାଡ ହେବ । ଋଣ ଅନୁଦାନରେ ପ୍ରାଥମିକତା ରହିବ । ଓବିସି, ସଂଖ୍ୟାଲଘୁ, ଏସସି ଏବଂ ଆଦିବାସୀ ଛାତ୍ରମାନଙ୍କ ପାଇଁ ଅଧିକ ହଷ୍ଟେଲ ବ୍ୟବସ୍ଥା ସହିତ ଶିକ୍ଷା ଏବଂ ଅଧିକ ନିଯୁକ୍ତି ଆଗକୁ ବଢାଇବ । ଲାଭ ଯୋଜନା ଦ୍ୱାରା ଛୋଟ ଜଙ୍ଗଲ ଉତ୍ପାଦନ ସଂଗ୍ରହରୁ ଆୟକୁ ୍ରାନ୍ସି କରିବ, ମୁଖ୍ୟତଃ ଆଦିବାସୀଙ୍କୁ ଏହା ଉତ୍ସାହିତକରିବ । ଗ୍ରାମୀଣ ଗୃହ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ପରିବାରକୁ ୧୦ ଲକ୍ଷ ଘର ଯୋଗାଇ ଦିଆଯିବ । ସାଂସଦ ଡକ୍ଟର ଅମର ପଟ୍ଟନାୟକ କହିଛନ୍ତି ଯେ ଆମର ଯୁବକ ହିଁ ଓଡିଶାର ସଫଳତାର କାହାଣୀ ଲେଖିବେ । ଏକନମ୍ବର ରାଜ୍ୟର ଭବିଷ୍ୟତ ଲେଖିବା ପାଇଁ ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରାଯିବ । ଓଡିଶାର ଯୁବକମାନଙ୍କ ନିମନ୍ତେ ୧୦ ବର୍ଷ ପାଇଁ ଏକ ଲକ୍ଷ କୋଟି ଅଲଗା ବଜେଟ୍ ରଖାଯିବ । ଏହି ଯୁବ ବଜେଟ୍ ଜଳବାୟୁ ଏବଂ ଜେଣ୍ଡର ବଜେଟ୍ ଭଳି ବିଧାନସଭାରେ ଉପସ୍ଥାପିତ ହେବ । ଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ଆଧାର କରି ପ୍ରତିବର୍ଷ ଏଥିରୁ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ । ବିଶ୍ୱରେ ଏହା ପ୍ରଥମ ପ୍ରକାରର ପ୍ରୟାସ ହେବ ଯେଉଁଠାରେ ଯୁବକମାନେ ନିଜ ପରିଚୟ ଏବଂ ଓଡିଶାର ପରିଚୟ ସୃଷ୍ଟି କରିପାରିବେ । ନୂଆ ଓ ମ୍ୟାଜିକ୍ କାର୍ଡ ଦ୍ୱାରା ଏକାଧିକ ସୁବିଧା ସୁଯୋଗ ସହିତ ପରିସର ବିସ୍ତାର ହେବ । ନୂଆ ଓ ଛାତ୍ରବୃତ୍ତି ବାଳିକାମାନଙ୍କ ପାଇଁ ବାର୍ଷିକ ୧୪,୦୦୦ ଏବଂ ପୁଅମାନଙ୍କ ପାଇଁ ବାର୍ଷିକ ୧୨,୦୦୦ କୁ ବୃଦ୍ଧି କରାଯିବ । ସରକାରୀ ପ୍ରବେଶ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ହାସଲ କରିବା ପରେ ଡିପ୍ଲୋମା ଏବଂ ଡିଗ୍ରୀ ପାଠ୍ୟକ୍ରମ କରୁଥିବା କଲେଜରେ ପଢୁ ଥିବା ସମସ୍ତ ଯୋଗ୍ୟ ଛାତ୍ରଙ୍କୁ ଏହା ପ୍ରଦାନ କରାଯିବ । ଆସନ୍ତା ପାଞ୍ଚ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ । ନିଜସ୍ୱ ଉଦ୍ୟୋଗୀ ଋଣକୁ ବ୍ୟାପକ କଭରେଜ୍ ସହିତ ଏକ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯିବ । ଓଡିଶାରେ ଏକ ନୂତନ କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ, ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଏବଂ ଏଆଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଏହି ସମସ୍ତ ପଦକ୍ଷେପ ଯୁବକମାନଙ୍କୁ ସଶକ୍ତ କରିବା ଏବଂ ଓଡିଶାକୁ ଏକ ବୃହତ ଅଭିବୃଦ୍ଧି ପଥରେ ଆଗେଇ ନେବାକୁ ସକ୍ଷମ କରିବ । ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସମଗ୍ର ଇକୋସିଷ୍ଟମକୁ ଶକ୍ତିଶାଳୀ କରାଯିବ । ଓଡ଼ିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ ।



୨୦ ଟି ପ୍ରମୁଖ ସହର ବଲାଙ୍ଗୀର, କୋରାପୁଟ–ଜୟପୁର, ବରଗଡ, ରାୟଗଡା, ଭବାନୀପାଟନା, ପାରାଦୀପ, ଢେଙ୍କାନାଳ, ଯୋଡା–ବଡ଼ବିଲ, କେନ୍ଦୁଝର, ଅନୁଗୁଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ, କେନ୍ଦ୍ରାପଡା ଓ ନୟାଗଡ଼ କୁ ବିକଶିତ କରିବୁ । ଏହି ସହରୀ କ୍ଲଷ୍ଟରଗୁଡ଼ିକ ଚାହିଦା ସୃଷ୍ଟି କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ର ହେବ । ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ସୁବିଧା ସହିତ ଏକ ଆନ୍ତର୍ଜାତୀୟ ସହର ଭାବରେ ବିକଶିତ ହେବ ବିମାନ ବନ୍ଦର ସହିତ ୨୦ଟି ସମସ୍ତ ପ୍ରମୁଖ ସହର ସହିତ ଲକ୍ଷ୍ମୀ ବସ୍ ସଂଯୋଗ ରହିବ । ମେଟ୍ରୋ ଦ୍ୱାରା ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଏବଂ କଟକକୁ ସଂଯୋଗ କରିବ ଏବଂ ପର୍ଯ୍ୟାୟ କ୍ରମେ ସମ୍ପ୍ରସାରିତ ହେବ ବିଜୁ ଅର୍ଥନୈତିକ କରିଡର ମାଧ୍ୟମରେ ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ବିକାଶ ଉପରେ ଆମର ବିଶେଷ ଧ୍ୟାନ ରହିବ ।

ସାଂସଦ ଶ୍ରୀମତୀ ସୁଲତା ଦେଓ କହିଛନ୍ତି ଯେ ଓଡିଶାର ଅଭିବୃଦ୍ଧି କାହାଣୀରେ ମହିଳାମାନଙ୍କର ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ସେମାନେ ଏହା ଜାରି ରଖିବେ । ବିନା ସୁଧରେ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାରେ ଏହା ଦେଶରେ ପ୍ରଥମ ରାଜ୍ୟ ହେବ ।

ବିଜେଡି ପ୍ରବକ୍ତା ସ୍ୱୟଂ ପ୍ରକାଶ ମହାପାତ୍ର କହିଛନ୍ତି ଯେ ଆମର ସମୃଦ୍ଧ ସଂସ୍କୃତି ଏବଂ ଭାଷାର ପ୍ରୋତ୍ସାହନ ଏବଂ ସଂରକ୍ଷଣ ଅର୍ଥନୈତିକ ଅଭିବୃଦ୍ଧି ସହିତ ହାତ ମିଳାଇଥାଏ । ଆମର ଉପାସନା ପୀଠ, ଐତିହ୍ୟସ୍ଥଳ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ସହିତ ଜଡିତ ସ୍ଥାନ ଗୁଡିକ ସଂରକ୍ଷଣ କରିବା ପାଇଁ ଏକ ଐତିହାସିକ ପାଣ୍ଠି ଭାବରେ ୧୦୦୦ କୋଟିର ଏକ କର୍ପସକୁ ପୃଥକ କରାଯିବ । ପଦ୍ମଶ୍ରୀ ଏବଂ ପଦ୍ମଭୂଷଣ ଭଳି ପ୍ରତିବର୍ଷ କଳିଙ୍ଗଶ୍ରୀ ଏବଂ କଳିଙ୍ଗ ଭୂଷଣ ପୁରସ୍କାର ପ୍ରଦାନ କରାଯିବଛ ସମଗ୍ର ରାଜ୍ୟରେ ଭାଗବତ ଟୁଙ୍ଗିର ସଂରକ୍ଷଣ ପାଇଁ ଅର୍ଥ ଯୋଗାଇ ଦିଆଯିବ । ଏହା ଆମ ଯୁବକମାନଙ୍କୁ ସେମାନଙ୍କର ସଂସ୍କୃତି, ଐତିହ୍ୟ ଏବଂ ଭାଷାରେ ଗର୍ବ ଅନୁଭବ କରିବାକୁ ସଶକ୍ତ କରିବ ଏବଂ ଆତ୍ମବିଶ୍ୱାସ ସହିତ ଭବିଷ୍ୟତକୁ ଆଗକୁ ବଢାଇବାକୁ ସକ୍ଷମ କରିବ ।

## ବାରବାଟୀ ଷ୍ଟାଡିୟମରେ ପ୍ରକାଶ, ଚାହା ଖଟିରେ ଜମିଲା ଆସର



କଟକ,(ସବ୍ୟୁ):ସକାଳୁ ସକାଳୁ ଆଜି ବାରବାଟୀ ଷ୍ଟାଡିୟମ ପରିସରରେ ପହଂଚି ଯାଇଥିଲେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା । ପ୍ରଥମେ ସତ୍ୟବ୍ରତ ଷ୍ଟାଡିୟମ ପରିସରରେ ମର୍ଣ୍ଣିଂୱାକ କରୁଥିବା ପଥଚାରୀ ମାନଙ୍କ ସହ ହେଉଥିଲା ଭେଟ । ମେୟର ସୁବାସ ସିଂ ପଥଚାରୀ ମାନଙ୍କ ସହ ପରିଚୟ କରାଇଦେଉଥାନ୍ତି ପ୍ରକାଶ ବେହେରାଙ୍କୁ । ପ୍ରକାଶ ନିଜ ହାତରେ ଧରିଥିବା ପୁସିଂକାର୍ଡକୁ ବଢ଼ାଇଦେଇ ନିଜର ପରିଚୟ ଦେଉଥିଲେ ହସି ହସି । ଶଙ୍ଖ ଚିହ୍ନରେ ଦୁଇଥର ବଟନ ମାରି ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ସେ କରୁଥିଲେ ବିନମ୍ର ନିବେଦନ । ପଥଚାରୀ ମାନଙ୍କ ସହ ଭେଟ ହେବା ଅବସରରେ ସହରରେ ରହିଥିବା ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ସେଠାରୁ ସେ ଯାଇ ପହଂଚି ଥିଲେ ଚା ଖଟିରେ । ସେଠାରେ ଥିବା ସହରର ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହ ଆଲୋଚନା କରିଥିଲେ ।

# ଅଖିମୁଠି ଅନୁକୂଳ କଲେ ସଂତୃପ୍ତ

କଟକ (ସବ୍ୟୁ): (ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର କୁଜିବର ଗ୍ରାମରେ ଆୟୋଜିତ ଅଖିମୁଠି ଅନୁକୁଳ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଡଃ ସନ୍ତୃପ୍ତ ମିଶ୍ର ଓ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବିଲରେ ବିହନ ବୁଣିବା ସହିତ ଲଙ୍ଗଳ ଧରି ହଳ କରି ସ୍ଥାନୀୟ ଚାଷୀଙ୍କୁ ଉତ୍ସାହିତ କରିଥିଲେ । କୃଷି ଆମ ଦେଶର ମେରୁଦଣ୍ଡ । କୃଷକ ଟିଏ ଖୁସିରେ ରହିଲେ ଦେଶ ହସିବ । କୃଷକଙ୍କ ବିକାଶ ନିମନ୍ତେ ରାଜ୍ୟ ସରକାର ସଦାସର୍ବଦା ତତ୍ପର । କ୍ଷୁଦ୍ର ଚାଷୀଙ୍କ ଠାରୁ ଆରମ୍ଭ କରି ବୃହତ୍ତ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ରାଜ୍ୟରେ ବିଜୁ ଜନତା ଦଳର ସରକାର ଦ୍ୱାରା ହୋଇଥିବା କାଳିଆ ଯୋଜନା ବଳରେ ଲକ୍ଷାଧିକ ଚାଷୀ ଉପକୃତ ହେଉଛନ୍ତି ଛ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ଆୟୋଜିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।

## ବିଜେଡ଼ିରେ ଯୋଗଦେଲେ କଂଗ୍ରେସର ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରୁବାଳା ବେହେରା

ଭୁବନେଶ୍ୱର (ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ତଥା କଂଗ୍ରେସ ନେତ୍ରୀ ରୁବାଳା ବେହେରାଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବାରୁବାଳା ବେହେରା ଓ ଶତାଧିକ କଂଗ୍ରେସକର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁସ୍ୱାଗତକରିଥିଲେ। ଏହିମିଶ୍ରଣ ପର୍ବରେଭୋଳାନାଥ ବେହେରା, କସ୍ତୁରୀମାଝୀ, ଦ୍ରୋଣସେନ ବେହେରା, ଦ୍ରୌପଦୀ ବାରିକ, କୁନ୍ତି ସାହୁ, ଅହଲ୍ୟା ବେହେରା, ନୀଳକଣ୍ଠ ବାରିକ, ରୀତାସାହୁ, ଉର୍ମିଳା ତାଣ୍ଡି, ଯୋଗେଶ୍ୱର ବେହେରା, ମୁରଲୀଧର କୁମ୍ଭାର, ହର ମେହେର, ବିନୋଦିନୀ ବାଗ, ସୁମିତ୍ରା ଜାଲ, ନନ୍ଦିନୀ ବାଗ, ସୁଦାମ ଭୋଇ, ଯୁବରାଜ ବେହେରା, ପ୍ରଦୀପ ଭୋଇ, ଘାସିରାମ ସାହୁ, ବଂଶୀବାଗ, କୁରୁକ୍ଷେତ୍ର ଭୋଇ, ମନ ତାଣ୍ଡି, ଦିବାକର ବାଗଙ୍କ ସହଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ନାମାଙ୍କନପତ୍ର ଦାଖଲ

# ରୋଡ ଶୋ ରେ ସାମିଲ ବିଜେଡିର ଷ୍ଟାର କ୍ୟାମ୍ପେନର ଚିରଞ୍ଜୀବ ବିଶ୍ୱାଳ

ଜଗତସିଂହପୁର(ସବ୍ୟୁ): ବିଜେଡ଼ି ପକ୍ଷରୁ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଦିବସରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି । ଶୁକ୍ରବାର ସକାଳୁ ପ୍ରଶାନ୍ତ ମୁଦୁଲି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଝଙ୍କଡ ସ୍ଥିତ ମା ଶାରଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମାଙ୍କ ଦର୍ଶନ କରି ରୋଡ ଶୋରେ ନିକଟରେ ପହଞ୍ଚିଥିଲେ । ଢିଅସାହି ନିକଟ ବାଲି ଭଉଁରୀ ଛକ ନିକଟରୁ ଆରମ୍ଭ ହେବାକୁ ଥିବା ଏହି ରୋଡ ଶୋ ରେ ସକାଳ ୯ ଟା ସମୟରୁ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇଥିଲେ । ପ୍ରାୟ ୧୦.୩୦ ସମୟରେ ଆରମ୍ଭ ହୋଇଥିବା ରୋଡ ଶୋରେ ସାମିଲ ହୋଇଥିଲେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି, ବିଜେଡିର ଷ୍ଟାର କ୍ୟାମ୍ପେନର ତଥା ବରିଷ୍ଠ ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳ ଓ ଯୁବ ନେତା ପ୍ରଶାନ୍ତ କୁମାର ମଲ୍ଲିକ । ବାଲି ଭଉଁରୀ ଛକ ନିକଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିବା ଏହି ଶୋଭାଯାତ୍ରାରେ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇଥିଲେ । ପ୍ରଶାନ୍ତ ମୁଦୁଲି ଓ ଚିରଞ୍ଜୀବ ବିଶ୍ୱାଳଙ୍କ ଲୋକପ୍ରୀୟତା ଆଜିର ଏହି ରୋଡ ଶୋ ହୋଇଥିବା ଜନସମୁଦ୍ରରେ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଏହି ରୋଡ ଶୋକୁ ଦେଖି ବିରୋଧୀ ଛାନିଆ ହୋଇଥିବା ବେଳେ ଆଗରୁ ଏପରି ଜିଲ୍ଲାରେ ଏତେ ସଂଖ୍ୟକ ଲୋକମାନଙ୍କୁ ନେଇ ଏଭଳି ରୋଡ ଶୋ ହୋଇନଥିବା ଆଲୋଚନା ଜୋର ଧରିଛି । ବାଲି ଭଉଁରୀ ଛକରୁ ଏକ ସୁସଜ୍ଜିତ ଖୋଲା ଗାଡିରେ ଦୀର୍ଘ ୮ କିଲୋମିଟର ପର୍ଯ୍ୟନ୍ତ ହୋଇଥିବା ଏହି ଶୋଭାଯାତ୍ରାରେ ସ୍ୱତପ୍ରୁର୍ତ୍ତ ଭାବରେ ହଜାର ହଜାର ଲୋକ ସାମିଲ ହୋଇ ବିଜୁ ଜନତା ଦଳ ପ୍ରତି ଆନୁଗତ୍ୟ ଦେଖାଇଥିଲେ । ଶୋଭାଯାତ୍ରା ଚାଲିଥିବା ବେଳେ ବାଟ ସାରା ଉଭୟ ନେତାଙ୍କୁ ଲୋକେ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ପ୍ରଶାନ୍ତ ମୁଦୁଲି ୧୦୪–ବିଧାନସଭା ନିର୍ବାଚନ ପାଇଁ ରିଟର୍ଣ୍ଣୀ ଅଫିସର ତଥା ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଦାଖଲ ସମୟରେ ସାଙ୍ଗରେ ଥିଲେ ବରିଷ୍ଠ ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାଶ, ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କନକପ୍ରଭା ଲେଙ୍କା ଓ ଅଦ୍ୱୈତ କୁମାର ଜେନା । ନାମାଙ୍କନ ପତ୍ର ଦାଖଲ କରିବା ପରେ ପ୍ରଶାନ୍ତ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ବିକାଶର ଧାରାରେ ରହିଛି ବିଜୁ ଜନତା ଦଳ ଓ ବିକାଶ ପୁରୁଷ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିକାଶର ମୁଦ୍ଦା ଓ ଲୋକମାନଙ୍କର ସ୍ନେହ ଶ୍ରଦ୍ଧାକୁ ନେଇ ବିଜୁ ଜନତା ଦଳ ଲୋକମାନଙ୍କ ପାଖରେ ପହଞ୍ଚିଛି । ତେଣୁ ଲୋକେ ନିଶ୍ଚିୟ ବିଜୁ ଜନତା ଦଳକୁ ଆଶିର୍ବାଦ କରିବେ ବୋଲି କହିଥିଲେ ପ୍ରଶାନ୍ତ ।



**୨୫ ହଜାରରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ସାମିଲ**

## ତଳସରା ଓ ରାଜଗାଙ୍ଗପୁରରେ ପାଣ୍ଡିଆନଙ୍କ ପ୍ରଚାର

# ହକି ବିଶ୍ୱକପ୍ କରି ସୁନ୍ଦରଗଡ଼ ପାଇଁ, ସାରା ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଆଜି ଅପରାହ୍ନରେ ବିଜୁ ଜନତାଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତଳସରା ଓ ରାଜଗାଙ୍ଗପୁରରେ ବିଜେଡ଼ି ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ତଳସରା ବିଧାନସଭା ପ୍ରାର୍ଥୀ ବିନୟ ଟପ୍ପୋ ଓ ରାଜଗାଙ୍ଗପୁର ବିଧାନସଭା ପ୍ରାର୍ଥୀ ଅନିଲ ବରୁଆଙ୍କ ପାଇଁ ଯୋଡ଼ିଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଆର୍ଶୀବାଦ କରିବା ପାଇଁ ଅନୁରୋଧ କରିଛନ୍ତି । ବିରୋଧୀ ପ୍ରାର୍ଥୀଙ୍କୁ ଆକ୍ଷେପ କରି ସେ କହିଲେ ଯେ ଆପଣମାନେ ଏଠାରୁ ଜଣକୁ ୪/୫ ଥର ସାଂସଦ କରି ପଠାଇଲେଣି । ସେ କଣ ଆପଣଙ୍କ ସୁଖଦୁଃଖରେ ଆସି ଠିଆ ହେଉଛନ୍ତି ? ଆପଣଙ୍କ ପାଇଁ କାମ କରୁଛନ୍ତି । ସେହିଭଳି ଆପଣ ଯାହାକୁ ବିଧାୟକ କରି ପଠାଇଥିଲେ ୫ ବର୍ଷ ମଧ୍ୟରେ ଥରେ ବି ଆପଣଙ୍କର କୌଣସି ସମସ୍ୟା ନେଇ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିନାହାନ୍ତି ।

ସେ କହିଲେ ଯେ କେନ୍ଦ୍ରର ବିଜେପି ସରକାର ୨୦୧୪–୨୦୧୯ ସବୁ ନିର୍ବାଚନରେ ଦର ଦାମ୍ କମେଇବା କଥା କହିଛନ୍ତି, କିନ୍ତୁ ଆପଣଙ୍କ ଏଲ୍.ପି.ଜି. ସିଲିଣ୍ଡର ଦାମ୍ କମିଲା କି, ପେଟ୍ରୋଲ, ଡିଜେଲ ଦାମ କମିଲା କି ? ପ୍ରତିବର୍ଷ ୨ କୋଟି ଚାକିରୀ ଦେବେ ବୋଲି କହିଥିଲେ । ସେହି ହିସାବରେ ଓଡ଼ିଶାରେ ୮୦ ଲକ୍ଷ ନିଯୁକ୍ତି ମିଳିବା କଥା । ସୁନ୍ଦରଗଡ଼ରେ ୫ ଲକ୍ଷ ନିଯୁକ୍ତି ମିଳିବା କଥା । କିନ୍ତୁ ଆପଣମାନେ କେନ୍ଦ୍ରସରକାରଙ୍କ ଠାରୁ ଚାକିରୀ ପାଇଛନ୍ତି କି ? କେବଳ ମିଛ । କେନ୍ଦ୍ରମନ୍ତ୍ରୀଙ୍କୁ ଟାରଗେଟ କରି କହିଲେ ଯେ, ଆପଣଙ୍କ କେନ୍ଦ୍ରଶିକ୍ଷା ମନ୍ତ୍ରୀ ୧୦ ବର୍ଷ ହେଲା ମନ୍ତ୍ରୀ ହେଲେଣି । ଓଡ଼ିଶାରେ ଗୋଟିଏ ହେଲେ ବି ଶିକ୍ଷାନୁଷ୍ଠାନ କରିଛନ୍ତି କି ? କୌଣସି ସ୍କଲାରସିପ ସ୍କିମ୍ କରିଛନ୍ତି କି ? କେବଳ ବଡ଼ ବଡ଼ କଥା କହିବା ଛଡ଼ା ସେମାନେ କିଛି ଜାଣନ୍ତି ନାହିଁ ।

ବିଜୁ ଜନତା ଦଳର ଇସ୍ତାହାରରେ ଖୁସି ଖବର ଆସିଛି । ଜୁଲାଇ ମାସରୁ ରାଜ୍ୟର ୯୦ ପ୍ରତିଶତ ପରିବାରକୁ ଆଉ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ । ନୂଆ–ଓ ରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଚିନ୍ତା ଦୂର ହୋଇଛି, ଏବେ ପୁଣି ନୂଆ–ଓ ରେ ଝିଅଙ୍କୁ ୧୪ ହଜାର ଓ ପୁଅଙ୍କୁ ୧୨ ହଜାର ଦିଆଯିବ । ମୋର ବିଶ୍ୱାସ ଚଳିତ ନିର୍ବାଚନରେ ଆପଣମାନେ ମୁଖ୍ୟମନ୍ତ୍ରୀଙ୍କୁ ବହୁ ସଂଖ୍ୟାରେ ଆଶୀର୍ବାଦ କରିବେ ।

ଶ୍ରୀ ପାଣ୍ଡିଆନ ଆହୁରି ମଧ୍ୟ କହିଥିଲେ ଯେ ଚାଷୀ ଭାଇଭଉଣୀମାନଙ୍କ ବନ୍ଧୁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ । ଚାଷୀ ଓ ଚାଷର ଉନ୍ନତି ପାଇଁ ସେ ସବୁବେଳେ କାମ କରିଥାନ୍ତି । ଗତକାଲି ଯେଉଁ ଇସ୍ତାହାର ପ୍ରକାଶ ପାଇଛି ସେଥିରେ ମୁଖ୍ୟମନ୍ତ୍ରୀ ଚାଷୀ ପରିବାରର ଝିଅ ବାହାଘର ପାଇଁ ୨୫,୦୦୦ ଟଙ୍କା, ପିଲାମାନଙ୍କ ପାଠ ପଢ଼ିବା ପାଇଁ କାଳିଆ ଛାତ୍ର ବୃତ୍ତି, ଚାଷୀମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଓ ସେମାନଙ୍କର କୃଷିକାର୍ଯ୍ୟ ଓ ଘରୋଇକାର୍ଯ୍ୟରେ ବ୍ୟବହୃତ ବିଜୁଳି ବିଲ୍ଲ ଛାଡ଼ କରିଛନ୍ତି । ବି.ଏସ୍.କେ.ୱାଇରେ ସାମିଲ ହୋଇନଥିବା ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯିବ । ସୁନ୍ଦରଗଡ଼ ଠାରେ ବିଶ୍ୱକପ୍ ହକି ଆୟୋଜନ କରି ସୁନ୍ଦରଗଡ଼କୁ ନୂଆ ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ତଳସରା ନିର୍ବାଚନ ମଣ୍ଡଳୀରେ ବିକାଶର ହିସାବ ସେ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ଦୁଇଜଣ ଯୁବପ୍ରାର୍ଥୀ ଦେଇଛନ୍ତି । ସେମାନେ ଆପଣଙ୍କ ସୁଖଦୁଃଖର ସାଥୀ ହେବେ । ଆପଣ ସେମାନଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେଇ ଆଶୀର୍ବାଦ କରନ୍ତୁ । ଦିଲ୍ଲୀପ ବାବୁ ଭାରତୀୟ ହକି ଟିମ୍‌ର କ୍ୟାପଟେନ୍ ଥିଲେ । ସେ ହେଉଛନ୍ତି ଆପଣମାନଙ୍କର ଗୌରବ, ସାରା ରାଜ୍ୟର ଗୌରବ । ତାଙ୍କୁ ଆପଣ ଭୋଟ ଦେଲେ ସାରା ଓଡ଼ିଶାର ସମ୍ମାନ ବଢ଼ିବ ।

## ବ୍ରିଜଭୂଷଣଙ୍କ ବିରୋଧରେ ଚାର୍ଜଫ୍ରେମ କଲେ କୋର୍ଟ



**ନୂଆଦିଲ୍ଲୀ:** ବିଳା ବିଜେପି ସାଂସଦ ତଥା କୁସ୍ତି ମହାସଂଘର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂହଙ୍କ ଅଡୁଆ । ଆଜି ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ତାଙ୍କ ବିରୋଧରେ ଚାର୍ଜଫ୍ରେମ କରିଛନ୍ତି । ତାଙ୍କ ବିରୋଧରେ ୬ ଜଣ ମହିଳା ରେସଲର ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ ।

କୋର୍ଟ କହିଛନ୍ତି ଯେ ୬ଟିରୁ ୫ଟି ମାମଲାରେ ଚାର୍ଜଫ୍ରେମ କରିବାକୁ ବ୍ରିଜଭୂଷଣଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ମିଳିଛି । କୋର୍ଟ ୫ଟି ମାମଲାରେ ଆଇପିସିର ଧାରା ୩୫୪ ଓ ୩୫୪ଡିରେ ଚାର୍ଜଫ୍ରେମ କରିଥିବା ବେଳେ ବ୍ରିଜଭୂଷଣଙ୍କ ବିରୋଧରେ ଥିବା ୬ଟି ମାମଲାକୁ ତଥ୍ୟ ଅଭାବରୁ ଖାରଜ କରି ଦେଇଛନ୍ତି ।

ଏପ୍ରିଲ ୧୮ରେ କୋର୍ଟ ଚାର୍ଜଫ୍ରେମ ସମ୍ପର୍କରେ ରାୟ ଦେବାର ଥିଲା । କିନ୍ତୁ ବ୍ରିଜଭୂଷଣ କୋର୍ଟରେ ଗୋଟିଏ ଆବେଦନ କରିଥିଲେ । ୨୦୨୨ ସେପ୍ଟେମ୍ବର ୭ରେ ସେ କୁସ୍ତି ମହାସଂଘ ଅଫିସରେ ଥିବା ନେଇ ରିପୋର୍ଟର ପୁନଃ ଯାଞ୍ଚ ପାଇଁ ଦାବି କରଥିଲେ । ତେବେ ତାଙ୍କ ଆବେଦନ ଏପ୍ରିଲ ୨୬ରେ ଖାରଜ ହୋଇ ଯାଇଥିଲା ।

ବ୍ରିଜଭୂଷଣଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କରି ଦିଲ୍ଲୀ ପୁଲିସ୍ ଗତବର୍ଷ ଜୁନରେ ଚାର୍ଜଶିଟ ଦାଖଲ କରତଥିଲା । ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟରେ ପୁଲିସ୍ ଚାର୍ଜଶିଟ ଦାଖଲ କରିଥିଲା । ଧାରା ୩୫୪, ୩୫୪-ଏ, ୩୫୪-ଡି ଓ ୫୦୬ ଦଫାରେ ପୁଲିସ ଚାର୍ଜଶିଟ ଫାଇଲ କରିଥିଲା ।

କୁସ୍ତି ମହାସଂଘର ସଭାପତି ଥିବା ବେଳେ ବ୍ରିଜଭୂଷଣ ଦେଶର ଏକାଧିକ ଷ୍ଟାର ମହିଳା ରେସଲରଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା । ଏନେଇ ରେସଲରମାନେ ତାଙ୍କ ବିରୋଧରେ ବିକ୍ଷୋଭ ମଧ୍ୟ କରିଥିଲେ ।

# ଇତିହାସ ଭାଙ୍ଗିବେ କି ମୋଦି




**ନୂଆଦିଲ୍ଲୀ:** କିଏ ଜିତିବ ୨୦୨୪ ବାଜି । କାହାର ହେବ ସରକାର । ଚାଲିଛି ମହାସଂଗ୍ରାମ । ସରକାର ଆସନ୍ତି ଆଉ ଯାଆନ୍ତି ଦେଶରେ ପ୍ରତି ୫ ବର୍ଷରେ ଥରେ ହୁଏ ନିର୍ବାଚନ ଅନୁଷ୍ଠିତ ହୁଏ । କିନ୍ତୁ ସମୟ ଥିଲା ଯେତେବେଳେ ଦେଶ ଅନେକ ପ୍ରଧାନମନ୍ତ୍ରୀ ପାଇଥିଲା । ସରକାର ସ୍ଥାୟୀ ନଥିଲା । ଏବଂ ପ୍ରତ୍ୟେକ ଥର ସେମାନଙ୍କର ଚେହେରା ବଦଳିଗଲା । ଡିସେମ୍ବର ୨, ୧୯୮୯ରୁ ମାର୍ଚ୍ଚ ୧୯, ୧୯୮୯ ଅର୍ଥାତ ନ ବର୍ଷ ମଧ୍ୟରେ ଦେଶ ୬ଜଣ ପ୍ରଧାନମନ୍ତ୍ରୀ ପାଇଥିଲା । ତେବେ ୧୯୮୯ ପରେ ସରକାରରେ ସ୍ଥିରତା ରହିଥିଲା । ଏବଂ ଦେଶ ଅଟଳ ବିହାରୀ ବାଜପେୟୀ , ମନମୋହନ ସିଂ ଏବଂ ନରେନ୍ଦ୍ର ମୋଦିଙ୍କ ଭଳି ନେତାଙ୍କ ପ୍ରଧାନମନ୍ତ୍ରୀ ଭାବରେ ଗ୍ରହଣ କରିଥିଲେ । ଏହି ୬ ପ୍ରଧାନମନ୍ତ୍ରୀ ଆସନ୍ତୁ ଜାଣିବା ଯିଏ କି ପୁରଣ କରିପାରିନଥିଲେ ଏହି ସବୁ କାର୍ଯ୍ୟକାଳ ।

ବିଶ୍ୱନାଥ ପ୍ରତାପ ସିଂ । ବିଶ୍ୱନାଥ ପ୍ରତାପ ସିଂଙ୍କୁ ଭିପି ସିଂ ନାମରେ ଲୋକମାନେ ଜାଣିଛନ୍ତି । କଂଗ୍ରେସରୁ ଇସଫା ଦେବା ପରେ ଭିପି ସିଂ ଡିସେମ୍ବର ୨ ୧୯୮୯ରେ ଜନତା ଦଳ ସରକାରରେ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ । ତାଙ୍କ ସରକାର ମାତ୍ର ୩୪୩ ଦିନ ଚାଲିଲା । ବିଜେପିର ସମର୍ଥନ ପ୍ରତ୍ୟାହାର ହେତୁ ତାଙ୍କ ସରକାର ୧୦ ନଭେମ୍ବର ୧୯୯୦ରେ ଭାଙ୍ଗି ଯାଇଥିଲା ।

ଭିପି ସିଂଙ୍କ ପରେ ଜନତା ଦଳର ନେତା ଚନ୍ଦ୍ରଶେଖର ଶେଖର ସିଂ କଂଗ୍ରେସ ସହାୟତାରେ ସରକାର ଗଠନ କରିଥିଲେ । କିନ୍ତୁ ମାର୍ଚ୍ଚ ୬ ୧୯୯୧ରେ ତାଙ୍କୁ ପଦବୀରୁ ଇସ୍ତଫା ଦେବାକୁ ପଡିଥିଲା । ତେବେ ନୂଆ ସରକାର ଗଠନ ଯାଏ ସେ ତାଙ୍କ ପଦରେ ରହିଥିଲେ । ଚନ୍ଦ୍ରଶେଖରଙ୍କ ସରକାର ମାତ୍ର ୨୨୩ ଦିନ ପୁରଣ କରିଥିଲା । ରାଜୀବ ଗାନ୍ଧିଙ୍କ ଜାସୁସି କରିବା ଅଭିଯୋଗରେ ଚନ୍ଦ୍ରଶେଖରଙ୍କୁ ଇସ୍ତଫା ଦେବାକୁ ପଡିଥିଲା ।

ଏହାପରେ ସରକାରକୁ ଆସିଥିଲେ ପିଭି ନାରାୟଣ ସିଂ ରାଓ । ପିଭି ନାରାୟଣ ସିଂ ରାଓ ଦକ୍ଷିଣ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ । ଏହି ପଦବୀରେ ସେ ମାତ୍ର ୧୬ ମେ ୧୯୯୬ ଯାଏଁ ରହିଥିଲେ । ନରସିଂହ ରାଓ ସରକାର ଚାରି ବର୍ଷ ୩୩୦ ଦିନ ଚାଲିଲା । ୧୯୯୬ ରୁ ଆରମ୍ଭ ହୋଇଥିଲା ବାଜପେୟୀ ସରକାର । ୧୬ ମଇ ୧୯୯୬ରେ ପ୍ରଥମ ଥର ପାଇଁ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କର ମିଳିତ ସରକାର କେବଳ ୧୩ ଦିନ ଧରି ଚାଲିଲା । ଗୃହରେ ସଂଖ୍ୟା ଗରିଷ୍ଠତା ଅଭାବରୁ ତାଙ୍କ ସରକାର ଜୁନ ୧ ୧୯୯୬ରେ ଭାଙ୍ଗି ଯାଇଥିଲା । । ମାର୍ଚ୍ଚ ୧୯,୧୯୯୮ରେ ଅଟଳ ବିହାରୀ ବାଜପେୟୀ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ । କିନ୍ତୁ ପରେ ବାଜପେୟୀ ସରକାର ଗୋଟିଏ ଭୋଟରେ ସଂଖ୍ୟାଗରିଷ୍ଠତା ହରାଇଲେ । ଏବଂ ଭାଙ୍ଗିଗଲା ବାଜପେୟୀ ସରକାର । ଜୁନ ୧ ,୧୯୯୬ରେ ଜନତା ଦଳର ଏଚଡି ଦେବେ ଗୌଡା ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ । ତାଙ୍କ ସରକାର ୩୨୪ ଦିନ ଚାଲିଥିଲା । ଏବଂ ୨୧ ଏପ୍ରିଲ ୧୯୯୭ ରେ ଏଚଡି ଦେବେ ଗୌଡଙ୍କୁ ମଧ୍ୟ ୨୧ ଏପ୍ରିଲ ୧୯୯୭ ରେ ଇନ୍ଦର କୁମାର ଗୁଜରାଲ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ ତାଙ୍କୁ ୧୯ ମାର୍ଚ୍ଚ ୧୯୯୮ରେ ଏହି ପଦରୁ ଇସ୍ତଫା ଦେବାକୁ ପଡିଥିଲା । ଗୁଜୁରାଟ ସରକାର ୩୩୨ ଦିନ ଧରି ଚାଲିଲା । ତେବେ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଭାବରେ ଦୀର୍ଘତମ କାମ କରିଛନ୍ତି । ସେ ୧୬ ବର୍ଷ ୨୮୬ ଦିନ ପ୍ରଧାନମନ୍ତ୍ରୀ ରହିଥିଲେ । ୧୯୯୬ରେ ପ୍ରଧାନମନ୍ତ୍ରୀ ଭାବରେ ସବୁଠାରୁ କମ ପ୍ରଧାନମନ୍ତ୍ରୀ ଭାବରେ କାମ କରିଛନ୍ତି ଅଟଳ ବିହାରୀ ବାଜପେୟୀଙ୍କର ଥିଲା । ସେ ଏହି ପଦବୀରେ ମାତ୍ର ୧୩ ଦିନ ରହିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଏବେ ୨୪ରେ ସରକାର ବଦଳିବ ନା ପୁଣି ସେହି ସରକାର ଶାସନ କ୍ଷମତାକୁ ଆସି ରେର୍କଡ କରିବ ତାହା ଉପରେ ସମସ୍ତଙ୍କ ନଜର ।

## ଖୋଲିଲା ବାବା କେଦାରନାଥଙ୍କ ମନ୍ଦିର



**ନୂଆଦିଲ୍ଲୀ:** ଆଜି ପୂରା ରୀତିନୀତି ସହ ଭାରତ ଓ ବିଦେଶର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛି । କେଦାରନାଥ ଧାମର ଦ୍ୱାର । ଏହି ସମୟରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ସେଠାରେ ପହଞ୍ଚିଛନ୍ତି । ଦ୍ୱାର ଖୋଲିବାର ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ ଧାମରେ ପହଞ୍ଚିଛନ୍ତି । ଧାମରେ ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ୱାସ ପଥ ନିର୍ମାଣ କରାଯାଇଛି । ସେହିପରି ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ଧାମର ଦ୍ୱାର ମଧ୍ୟ ଆଜି ବିଦେଶରେ ଭକ୍ତଙ୍କ ପାଇଁ ଖୋଲାଯିବ ।

ନିର୍ଦ୍ଧାରିତ ମୁହୂର୍ତ୍ତ ଅନୁଯାୟୀ ରୀତିନୀତି ଓ ଧାର୍ମିକ ପରମ୍ପରା ଅନୁଯାୟୀ କେଦାରନାଥ ରାଓ୍ୱଲ ଭୀମଶଙ୍କର ଲିଙ୍ଗ, ମୁଖ୍ୟ ପୂଜକ ଶିବ ଶଙ୍କର ଲିଙ୍ଗ, ପ୍ରଶାସନ, ବିକେଟିସି ଅଧିକାରୀ ଏବଂ ସ୍ଥାନୀୟ ଲୋକ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଦ୍ୱାର ଖୋଲାଯାଇଥିଲା । ପ୍ରଶାସନ ଉପସ୍ଥିତିରେ ମୁଖ୍ୟ ଫାଟକର ତାଲା ଖୋଲାଯାଇଥିଲା । ଏହାପରେ ଗର୍ଭଗୃହର କବାଟ ଖୋଲାଯାଇଥିଲା । ରାଓ୍ୱଲ ଓ ମୁଖ୍ୟ ପୂଜକ ଗର୍ଭଗୃହରେ ପୂଜାର୍ଚ୍ଚନା କରିଥିଲେ ।

## ନରେନ୍ଦ୍ର ଦାଭୋଲକରଙ୍କ ହତ୍ୟା ମାମଲାର ରାୟ ଶୁଣାଣି

### ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ:** ୧୧ ବର୍ଷ ପରେ ନରେନ୍ଦ୍ର ଡୋଭାଲକର ହତ୍ୟା ମାମଲାରେ କୋର୍ଟ ରାୟ ଶୁଣାଇଛନ୍ତି । ଅନ୍ଧବିଶ୍ୱାସ ବିରୋଧରେ ଆନ୍ଦୋଳନ କରୁଥିବା ସମାଜସେବୀ ନରେନ୍ଦ୍ର ଦାଭୋଲକର ହତ୍ୟା ମାମଲାରେ ପୁଣେର ଏକ ସ୍ୱତନ୍ତ୍ର କୋର୍ଟ ଆଜି ରାୟ ଶୁଣାଇଛନ୍ତି । କୋର୍ଟ ୨ଜଣ ଦୋଷୀ ସଚିନ ଆଣ୍ଡୁରେ ଏବଂ ଶରଦ କଲାସ୍କରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୩ ଅଭିଯୁକ୍ତ ସଞ୍ଜୀବ, ବିକ୍ରମ ଓ ବୀରେନ୍ଦ୍ର ସିଂ ତାୱ୍ୱଡଙ୍କୁ ଦୋଷମୁକ୍ତ କରିଛନ୍ତି । ୨୦୧୩ ମସିହା ଅଗଷ୍ଟ ୨୦ ତାରିଖରେ ପୁଣେର ଓମକାରେଶ୍ୱର ବ୍ରିଜରେ ସକାଳୁ ବୁଲିବାକୁ ଯାଇଥିବା ବେଳେ ଦାଭୋଲକରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ୫ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା ।

ପ୍ରଥମେ ପୁଣେ ପୁଲିସ ଏହି ମାମଲାର ତଦନ୍ତ କରୁଥିଲା, କିନ୍ତୁ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇକୁ ୨୦୧୪ରେ ଏହି ମାମଲାକୁ ନିଜ ହାତକୁ ନେଇଥିଲା ଏବଂ ୨୦୧୬ ଜୁନ୍ ମାସରେ ହିନ୍ଦୁ ଦକ୍ଷିଣପନ୍ଥୀ ସଂଗଠନ ସନାତନ



ସଂସ୍ଥା ସହ ଜଡ଼ିତ ଡାକ୍ତର ବୀରେନ୍ଦ୍ର ସିଂ ତାୱ୍ୱଡେଙ୍କୁ ଗିରଫ କରିଥିଲା । ତାୱ୍ୱଡେ ଏହି ହତ୍ୟାକାଣ୍ଡର ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା ।

ସୂଚନା ମୁତାବକ, ଦାଭୋଲକରଙ୍କ ମହାରାଷ୍ଟ୍ର ଅନ୍ଧ ଶ୍ରଦ୍ଧା ନିର୍ମୁଳନ ସମିତି ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ସନାତନ ସଂସ୍ଥା ବିରୋଧ କରୁଥିଲା । ତାୱ୍ୱଡେ ଏବଂ ଅନ୍ୟ କିଛି ଅଭିଯୁକ୍ତ ଏହି ଅନୁଷ୍ଠାନ ସହିତ ଜଡିତ ଥିଲେ । ସିବିଆଇ ତାଙ୍କ ଚାର୍ଜସିଟରେ ପ୍ରଥମେ ପଳାତକ ସାରଙ୍ଗ ଆକୋଲକର ଏବଂ ବିନୟ ପାୱ୍ୱାରଙ୍କୁ ବନ୍ଧୁକଚାଳକ ଭାବେ ନାମିତ କରିଥିଲା, କିନ୍ତୁ ପରେ ସଚିନ ଆଣ୍ଡୁରେ ଏବଂ ଶରଦ କଲାସ୍କରଙ୍କୁ ଗିରଫ କରିଥିଲା ଏବଂ ଏକ ସପ୍ଲିମେଣ୍ଟାରୀ ଚାର୍ଜସିଟରେ ଦାବି କରିଥିଲା ଯେ ସେମାନେ ଦାଭୋଲକରଙ୍କୁ ଗୁଳି କରିଥିଲେ । ଏହାପରେ କେନ୍ଦ୍ରୀୟ ଏଜେନ୍ସି ଆଇନଜୀବୀ ସଞ୍ଜୀବ ପୁନାଲେକର ଓ ବିକ୍ରମ ଭାବେଙ୍କୁ ସହ-ଷଡ଼ଯନ୍ତ୍ରକାରୀ ଭାବେ ଗିରଫ କରିଥିଲା ।

ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୧୨୦ବି (ଷଡ଼ଯନ୍ତ୍ର), ୩୦୨ (ହତ୍ୟା), ଅସ୍ତ୍ରଶସ୍ତ୍ର ଆଇନର ସମ୍ପୃକ୍ତ ଧାରା ଏବଂ ୟୁଏପିଏର ଧାରା ୧୬ (ଆତଙ୍କବାଦୀ କାର୍ଯ୍ୟ ପାଇଁ ଦଣ୍ଡ) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ତାୱ୍ୱଡେ, ଆନ୍ଦୁରେ ଓ କାଲାସ୍କର ଜେଲରେ ଥିବା ବେଳେ ପୁନାଲେକର ଓ ଭାବେ ଜାମିନରେ ଅଛନ୍ତି । ଦାଭୋଲକରଙ୍କ ହତ୍ୟା ପରେ ପରବର୍ତ୍ତୀ ୪ ବର୍ଷ ମଧ୍ୟରେ ଆହୁରି ତିନୋଟି କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା । କମ୍ୟୁନିଷ୍ଟ ନେତା ଗୋବିନ୍ଦ ପାନସାରେ , କନ୍ନଡ ପଣ୍ଡିତ ଏବଂ ଲେଖକ ଏମଏମ ପାନସାରେ ଏବଂ ପଦ୍ମ ନାରାୟଣନ । ସେଗୁଡ଼ିକ ମଧ୍ୟରେ କଲବୁର୍ଗି ଏବଂ ବେଙ୍ଗାଲୁରୁ ସାମ୍ବାଦିକ ଗୌରୀ ଲଙ୍କେଶଙ୍କ ହତ୍ୟା କାଣ୍ଡ ଅନ୍ତର୍ଭୁକ୍ତ । ଏହି ୪ଟି ମାମଲାର ଅପରାଧୀ ପରସ୍ପର ସହ ସମ୍ପୃକ୍ତ ଥିବା ସନ୍ଦେହ ଯାଉଥିଲା ।

## ଭାରତ ଆସିବେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା !


**ନୂଆଦିଲ୍ଲୀ:** ଗତ ଗୁରୁବାର ଦିନ ବୈଦେଶିକ ସଚିବ କ୍ୱାତ୍ରା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କୁ ଭେଟିଥିଲେ । ଏହି ସମୟରେ ସୁରକ୍ଷା, ଜଳ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ଶକ୍ତି ଏବଂ ଶକ୍ତି, ପ୍ରତିରକ୍ଷା, ସଂଯୋଗ ଏବଂ ଉପ-ଆଞ୍ଚଳିକ ସହଯୋଗ ସମେତ ଦୁଇ ଦେଶ ମଧ୍ୟରେ ଦୃଢ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯାଇଥିଲା । ବୈଦେଶିକ ସଚିବ ବିନୟ କ୍ୱାତ୍ରାଙ୍କ ବାଂଲାଦେଶ ଗସ୍ତ ସମ୍ପର୍କରେ ଗୁରୁବାର ଦିନ ବୈଦେଶିକ ଏହା ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଏହା ଭାରତ-ବାଂଲାଦେଶ ଭାଗିଦାରୀକୁ ବୃଦ୍ଧି କରିବ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଏକ ନୂତନ ମୋଡ଼ ପ୍ରଦାନ କରିବ । ସେ କହିଛନ୍ତି ଯେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର, ଆପଣ ଜାଣନ୍ତି । ବୈଦେଶିକ ସଚିବ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଛନ୍ତି ।

ମନ୍ତ୍ରଣାଳୟର ମୁଖପାତ୍ର ରନ୍ଧୀର ଜୈସୱ୍ୱାଲ କହିଛନ୍ତି ଯେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଆମର ପଡ଼ୋଶୀ ପ୍ରଥମ ନୀତି ଅନୁଯାୟୀ ଆମେ ବାଂଲାଦେଶକୁ ବହୁତ ଗୁରୁତ୍ୱ ଦେଉଛୁ । କ୍ୱାତ୍ରାଙ୍କ ଗସ୍ତ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସେ ଏହା କହିଛନ୍ତି । ରନ୍ଧୀର ଜୈସୱ୍ୱାଲ କହିଛନ୍ତି ଯେ ଭାରତ ବାଂଲାଦେଶର ଏକ ପ୍ରମୁଖ ବିକାଶ ଭାଗିଦାରୀ ଏବଂ ଏହି ଅଞ୍ଚଳର ଏହାର ବୃହତ୍ତମ ବାଣିଜ୍ୟ ଭାଗିଦାରୀ ଅଟେ । ତେଣୁ ବୈଦେଶିକ ସଚିବଙ୍କ ଗସ୍ତ ଭାଗିଦାରୀକୁ ଏକ ବଡ଼ ଉତ୍ସାହ ଦେବ ଏବଂ ଏହି ସମ୍ପର୍କକୁ ଏକ ନୂତନ ପ୍ରେରଣା ଦେବ । କ୍ୱାତ୍ରା ଗୁରୁବାର ଦିନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କୁ ଭେଟି ସୁରକ୍ଷା, ଜଳ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ଶକ୍ତି ଏବଂ ଶକ୍ତି, ପ୍ରତିରକ୍ଷା, ସଂଯୋଗ ଏବଂ ଉପ-ଆଞ୍ଚଳିକ ସହଯୋଗ ସମେତ ଦୁଇ ଦେଶ ମଧ୍ୟରେ ଦୃଢ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଛନ୍ତି । ଜାନୁଆରୀ ୨୦୨୪ ରେ ବାଂଲାଦେଶରେ ନୂତନ ସରକାର ଗଠନ ପରେ ଭାରତର ଜଣେ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଏହା ଢାକାକୁ ପ୍ରଥମ ସରକାରୀ ଗସ୍ତ । ଏହି ଗସ୍ତ ସମୟରେ କ୍ୱାତ୍ରା ବାଂଲାଦେଶ ବୈଦେଶିକ ମନ୍ତ୍ରୀ ହାସନ ମହମୁଦ ଏବଂ ତାଙ୍କ ପ୍ରତିପକ୍ଷ ମାସୁଦ ବିନ୍ ମୋମେନଙ୍କୁ ମଧ୍ୟ ଭେଟିଥିଲେ । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛନ୍ତି ଯେ ବୈଦେଶିକ ସଚିବଙ୍କ ଏହି ଗସ୍ତ ଦ୍ୱାରା ଦ୍ୱୀପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି । ବୈଦେଶିକ ସଚିବ ରାଜନୈତିକ ଏବଂ ସୁରକ୍ଷା, ଜଳ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ଶକ୍ତି ଏବଂ ଶକ୍ତି, ପ୍ରତିରକ୍ଷା, ସଂଯୋଗ ଏବଂ ଉପ-ଆଞ୍ଚଳିକ ସହଯୋଗ ସହିତ ବ୍ୟାପକ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଛନ୍ତି । ଢାକା ସୂତ୍ରରୁ ପ୍ରକାଶ ଯେ ଭାରତର ପଡୋଶୀ ପ୍ରଥମ ନୀତି ଅନୁଯାୟୀ ବୁଧବାର ସନ୍ଧ୍ୟାରେ ଏଠାକୁ ଆସିଥିବା କ୍ୱାତ୍ରା ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ଗସ୍ତ କରିବାକୁ ଆମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ବିଶ୍ୱ ନେତା ଯିଏକି ହସିନାଙ୍କୁ ପୁନର୍ବାର ନିର୍ବାଚନରେ ଅଭିନନ୍ଦନ ଜଣାଇଛନ୍ତି ।

# କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଭାଗ ନେବ ଭାରତ

**ନୂଆଦିଲ୍ଲୀ:** କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ବେଳେ ଏହା ଭାରତ ପାଇଁ ଏକ ସ୍ୱତନ୍ତ୍ର ବର୍ଷ । କର୍ପୋରେଟ୍ ଇଣ୍ଡିଆନ୍ ପ୍ରତିନିଧି ଦଳରେ ଭାରତ ସରକାର, ରାଜ୍ୟ ସରକାରଙ୍କ ପ୍ରତିନିଧି, ଶିଳ୍ପର ସଦସ୍ୟମାନେ୍ ବିଶ୍ୱର ଅଗ୍ରଣୀ ଚଳଚିତ୍ର ବଜାରରେ ଭାରତର ଶୃଜନଶୀଳ ଅର୍ଥନୀତିକୁ ପ୍ରଦର୍ଶନ କରିବେ ।

୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଥମ ଥର ପାଇଁ ଭାରତ ପର୍ବ ଆୟୋଜନ କରାଯିବ । ଯେଉଁଥିରେ ବିଶ୍ୱର ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । ଯେଉଁଥିରେ ବିଶ୍ୱର ଚଳଚିତ୍ର ସେଲିବ୍ରିଟି, ଚଳଚିତ୍ର ନିର୍ମାତା, ନିର୍ଦ୍ଦେଶକ, ପ୍ରାୟୋଜକ, କ୍ରେତା ଏବଂ ବିକ୍ରେତା ଏଜେଣ୍ଟଙ୍କ ସହ ଯୋଗାଯୋଗ କରିବା ସହ ସୃଜନଶୀଳ ସୁଯୋଗ ଏବଂ ସୃଜନଶୀଳ ପ୍ରତିଭାର ଏକ ସମୃଦ୍ଧ ବ୍ୟାଙ୍କକୁ ପ୍ରଦର୍ଶିତ କରାଯିବ । ନଭେମ୍ବର ୨୦-୨୮,ରେ ଗୋଆରେ ଆୟୋଜିତ ହେବାକୁ ଥିବା ୫୫ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲର ଅଫିସିଆଲ ପୋଷ୍ଟର ଓ ଟ୍ରେଲର ଭାରତ ପର୍ବରେ ଉନ୍ମୋଚିତ ହେବ । ଭାରତ ପର୍ବରେ ୫୫ତମ ଆଇଏଫଏଫଆଇ ସହ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ ଆଣ୍ଡ





ଏଣ୍ଟରଟେନମେଣ୍ଟ ସମିଟର ସେଭ ଦି ଡେଟ୍ ରିଲିଜ୍ ହେବ । ୧୦୮ ଗ୍ରାମ ଇଣ୍ଟରନ୍ୟାସନାଲ ରିଭିଏରାଠାରେ ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତ ପ୍ୟାଭିଲିୟନ୍ ମେ ୧୫ ତାରିଖରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଉପସ୍ଥିତିରେ ଉଦଘାଟିତ ହେବ । କାନ୍ସରେ ଥିବା ଭାରତ ପ୍ୟାଭିଲିୟନ୍ ଭାରତୀୟ ଚଳଚ୍ଚିତ୍ର ସମୁଦାୟ ପାଇଁ ପ୍ରଯୋଜନା ସହଯୋଗକୁ ପ୍ରୋତ୍ସାହିତ କରିବା, କ୍ୟୁରେଟେଡ୍ ଜ୍ଞାନ ଅଧିବେଶନ, ବିତରଣ ଚୁକ୍ତି ସ୍ୱାକ୍ଷର, ଗ୍ରୀନଲାଇଟିଂ ସ୍କ୍ରିପ୍ଟ, ବି୨ବି ବୈଠକ ଏବଂ ବିଶ୍ୱର ପ୍ରମୁଖ ମନୋରଞ୍ଜନ ଏବଂ ଗଣମାଧ୍ୟମ ଖେଳାଳିଙ୍କ ସହିତ ନେଟୱ୍ୱର୍କିଂ ସମେତ ବିଭିନ୍ନ କାର୍ଯ୍ୟକଳାପରେ ନିୟୋଜିତ ହେବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ । ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍ଏଫଡିସି) ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଏହି ପ୍ୟାଭିଲିୟନ୍ ଆୟୋଜନ କରାଯିବ । ଏହି ଶିଳ୍ପକୁ ଯୋଡ଼ିବା ଏବଂ ସହଯୋଗ କରିବା ପାଇଁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ମାଧ୍ୟମରେ ମାର୍ଚେ ଡୁ କାନ୍ସରେ ଏକ ୩୯ଭାରତ ଷ୍ଟଲ୍୩୯ ରଖାଯିବ । ଚର୍ଚ୍ଚାରେ ଥିବା ପାୟଲ କାପାଡିଆଙ୍କ ଅଭିନୀତ ଫିଲ୍ମ ୩୯ଅଲ୍ ୱି ଇମାଜିନ୍ ଆଜ୍ ଲାଇଟ୍୩୯ ଦର୍ଶକଙ୍କୁ ଆକର୍ଷିତ କରିବା ସହ ସମ୍ମାନଜନକ ପାଲମେ ଡି୩୯ଓର୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି । ଉଲ୍ଲେଖଯୋଗ୍ୟ, ତିନି ଦଶନ୍ଧି ପରେ କାନ୍ସ ଫିଲ୍ମ ଫେଷ୍ଟିଭାଲ ଅଫିସିଆଲ ସିଲେକ୍ସନର ପ୍ରତିଯୋଗିତା ବିଭାଗରେ ଭାରତୀୟ ଟାଇଟଲ ସ୍ଥାନ ପାଇଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ସିନେମାଟିକ୍ ପରିଦୃଶ୍ୟ ବ୍ରିଟିଶ୍ ଭାରତୀୟ ଫିଲ୍ମ ନିର୍ମାତା ସଂନ୍ଧ୍ୟା ସୂରୀଙ୍କ 'ସନ୍ତୋଷ' ରେ ମାର୍ମିକ କଥା, ଡାଇରେକ୍ଟର୍ସ ଫର୍ଟନାଇଟରେ ଅନ୍ ସର୍ଟନ୍ ରିଗାର୍ଡ଼ ସହିତ କରଣ କନ୍ଧରୀଙ୍କ 'ସିଷ୍ଟର ମିଡନାଇଟ୍' ଏବଂ ଏଲ ସିଡ୍ ରେ ମୈସମ ଅଲିଙ୍କ ସମ୍ମୋହକ 'ଇନ୍ ରିଟ୍ରିଟ' ରେ ସମୃଦ୍ଧ ହୋଇଛି । ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏଫଟିଆଇଆଇ) ଛାତ୍ରଙ୍କ ଚଳଚ୍ଚିତ୍ର ସନଫ୍ଲାୱ୍ୱାର୍ସ ଓୟାର ଫାଷ୍ଟ ୱ୍ୱାନସ ଟୁ ନୋ ସିନେଫ୍ କମ୍ପିଟିଟିଭ୍ ବିଭାଗରେ ଚୟନ କରାଯାଇଛି । କନ୍ନଡ ଭାଷାରେ ନିର୍ମିତ ଏହି କ୍ଷୁଦ୍ର ଚଳଚ୍ଚିତ୍ରକୁ ସମଗ୍ର ବିଶ୍ୱରୁ ମନୋନୀତ କରାଯାଇଥିଲା ଏବଂ ବର୍ତ୍ତମାନ ଏହା ଶେଷ ପର୍ଯ୍ୟାୟରେ ଅନ୍ୟ ୧୭ଟି ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ ।

## ଘରକୁ ଫେରିବା ପରେ କେଜ୍ରିୱ୍ୱାଲଙ୍କୁ କୋଳେଇନେଲେ ମା'



**ନୂଆଦିଲ୍ଲୀ:** ସେ ମା' କିଛି ନକହି ବି ଅନେକ କଥା ତାର ବ୍ୟବହାରରେ ପରିପ୍ରକାଶ କରିପାରେ । ଜାହାର ଜଳ୍‌ୱନ୍ତ ଉଦାହରଣ ଦେଖିବାକୁ ମିଳିଛି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱ୍ୱାଲଙ୍କ ବାସଭବନରେ । ଦୀର୍ଘଦିନ ଜେଲରେ ରହି ଫେରିବା ପରେ କେଜରିୱ୍ୱାଲଙ୍କୁ ପାଛୋଟି ନେଇଛନ୍ତି ତାଙ୍କ ମା । ସ୍ତ୍ରୀ ସୁନିତା କେଜ୍ରିୱ୍ୱାଲଙ୍କ ଗଳାରେ ଫୁଲମାଳ ପକାଉଛନ୍ତି ଆଉ ମା ବନ୍ଦାପନା କରୁଛନ୍ତି । କିଏ କେଜରିୱ୍ୱାଲଙ୍କୁ ଚୋର କହୁଛି, ତ କିଏ ଦୁର୍ନୀତି ଖୋର । ହେଲେ ପରିବାର ଭିତରେ ସେ ସେହି କେଜରିୱ୍ୱାଲ ଯିଏ ସଂଘର୍ଷରୁ ସଫଳତା ହାସଲ କରିଛନ୍ତି । ଆଜି ସେ ଜେଲରୁ ବାହାରି ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଉଦବୋଧନ ଦେବା ପରେ ସିଧା ସଳଖ ଘରକୁ ଫେରିଛନ୍ତି । ଘରଲୋକ ମଧ୍ୟ ସେ କେଉଁ ମାମଲାରେ ଜେଲ ଯାଇଥିଲେ । ସେ ଦୋଷୀ କି ନିର୍ଦ୍ଦୋଷ ସେକଥାକୁ ପଛରେ ପକାଇ ତାଙ୍କୁ ପାଛୋଟି ନେଇଛନ୍ତି ।

# ଚେନ୍ନାଇର ଗୋଡ ଟାଣିଲା ଗୁଜରାଟ



ଅହମ୍ମଦାବାଦ,୧୦।୫(ଏଜେନ୍ସି): ଆଇପିଏଲ୍ ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିସାରିଥିବା ଗୁଜରାଟ ଟାଇଟନ୍ସ ଆଇପିଏଲ୍‌ର ୫୯ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୩୫ ରନ୍‌ରେ ପରାଜିତ କରି ଧମାକାଦାର ବିଜୟହାସଲ କରିଛି । ଗୁଜରାଟର ପ୍ଲେ ଅଫ୍ ଆଶା ମଉଳି ସାରିଥିବାରୁ ଦଳ ଏବେ ଅନ୍ୟ ଦଳର ଗୋଡ ଟାଣିବା କାମ କରିଛି । ଏହି ମ୍ୟାଚ

**ଆଇପିଏଲ୍ ମହାସମର**

ଜିତିଥିଲେ ଚେନ୍ନାଇ ପାଇଁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିବା ସହଜ ହୋଇଥାନ୍ତା । କିନ୍ତୁ ଚେନ୍ନାଇ ମ୍ୟାଚ ହାରିବାରୁ ଅନ୍ୟ ଦଳ ଗୁଡିକର ବିଜୟ ପରାଜୟ ଫଳାଫଳ ଉପରେ ପ୍ଲେ ଅଫ୍‌ସ ଲାଇନ୍ ଅପ୍ ନିର୍ଦ୍ଧାରଣ ହେବ । ଚେନ୍ନାଇ ୧୨ ମ୍ୟାଚରୁ ୧୨ ପଏଣ୍ଟ ହାତେଇଥିବା ବେଳେ ଗୁଜରାଟ ୧୨ ମ୍ୟାଚରୁ ୧୦ ପଏଣ୍ଟ ସାଉଁଟିଛି । ଅହମ୍ମଦାବାଦରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୩ ୱିକେଟ୍ ହରାଇ ୨୩୧ ରନ୍ କରିଥିଲା । ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା ।

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ଅବିଶ୍ୱସନୀୟ ରେକର୍ଡ କରିଥିଲା । ସାଇ ସୁଦର୍ଶନ ଓ ଶୁଭମନ ଗିଲ ପ୍ରଥମ ୱିକେଟ୍ ପାଇଁ ୨୧୦ ରନ୍ ଯୋଡି ବିରଳ ରେକର୍ଡ କରିଛନ୍ତି । ଦୁହେଁ ୧୭.୨ ଓଭରରେ ଏହି ରନ୍ ସଂଗ୍ରହ କରିଥିଲେ । ସାଇ ସୁଦର୍ଶନ ୫୧ ବଲ୍‌ରୁ ୫ ଚୌକା ଓ ୭ ଛକା ସହାୟତାରେ ୧୦୩ ରନ୍ ତଥା ଶୁଭମନ ଗିଲ୍ ୫୫ ବଲ୍‌ରୁ ୯ ଚୌକା ଓ ୬ ଛକା ସହାୟତାରେ ୧୦୪ ରନ୍ କରି ଆଉଟ୍ ହୋଇଥିଲେ । ଡେଥ୍ ଓଭରରେ ଡେଭିଡ ମିଲର ଓ ଶାହରୁଖ ଖାନ୍ ଦ୍ରୁତ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇନଥିଲେ । ମିଲର ୧୧ ବଲ୍‌ରୁ କେବଳ ଗୋଟିଏ ଚୌକା ସହାୟତାରେ ୧୬ ରନ୍ କରିଥିଲେ । ତେଣୁ ଦଳୀୟ ସ୍କୋର ୨୦ ଓଭରରେ ୨୩୧/୩ ରନ୍‌ରେ ପହଞ୍ଚିଥିଲା ।

୨୩୨ ରନ୍‌ର ବିଜୟଲକ୍ଷ୍ୟ ଚେନ୍ନାଇ ପାଇଁ କଷ୍ଟସାଧ୍ୟ ଥିଲା । କାରଣ ଦଳୀୟ ସ୍କୋର ୧୦ ରନ୍ ବେଳେ ଆଗଧାଡିର ୩ ବ୍ୟାଟର ପାଭିଲିୟନ୍ ଫେରିଯାଇଥିଲେ । ଆଜିଙ୍କ୍ୟ ରାହାଣେ ଓ ରଚିନ ରବିନ୍ଦ୍ର ଗୋଟିଏ ରନ୍ ଲେଖାଏଁ କରିଥିବା ବେଳେ ଅଧିନାୟକ ଋତୁରାଜ ରନ୍ ଖାତା ଖୋଲି ପାରି ନ ଥିଲେ । ମଧ୍ୟମକ୍ରମରେ ଡାର୍ଲି ମିଚେଲ ୩୪ ବଲ୍‌ରୁ ୬୩, ମୋଇନ ଅଲ୍ଲୀ ୩୬ ବଲ୍‌ରୁ ୫୬, ଶିବମ ଦୁବେ ୧୩ ବଲ୍‌ରୁ ୨୧, ରବିନ୍ଦ୍ର ଜାଡେଜା ୧୦ ବଲ୍‌ରୁ ୧୮ ରନ୍ କରିବାରୁ ଦଳୀୟ ସ୍କୋର ୨୦୦ ପାଖାପାଖି ପହଞ୍ଚିଥିଲା । ଶେଷ ଭାଗରେ ମହେନ୍ଦ୍ର ସିଂ ଧୋନି ୧୧ ବଲ୍‌ରୁ ୨୬ ରନ୍ ସଂଗ୍ରହ କରିଥିଲେ । ଏହା ସତ୍ତ୍ୱେ ଚେନ୍ନାଇ ୮ ୱିକେଟ୍ ବିନିମୟରେ ୧୯୬ ରନ୍ କରି ବିଜୟଲକ୍ଷ୍ୟଠାରୁ ୩୫ ରନ୍ ପଛରେ ରହିଯାଇଥିଲା । ଗୁଜରାଟର ମୋହିତ ଶର୍ମା ସର୍ବାଧିକ ୩ଟି, ରସିଦ ଖାନ୍ ୨ଟି, ଉମେଶ ଯାଦବ ଓ ସନ୍ଦୀପ ୱାରିୟର୍ସ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ |
| ରାଜସ୍ଥାନ | ୧୧ | ୮ | ୩ | ୧୬ |
| ସନ୍‌ରାଇଜର୍ସ | ୧୨ | ୭ | ୫ | ୧୪ |
| ଚେନ୍ନାଇ | ୧୨ | ୬ | ୬ | ୧୨ |
| ଦିଲ୍ଲୀ | ୧୨ | ୬ | ୬ | ୧୨ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ |
| ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ |
| ଗୁଜରାଟ | ୧୨ | ୫ | ୭ | ୧୦ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ପଞ୍ଜାବ | ୧୨ | ୪ | ୮ | ୮ |

**ଆଜିର ମ୍ୟାଚ**

କୋଲକାତା–ମୁମ୍ବାଇ
ସମୟ: ରାତି ୭.୩୦
ସ୍ଥାନ: ଇଡେନ୍
ପ୍ରସାରଣ: ଷ୍ଟାରନେଟ୍‌ୱର୍କ, ଜିଓ ସିନେମା

# କୋଚ ପଦରୁ ହଟିବେ ଦ୍ରାବିଡ !



ନୂଆଦିଲ୍ଲୀ,୧୦।୫(ଏଜେନ୍ସି): ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ପଦ ପାଇଁ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ । ଏନେଇ ବିସିସିଆଇ ସମ୍ପାଦକ ଜୟଶାହା ସୂଚନା ଦେଇଛନ୍ତି । ୨୦୨୧ ନଭେମ୍ବର ମାସରୁ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ ଥିବା ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ୨୦୨୩ ବିଶ୍ୱକପ୍ ପରେ ସାମୟିକ ଭାବେ ବୃଦ୍ଧି କରାଯାଇଥିଲା । କିନ୍ତୁ ରାହୁଲଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରାଯିବ ନାହିଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି । କାରଣ ମୁଖ୍ୟ କୋଚ୍ ପଦ ପାଇଁ ବିସିସିଆଇ ଆବେଦନପତ୍ର ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ।

ମୁଖ୍ୟ କୋଚ ଦ୍ରାବିଡଙ୍କ କାର୍ଯ୍ୟକାଳ ଜୁନ୍ ମାସରେ ଶେଷ ହେବ । ଏହି ସମୟରେ ଭାରତୀ ଦଳ ଟି–୨୦ ବିଶ୍ୱକପ୍‌ରେ ବ୍ୟସ୍ତ ଥିବ । ବିଶ୍ୱକପ୍ ପରେ ହିଁ ନୂଆ କୋଚ ନିଯୁକ୍ତି କରାଯିବ ବୋଲି ସୂଚନା ମିଳିଛି । ୨୦୨୩ ନଭେମ୍ବରରେ ଦ୍ରାବିଡ ଓ ଭାରତୀୟ ଦଳର ସପୋର୍ଟିଂ ଷ୍ଟାଫଙ୍କ କାର୍ଯ୍ୟକାଳ ସାମୟିକ ଭାବେ ବୃଦ୍ଧି କରାଯାଇଥିଲା । ଏହି କଣ୍ଟ୍ରାକ୍ଟ ୨୦୨୪ ଜୁନ୍‌ରେ ଶେଷ ହେବାକୁଯାଉଛି ।

ଜୟ ଶାହା କହିଛନ୍ତି ଦ୍ରାବିଡ ଚାହିଁଲେ ମୁଖ୍ୟ କୋଚ ପାଇଁ ଆବେଦନ କରିପାରିବେ । କିନ୍ତୁ ପୂର୍ବଭଳି ଆଉ କାର୍ଯ୍ୟକାଳ ଆଉ ବୃଦ୍ଧି କରାଯିବ ନାହିଁ । ସେ କହିଛନ୍ତି ରାହୁଲଙ୍କ କାର୍ଯ୍ୟକାଳ ଜୁନ୍‌ରେ ଶେଷ ହେବ । ନୂଆ ଆବେଦନ ପ୍ରକ୍ରିୟାରେ ଦ୍ରାବିଡ ପୁଣି ଆବେଦନ କରିପାରିବେ । ନୂଆ କୋଚ୍ ଭାରତୀୟ ନା ବିଦେଶୀ କିଏ ହେବେ ସେ କଥା ସ୍ପଷ୍ଟ ହୋଇନାହିଁ । ଏହା କ୍ରିକେଟ୍ ପରାମର୍ଶଦାତା କମିଟି ଉପରେ ନିର୍ଭର କରେ । କ୍ରିକେଟ୍‌ରୁ ୩ଟି ଫର୍ମାଟ ପାଇଁ ଭିନ୍ନ ଭିନ୍ନ କୋଚ ନିଯୁକ୍ତ ଚର୍ଚ୍ଚାକୁ ଜୟ ଶାହା ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଏପରି ନିଷ୍ପତ୍ତି ମଧ୍ୟ ସିଏସି ନେଇଥାଏ । ବିରାଟ କୋହଲି, ରୋହିତ ଶର୍ମା, ରିଷଭ ପନ୍ତଙ୍କ ଭଳି ଅନେକ ଖେଳାଳି ସବୁ ଫର୍ମାଟରେ ଖେଳୁଛନ୍ତି । ଏହା ସହ ଭାରତରେ ସେଭଳି ପରିସ୍ଥିତି ସୃଷ୍ଟି ହେବାର ନାହିଁ ବୋଲି ଜୟ ଶାହା କହିଛନ୍ତି ।

# ଅରବିନ୍ଦ ସ୍ମାରକୀ କ୍ରିକେଟ୍: କ୍ୱାର୍ଟରରେ ବିବିସିଏ

ଭୁବନେଶ୍ୱର,୧୦।୫(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ପ୍ରି–କ୍ୱାର୍ଟରରେ ବିବିସିଏ ଦଳ ୫ ୱିକେଟ୍‌ରେ ଏଲ୍ଏଲ୍‌ସିକୁ ଧରାଶାୟୀ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଏଲ୍ଏଲ୍‌ସିସି ୩୦ ଓଭରରେ ୬ ୱିକେଟ୍ ହରାଇ ୧୨୭ ରନ୍ କରିଥିଲା । ଈଶାନ ମହାପାତ୍ର ସର୍ବାଧିକ ୪୩ ଓ ଆୟନ ନାୟକ ୨୧ ରନ୍ କରିଥିଲେ । ବିବିସିଏ'ର ରାଜେଶ ବିଶ୍ୱାଳ ୬ ଓଭରରେ ୧୬ ରନ୍ ଦେଇ ଦୁଇ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ବିବିସିଏ ୨୮.୨ ଓଭରରେ ୫ ୱିକେଟ୍ ହରାଇ ୧୨୮ ରନ୍ କରିଥିଲା । ହିମାଂଶୁ ସାହୁ ୩୩, ସାଇ ଶଙ୍କର ସେଠୀ ୨୩ ଓ ରାଜେଶ ବିଶ୍ୱାଳ ୧୬ ରନ୍ କରିଥିଲେ । ବୋଲିଂରେ ଏଲଏଲସିସିର ଅମିତେଶ ସାହୁ ସର୍ବାଧିକ ୩ ୱିକେଟ୍ ଅକ୍ତିଆର କରିଥିଲେ । ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ସଦସ୍ୟ ବିବେକାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ ରାଜେଶ ବିଶ୍ୱାଳଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।



## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ରୋ

# କିଟ୍ ମହିଳା ଦଳ ଉପବିଜେତା

ଭୁବନେଶ୍ୱର,୧୦।୫(ସବ୍ୟୁ): କେରଳର କାଲିକଟଠାରେ ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ରୋ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ରନର୍ସଅପ୍ ହୋଇଛି । ନକ୍‌ଆଉଟ୍ ମ୍ୟାଚରେ କିଟ୍ ମହିଳା ଦଳ ପ୍ରତିପକ୍ଷ ଗୋଣ୍ଡୋୱାନା ବିଶ୍ୱବିଦ୍ୟାଳୟ, ଆର୍ଟିଏନ୍ ନାଗପୁର ବିଶ୍ୱବିଦ୍ୟାଳୟ ଏବଂ ଆସାମ ବିଶ୍ୱବିଦ୍ୟାଳୟକୁ ସିଧାସଳଖ ହରାଇ ପୁଲ ଟପ୍ପର ହୋଇଥିଲା । ପୁଲ ପର୍ଯ୍ୟାୟର ଶ୍ରେଷ୍ଠ ୪ଟି ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କିଟ ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ୩–୧ ସେଟ୍‌ରେ ଏବଂ ଏମ୍‌ଜେପି ରୋହିଲ ଖଣ୍ଡ ବିଶ୍ୱବିଦ୍ୟାଳୟ (ବରେଲୀ) ୨–୦ ସେଟ୍‌ରେ ହରାଇଥିବା ବେଳେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଚଣ୍ଡିଗଡ଼ ନିକଟରୁ ୨–୦ ସେଟ୍‌ରେ ପରାଜିତ ହୋଇ ଉପବିଜେତା ହୋଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ, ଉପବିଜେତା କିଟ୍ ମହିଳା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।





SALE SALE SALE

Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


# ଭାରତୀୟ ସିନିୟର ମହିଳା ଭଲିବଲ ଦଳର ମୁଖ୍ୟ କୋଚ୍ ହେଲେ ଲୋତକ ବିନ୍ଦୁ


ଭୁବନେଶ୍ୱର,୧୦।୫(ସବ୍ୟୁ): ଫିଲିପାଇନ୍ସରେ ମେ' ୨୫ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଏସିଆନ୍ ମହିଳା ଭଲିବଲ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ଭାରତ । ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ଲୋତକବିନ୍ଦୁ ଦାଶ ଜାତୀୟ ସିନିୟର ମହିଳା ଦଳର କୋଚ୍ ମନୋନୀତ ହୋଇଛନ୍ତି । ଭଲିବଲ ଫେଡେରେସନ୍ ଅଫ୍ ଇଣ୍ଡିଆର ଆଡହକ୍ କମିଟି ପକ୍ଷରୁ ଏସିଆନ୍ ମହିଳା ଭଲିବଲ ଚାମ୍ପିଅନ୍‌ସିପ୍ ନିମନ୍ତେ ପ୍ରଶିକ୍ଷଣ ତଥା ଚୟନ ଶିବିର ବେଙ୍ଗାଲୁରୁ ସାଇ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଥିଲା । ଏଫ୍‌ଆଇଭିବି ଲେଭୁଲ–୨ କୋଚ୍ ତଥା ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଲୋତକବିନ୍ଦୁ ଦାଶଙ୍କୁ ଜାତୀୟ ଦଳର ମୁଖ୍ୟ କୋଚ ଦାୟିତ୍ୱ ମିଳିଛି । ସେ ଅଧୁନା ପୂର୍ବତଟ ରେଳବାଇରେ ସ୍ପୋର୍ଟ୍ସ ଇନ୍‌ସ୍ପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି । ପୂର୍ବତଟ ରେଳବାଇ ପୁରୁଷ ଭଲିବଲ ଦଳର ସେ କୋଚ ଅଛନ୍ତି । ସେ ବହୁବାର ଓଡ଼ିଶା ପୁରୁଷ ଭଲିବଲ ଦଳର ମୁଖ୍ୟ କୋଚ ଦାୟିତ୍ୱ ତୁଲାଇଛନ୍ତି । ତାଙ୍କ ତତ୍ତ୍ୱାବଧାନରେ ୨୦୨୨ରେ ଅନୁଷ୍ଠିତ ୩୪ତମ ଫେଡେରେସନ୍ କପ୍ ଭଲିବଲ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲା । ବେଙ୍ଗାଲୁରୁ ସ୍ଥିତ ସାଇ ସର୍ଦ୍ଦନ ସେଣ୍ଟରରେ ମେ' ୮ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଜାରି ରହିବ ।


ଭୁବନେଶ୍ୱର କ୍ରୀଡା ଛାତ୍ରବାସର ଲିପିକା ଜେସ ୧୮ ବର୍ଷରୁ କମ୍ ଏସିଆନ୍ ମହିଳା ଭଲିବଲ ଚାମ୍ପିଅନ୍‌ସିପ୍ ନିମନ୍ତେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି ।



# ସେକ୍ରେଟାରିଏଟ୍ ପ୍ରିମିୟର ଲିଗ୍ ୱାରିୟର୍ସ, ଟାଇଟନ୍ସ ବିଜୟୀ

ଭୁବନେଶ୍ୱର,୧୦।୫(ସବ୍ୟୁ): ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ସେକ୍ରେଟାରିଏଟ୍ ମିନି ଷ୍ଟାଡିୟମ୍ ଠାରେ ସେକ୍ରେଟାରିଏଟ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ୱାରିୟର୍ସ ୯ ୱିକେଟ୍‌ରେ ଜାଗୁଆର୍ସକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଜାଗୁଆର୍ସ ୧୦ ଓଭରରେ ୭ ୱିକେଟ୍ ହରାଇ ୮୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଦେବେଶ ସିଂଙ୍କ ଅପରାଜିତ ୪୭ ରନ୍ ଓ ଗିରିଶଙ୍କ ୨୮ ରନ୍ ସହାୟତାରେ ମ୍ୟାଚ ଜିତିଥିଲା ୱାରିୟର୍ସ ଦଳ । ଦ୍ୱିତୀୟ ମ୍ୟାଚରେ ସୁପର ଷ୍ଟାର ଦଳ ସୌମ୍ୟଙ୍କ ଉପଯୋଗୀ ୩୧ ରନ୍ ସହାୟତାରେ ୧୦ ଓଭରରେ ୮ ୱିକେଟ୍ ହରାଇ ୫୬ ରନ୍ କରିଥିଲା । ପ୍ରତି ଉତ୍ତରରେ ଟାଇଟନ୍ସ ଦଳ ସିକନ୍ଦର ଦିଗଲଙ୍କ ୩୩ ରନ୍ ଏବଂ ରଜତଙ୍କ ୧୬ ରନ୍ ସହାୟତାରେ ୪.୫ ଓଭରରେ ୧ ୱିକେଟ୍ ହରାଇ ମ୍ୟାଚ ଜିତିଥିଲା । ଏହି ମ୍ୟାଚକୁ ଅମ୍ପାୟର ଲୁଲୁ ମହାପାତ୍ର ଓ ଅଇନୁଲ ହକ୍ ପରିଚାଳନା କରିଥିଲେ ।



Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ଜାତୀୟ କରାଟେ: ଓଡ଼ିଶାକୁ ଦୁଇ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୦।୫(ସବ୍ୟୁ): ଡେରାଡୁନ୍‌ରେ ଚାଲିଥିବା କ୍ୟାଡେଟ, ଜୁନିୟର, ୨୧ ବର୍ଷରୁ କମ୍ ଓ ବରିଷ୍ଠ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛି । ଭାଲେନା ଭାଲେଣ୍ଟିନା ବ୍ୟକ୍ତିଗତ କାଟାରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଟିମ୍ କାଟାରେ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଏହି ବର୍ଗରେ ଭାଲେଣ୍ଟିନାଙ୍କ ସହ ସୁରୋମିତା ସିହ୍ନା, ଅଫିଫା ପରଭେଜ୍ ଓ ସଞ୍ଚିତା ମହାନ୍ତି ସାମିଲ ଥିଲେ । ଫାଇଟିଂ ଇଭେଣ୍ଟରେ ଓଡ଼ିଶାର ରିତେଶ ରୟ, ସିନିୟର ପୁରୁଷ ୮୪ କିଲୋବର୍ଗରେ ରୌପ୍ୟ ପଦକ ଏବଂ ମହିଳା ୫୫ କିଲୋ ଫାଇଟ୍‌ରେ ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘର ସମସ୍ତ ସଦସ୍ୟ ବିଜୟୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗକୁ ସମସ୍ତ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

# ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ଜୁନିୟର୍ସ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୫(ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍‌ର ଟେନିସ୍ କୋଟରେ ଜେ- ୩୦ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ଜୁନିୟର ପ୍ରତିଯୋଗିତା ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା ଟେନିସ୍ ଆସୋସିଏସନ, ସର୍ବଭାରତୀୟ ଟେନିସ୍ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ ସହାୟତାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଟେନିସ୍ ଆସୋସିଏସନ୍ ସଭାପତି ଅବସରପ୍ରାପ୍ତ ଆଇଏଏସ୍ ଅସିତ ତ୍ରିପାଠୀ, ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଏବଂ ସିଦ୍ଧାର୍ଥ ଦାସ (କ୍ରୀଡା ନିର୍ଦ୍ଦେଶକ) ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

ଆଇଟିଏଫ୍ ସୁପର ଭାଇଜର ପ୍ରବୀଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ୧୧୫ ଜଣ ପ୍ରତିଯୋଗୀ କାନାଡା, ନେପାଳ, ବାଂଲାଦେଶ, ଆମେରିକା ଓ ଭାରତରୁ ଅଂଶଗ୍ରହଣ କରିଥିଲେ । ବାଳକ ସିଙ୍ଗଲ୍ସ ଫାଇନାଲରେ ଭାରତର ପ୍ରନୀଲ ଶର୍ମା ୬–୪, ୭–୫ ସେଟ୍‌ରେ ଦେବାଶିଷ ସାହୁଙ୍କୁ ହରାଇ ଚାମ୍ପିଅନ୍ ହୋଇଛନ୍ତି । ବାଳିକା ସିଙ୍ଗଲ୍ସରେ ଆମେରିକାର ପ୍ରିୟଙ୍କା ରାଣା ୬–୩, ୬–୩ ସିଧାସଳଖ ସେଟ୍‌ରେ ଭାରତର ପ୍ରିଶା ନିଖିଲ ସିନ୍ଧେଙ୍କୁ ହରାଇ ଚାମ୍ପିଅନ୍ ହୋଇଛନ୍ତି । ବାଳିକା ଡବଲ୍ସରେ ଲକ୍ଷ୍ମୀ ଶ୍ରୀ ଧନ୍ଧୁ–ପ୍ରିୟଙ୍କା ରାଣା ଚାମ୍ପିଅନ୍ ହୋଇଥିବା ବେଳେ ବାଳକ ଡବଲ୍ସରେ ଓଜାସ ମେହଲ ୱାଟ୍–ଅଧିରାଜ ଠାକୁର ଚାମ୍ପିଅନ୍ ହୋଇଛନ୍ତି ।





**ସୂଚନା**

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541